


ପାଡିକଲ୍‌ଙ୍କ ପ୍ରଥମ ଟେଷ୍ଟ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-53 ♦MONDAY ♦17 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୫୩ ♦ସୋମବାର ♦୧୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ନାଳ ଖୋଳୁଥିବା ବେଳେ ମିଳିଲା ୮୬ କୋଟିର ସୁନା

■ ଡେଣ୍ଡରମୋଣ୍ଡ, ୧୬।୮ (ଏଜେନ୍ସି): ବେଲଜିୟମରେ ନାଳ ନିର୍ମାଣ ପାଇଁ ମାଟି ଖୋଳୁଥିବା ବେଳେ ୧୮ ବର୍ଷୀୟ ଛାତ୍ରଙ୍କୁ ପ୍ରାୟ ୮୫ କୋଟି ୯୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଭଣ୍ଡାର ମିଳିଛି। ଏଥିରେ ସୁନା ମୁଦ୍ରା, ସୁନା ଖଣ୍ଡ ଓ ଚିହ୍ନିତ ସୁନା ବାର ରହିଛି। ଡେଣ୍ଡରମୋଣ୍ଡ ଅଞ୍ଚଳର ଏକ ପୁରୁଣା ମଦଭାଟି ସ୍ଥଳରେ ନାଳା ପାଇଁ ଖନନ କରୁଥିବା ସମୟରେ ଛାତ୍ର କୋବେ ଓ ତାଙ୍କ ସହକର୍ମୀମାନେ ପ୍ରଥମେ କିଛି ମୁଦ୍ରା ଭଳି ଜିନିଷ ଦେଖିଥିଲେ। ଅଧିକ ଖୋଳିବା ପରେ ଏକ ସୁନା ବାର ମିଳିବାରୁ ସେମାନେ ଚକିତ ହୋଇଥିଲେ। ଏକ ପୁରୁଣା ଭବନର ଇଟାରେ ବନ୍ଦ ତଳଘର କାନ୍ଥ ଭିତରେ ଏହି ସୁନା ଏକ ବ୍ୟାଗରେ ଲୁଚାଇ ରଖାଯାଇଥିଲା। ଭଣ୍ଡାରଟି ପୂର୍ବତନ ମଦଭାଟି ମାଲିକଙ୍କ ପରିବାର ସହ ଜଡ଼ିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଛାତ୍ର ଓ ସହକର୍ମୀମାନେ ତୁରନ୍ତ ପୁଲିସକୁ ଖବର ଦେବା ପରେ ସୁନାକୁ ବ୍ରସେଲ୍ସର ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସୁନା ଚୋରି ହୋଇଥିବା କିମ୍ବା ▶ପୃଷ୍ଠା-୭



# ୧୩ ହଜାର ଫୁଟରେ ତ୍ରିରଙ୍ଗା ଉଡ଼ାଇ ବିଶ୍ୱ ରେକର୍ଡ



■ ଦୁବାଇ, ୧୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ଲିବ୍ୟାର ବେଙ୍ଗାଜୀରେ ଏକ ଅନନ୍ୟ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି। ଏକକାଳୀନ ୬୫ ଜଣ ସ୍କାଏଡାଇଭର୍‌ଙ୍କ ମଧ୍ୟରେ ୟୁଏଇରେ ବାସ କରୁଥିବା ତିନି ଜଣ ଭାରତୀୟ ୧୩,୦୦୦ ଫୁଟ ଉଚ୍ଚତାରୁ ବିମାନରୁ ଡେଇଁ ଆକାଶରେ ଭାରତୀୟ ଜାତୀୟ ପତାକା ଉଡ଼ାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଗତ ୭ ତାରିଖରେ ଅନୁଷ୍ଠିତ ଏହି ଅଭିଯାନରେ ବିଶ୍ୱର ପ୍ରାୟ ୩୮ଟି ଭିନ୍ନଭିନ୍ନ ଦେଶର ଖେଳାଳି ସାମିଲ ହୋଇଥିଲେ। ଏହି ତିନିଜଣ ଭାରତୀୟ ପ୍ରତିନିଧି ହେଲେ କେରଳମ୍‌ର ଜାମସୀର ଥାନାଲୋଟ୍, ଉତ୍ତରପ୍ରଦେଶର ଅଭିଷେକ ରାୱତ ଏବଂ ବିହାରର ଇଶା ରାଜ୍। ଏତେ ଉଚ୍ଚତାରୁ ବଡ଼ ବଡ଼ ଜାତୀୟ ପତାକା ଧରି ଖସିବା ଏବଂ ପାରାଚୁଟ୍ ସହିତ ପତାକା ଅଲଗା ରଖି ନିର୍ଦ୍ଦିଷ୍ଟ କ୍ୟାମେରା ଜୋନ୍‌ରେ ସୁରକ୍ଷିତ ଅବତରଣ କରିବା ଅତ୍ୟନ୍ତ କଠିନ ଥିଲା। କଠିନ ପ୍ରଶିକ୍ଷଣ ଏବଂ ପରୀକ୍ଷାମୂଳକ ଜମ୍ପ ପରେ ଏମାନେ ଏହି ସଫଳତା ହାସଲ କରିଥିଲେ, ଯାହାର ସ୍ୱୀକୃତି ସ୍ୱାଧୀନତା ଦିବସ ପୂର୍ବରୁ ମିଳିଥିଲା। ବିଦେଶରେ ରହି ମଧ୍ୟ ଦେଶର ଗୌରବ ବୃଦ୍ଧି କରିଥିବା ▶ପୃଷ୍ଠା-୭

**ଲଘୁଚାପ ଘନୀଭୂତ**

# ଦୁଇ ଦିନ ବଡ଼ ବର୍ଷା

■ ଭୁବନେଶ୍ୱର, ୧୬।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଆହୁରି ଶକ୍ତିଶାଳୀ ହୋଇ ସୋମବାର ସୁଦ୍ଧା ଅବପାତର ରୂପ ନେବ। ଏବେ ଏହା ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଥିବା ବେଳେ ଏହା ପ୍ରଭାବରେ ଆହୁରି ୨ ଦିନ ଉତ୍ତର ଓଡ଼ିଶାରେ ଭୀଷଣ ବର୍ଷା ଆଶଙ୍କା କରାଯାଇଛି। ଅନ୍ୟପଟେ ଗୋଟିଏ ଲଘୁଚାପ ନ ଯାଉଣୁ ପଛକୁ ପଛ ଲଘୁଚାପ ଆଶଙ୍କା ଜାରି ରହୁଥିବାରୁ ମାସ ଶେଷ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାବାସୀ ବନ୍ୟା ଦାଉରୁ ରକ୍ଷା ପାଇବାର ସମ୍ଭାବନା କ୍ଷୀଣ ରହିଛି। କାରଣ ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ ଆଶଙ୍କା ରହିଥିବାରୁ ରାଜ୍ୟରେ ବର୍ଷାର ଆଶଙ୍କା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି।

ପାଣିପାଗ କେନ୍ଦ୍ର କହିଛି ଆସନ୍ତାକାଲି ଅର୍ଥାତ ଅଗଷ୍ଟ ୧୭ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ରହିଛି। ଲଘୁଚାପ ଅବପାତର ରୂପ ନେବା ହେତୁ ଅତି ଭୀଷଣ ବର୍ଷା ପାଇଁ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଭଦ୍ରକ, ଢେଙ୍କାନାଳ,

**ଆଜି ଉତ୍ତର ଓଡ଼ିଶାର ୩ ଜିଲ୍ଲାକୁ ରେଡ୍ ଆଲର୍ଟ**

**ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ**

ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ଜଗତସିଂହପୁର, ଖୋରଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ▶ପୃଷ୍ଠା-୭

## ବିପଦ ସଙ୍କେତ ଟପିଲା ବୈତରଣୀ, ସାଳନ୍ଦୀ



■ ଭଦ୍ରକ, ୧୬।୮ (ସମିସ): ଭଦ୍ରକ ଜିଲ୍ଲାରେ ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଶନିବାର ରାତିରୁ ଉଭୟ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ରବିବାର ସକାଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ରାଜଘାଟଠାରେ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବାବେଳେ ରବିବାର ଅପରାହ୍ଣ ୧ଟା ସୁଦ୍ଧା ନଦୀର ଜଳସ୍ତର ୧୮.୩୬ ମିଟର ରହିଛି। ଫଳରେ ଏଠାରେ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ଅଧିକ ରହିଛି। ସେହିପରି ରାଜଘାଟଠାରେ ସାଳନ୍ଦୀ ନଦୀର ବିପଦ ସଙ୍କେତ ୧୭ ଫୁଟ୍ ରହିଥିବାବେଳେ ଅପରାହ୍ଣ ୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୬.୯୦ ଫୁଟ୍‌ରେ ପ୍ରବାହିତ ହେଉଥିଲା। ରାତିରୁ ବର୍ଷା ଲାଗି ରହିଥିବାରୁ ଉଭୟ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ବୈତରଣୀ ନଦୀରୁ କଣ୍ଟିଘାଇ ଏସ୍‌କେପ୍, ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍‌କେପ୍ ▶ପୃଷ୍ଠା-୭

**ପଶ୍ଚିମବଙ୍ଗ ରାଜନୀତିରେ କମ୍ପନ**

# ପୂର୍ବତନ ମନ୍ତ୍ରୀଙ୍କ ଆତ୍ମହତ୍ୟା

■ କୋଲକାତା, ୧୬।୮ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଯାଇଛି ପ୍ରତିଶୋଧର ଖେଳ। ପ୍ରଥମ ଥର ଲାଗି କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମୁଖ୍ୟ ବିରୋଧୀ ଦଳ ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ଟାର୍ଗେଟ କରି ଚାଲିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ମମତାଙ୍କ ସମେତ ଅନେକ ଦଳୀୟ ନେତାଙ୍କୁ ଆକ୍ରମଣ କରାଯାଉଛି। ଟିଏମ୍‌ସିରେ ବିଭାଜନ ପରେ ଏବେ ଏହାର ନେତାଙ୍କୁ ବିଭିନ୍ନ ମାମଲାରେ ଗିରଫ କରାଯାଉଛି। ଏହାକୁ ନେଇ ରାଜ୍ୟରେ ଆତଙ୍କଜନକ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟିଏମ୍‌ସିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀ ଆଜି ଆତ୍ମହତ୍ୟା କରିଛନ୍ତି। ସେ କେବେହେଲେ ଦୁର୍ନୀତି କରିନାହାନ୍ତି ଏବଂ ସେ ନିର୍ଦ୍ଦୋଷ ବୋଲି ତାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ମିଳିଛି। ଏହାକୁ ନେଇ ରାଜ୍ୟ ରାଜନୀତିରେ ପ୍ରଚଣ୍ଡ କମ୍ପନ ସୃଷ୍ଟି ହୋଇଛି। ଜଣେ ପୂର୍ବତନ ମନ୍ତ୍ରୀ ଆତ୍ମହତ୍ୟା କରିବା ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ବାନାର୍ଜୀଙ୍କ ଆତ୍ମହତ୍ୟା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଦାୟୀ କରି



**ଟିଏମ୍‌ସି କାର୍ଯ୍ୟାଳୟରୁ ମିଳିଲା ଝୁଲନ୍ତା ମୃତଦେହ**

**ବିଜେପି ସରକାରକୁ ଦାୟୀକଲେ ମମତା**

ତାଙ୍କ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। ସେ ଜଣେ ସଚ୍ଚୋଟ ବ୍ୟକ୍ତି ଥିଲେ ଏବଂ ପ୍ରଶାସନିକ ଅତ୍ୟାଚାର ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ▶ପୃଷ୍ଠା-୭

**ବର୍ଷା ଓ ବନ୍ୟା ତାଣ୍ଡବ**

# ସୁଅ ମୁହଁରେ ଉତ୍ତର ଓଡ଼ିଶା

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତରଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ପୁଣି ଲଘୁଚାପ ଜନିତ ବର୍ଷା କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ପାଇଁ ବିପଦ ସୃଷ୍ଟି କରିଛି। ୩ ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଏହି ସମୟରେ ପୁଣି ଲଘୁଚାପଜନିତ ବର୍ଷା ପରିସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର କରିଛି। ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟି ରଖି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାର ସବୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ସେହିପରି ସବୁ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି ଏବଂ ପ୍ରଶାସନକୁ ସତର୍କ ରହିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ସରକାର ୩ ଜିଲ୍ଲାକୁ ୩ ଜଣ ଆଇଏଏସ୍ ଅଧିକାରୀଙ୍କୁ ବନ୍ୟା ପରିଚାଳନା ଓ ରିଲିଫ୍ ଆଦିର ତଦାରଖ ପାଇଁ ▶ପୃଷ୍ଠା-୭

**୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ**

**ଅନ୍ଧାରରେ ୭୫୦୦୦ ବିଜୁଳି ଉପଭୋକ୍ତା**

**୪ ଜିଲ୍ଲାରେ ସବୁ ସ୍କୁଲକୁ ଛୁଟି ଘୋଷଣା**

**ତଦାରଖ କରିବାକୁ ଗଲେ ୩ ଆଇଏଏସ୍**

**ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ**

**ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ**

## ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଟି ଜିଲ୍ଲାରେ ବନ୍ୟା ସ୍ଥିତି ସମୀକ୍ଷା କରିବେ। ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅନ୍ୟପଟେ ସୋମବାର ଲଘୁଚାପଟି ଅବପାତର ରୂପ ନେବାକୁ ଥିବାରୁ ଏହି ଜିଲ୍ଲାରେ ପାଗ ଖରାପ ରହିବାର ଆଶଙ୍କା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ମାଧ୍ୟମରେ ଗସ୍ତ କରିବେ କି ସ୍ଥଳପଥରେ ଯେବି ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ପାଗ ଦେଖି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

# ୧୦୦ ମିଟର ଧସିଲା ଜାତୀୟ ରାଜପଥ

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୬।୮ (ସମିସ): ଲଗାଣ ବର୍ଷାରେ ଧସିଲା ଚଣ୍ଡିଖୋଲ- ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ। ମାର୍ଶାଘାଇ ଥାନା ଅନ୍ତର୍ଗତ ନୀଳାଞ୍ଚଳ ଛକ ନିକଟରେ ରବିବାର ସକାଳ ୮ଟା ସମୟରେ ନିର୍ମାଣାଧୀନ ରାଜପଥର ଏକ ବଡ଼ ଅଂଶ ହଠାତ୍ ଧସିଯାଇଥିଲା। ରାସ୍ତାକଡ଼ରେ ଠିଆ ହୋଇଥିବା ତିନୋଟି ଖାଲି ଟ୍ରକ୍ ମଧ୍ୟ ମାଟି ଧସିବା ସହ ଚାଷଜମି ଭିତରକୁ ଗଳିପଡ଼ିଛି। ଧସିଥିବା ଟ୍ରକ୍‌ଗୁଡ଼ିକ ମଧ୍ୟରେ ଗୋଟିଏ ୧୨ ଚକିଆ, ଗୋଟିଏ ୧୪ ଚକିଆ ଏବଂ ଗୋଟିଏ ୧୬ ଚକିଆ ଟ୍ରକ୍ ରହିଛି। ଟ୍ରକ୍‌ଗୁଡ଼ିକରେ ସେତେବେଳେ କେହି ନଥିବାରୁ ଏକ ବଡ଼ ଧରଣର ଜୀବନହାନି ଅଘଟଣରୁ ବର୍ତ୍ତିଯାଇଛି।

**ଚାଷଜମିକୁ ଖସିପଡ଼ିଲା ୩ ଟ୍ରକ୍**

**୮୦୦ କୋଟିର ପ୍ରକଳ୍ପ ମାନକୁ ନେଇ ଉଠିଲା ପ୍ରଶ୍ନ**

**ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଅଟକ**



ସ୍ଥାନୀୟ ସୂଚନା ଅନୁସାରେ, ନୀଳାଞ୍ଚଳ ଛକ ନିକଟରେ ପ୍ରାୟ ୫୦ରୁ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଧସିଥିବା ବେଳେ ନବନିର୍ମିତ ପିଚୁ ରାସ୍ତାର ପ୍ରାୟ ଅଢ଼େଇରୁ ୩ ମିଟର ଅଂଶ ମଧ୍ୟ ଭୁଶୁଡ଼ି ପଡ଼ିଛି। ଫଳରେ ଏହି ▶ପୃଷ୍ଠା-୭

# ଜଗା ଦର୍ଶନ ବେଳେ ଟଳିପଡ଼ିଲେ ବୃଦ୍ଧ

■ ପୁରୀ, ୧୬।୮ (ସମିସ): ଜଗନ୍ନାଥ ଦର୍ଶନ ହିଁ ହୋଇଗଲା ଶେଷ ଦର୍ଶନ। ମହାପ୍ରଭୁଙ୍କୁ ନୟନ ଭରି ଦେଖିବା ପରେ ଶ୍ରୀକ୍ଷେତ୍ରରେ ଚାଲିଗଲା ଜଣେ ୭୫ ବର୍ଷୀୟ ଶ୍ରଦ୍ଧାଳୁଙ୍କ ଜୀବନ। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବିଞ୍ଝାରପୁରର ନୀଳକଣ୍ଠ ଦାସ। ବର୍ତ୍ତମାନ ସେ କୋଲକାତା ଚାନ୍ଦିନୀ ମାର୍କେଟ୍ ନିକଟରେ ପରିବାର ସହ ରହୁଥିଲେ। ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ସେ ପୁରୀ ଆସିଥିଲେ। ଶନିବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ନୀଳକଣ୍ଠ ତାଙ୍କ ପତ୍ନୀ ଓ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରେ ପ୍ରବେଶ କରିଥିଲେ। ବାହାର କାଠ ଦର୍ଶନ କରି ହୁଣ୍ଡି ନିକଟରେ ଠାକୁରଙ୍କୁ ପ୍ରଣାମ କରୁଥିବାବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ ଓ ଶ୍ରଦ୍ଧାଳୁମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ତାଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ନୀଳକଣ୍ଠଙ୍କର ପୂର୍ବରୁ ହୃଦ୍‌ଘାତଜନିତ ସମସ୍ୟା ରହିଥିଲା ଏବଂ ସେ ଔଷଧ ଖାଉଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ତାଙ୍କର ବହୁଦିନର ଇଚ୍ଛା ଥିଲା। ଏହି ଖବର ପରେ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହେଉଛି ଯେ ମହାପ୍ରଭୁଙ୍କ ଦର୍ଶନ ପରେ ଦେହ ତ୍ୟାଗ କରିବା ତାଙ୍କ ପାଇଁ ସବୁଠୁ ବଡ଼ ସୌଭାଗ୍ୟ। ଘଟଣା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

**ହସ୍ପିଟାଲରେ ମୃତ ଘୋଷଣା କଲେ ଡାକ୍ତର**

# ବିଦ୍ୟୁତ୍ ତାରରେ ପତାକା ଖୁଣ୍ଟ ଲାଗି ଶିକ୍ଷକ ମୃତ

■ ସିମୁଳିଆ, ୧୬।୮ (ସମିସ): ସ୍ୱାଧୀନତା ଦିବସ ପାଳନବେଳେ ଶନିବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଥିସହ ୩ଜଣ ଛାତ୍ର ଆହତ ହୋଇଛନ୍ତି। ମୃତ ଶିକ୍ଷକ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ରୟାଲ ହାଇସ୍କୁଲ ଓ ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ପ୍ରିୟବ୍ରତ ବେହେରା (୨୪)।

ସିମୁଳିଆ ବ୍ଲକ ମଇତାପୁରଠାରେ ଥିବା ରୟାଲ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପତାକା ଉତ୍ତୋଳନ ପାଇଁ ଶିକ୍ଷକ ପ୍ରିୟବ୍ରତ ବେହେରା (୨୪) ପତାକା ଷ୍ଟାଣ୍ଡରେ ଲୁହା ପାଇପ୍ ପୋତିବା ପାଇଁ ଆଣୁଥିବାବେଳେ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ବିଦ୍ୟୁତ୍ ଆଘାତରେ ତିନ ଜଣ ଛାତ୍ର ନବମ ଶ୍ରେଣୀର ମୃତ୍ୟୁଞ୍ଜୟ ସାହୁ ଓ ଅଷ୍ଟମ ଶ୍ରେଣୀର ଚିରାଗ ନାୟକ, ଗୌରବ ମଲ୍ଲିକ, ଦଶମ ଶ୍ରେଣୀ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଶିକ୍ଷକ ପ୍ରିୟବ୍ରତ ବେହେରାଙ୍କର ଘର ବାଲିଆପାଳ ଅଞ୍ଚଳର ବୋଲି ଜଣାପଡ଼ିଛି।

# ଓଡ଼ିଶାରୁ ହଜିଯିବ ଜଙ୍ଗଲ ଅସ୍ତିତ୍ୱ

## ୩ ବର୍ଷରେ ୧୦,୦୦୦ ହେକ୍ଟର ଜଙ୍ଗଲ ଜମି ଲିଜ୍

■ ଭୁବନେଶ୍ୱର, ୧୬।୮ (ସମିସ): ସାରା ବିଶ୍ୱ ପରି ଓଡ଼ିଶା ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବରେ ପ୍ରଭାବିତ। ପ୍ରଚଣ୍ଡ ଖରା, ବାଦଲଫଟା ବର୍ଷା, ସାମୁଦ୍ରିକ ଝଡ଼ ଆଦି ଓଡ଼ିଶା ପାଇଁ ସବୁବେଳେ ଆହ୍ୱାନ ସୃଷ୍ଟି କରି ଆସିଛି। ଏଥିପାଇଁ ପ୍ରକୃତି ଓ ପରିବେଶ ସଂରକ୍ଷଣ ପାଇଁ ସବୁବେଳେ ପରିବେଶବିତ୍ ଓ ବୈଜ୍ଞାନିକମାନେ ପରାମର୍ଶ ଦେଇ ଆସୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶା ଉପରେ ଏହି ପରାମର୍ଶର କୌଣସି ପ୍ରଭାବ ପଡ଼ିନାହିଁ। ରାଜ୍ୟର ପ୍ରାକୃତିକ ସମ୍ପଦ ଓ ଜଙ୍ଗଲକୁ ବଞ୍ଚାଇବା ପାଇଁ ହେଉଥିବା ସମସ୍ତ ଦାବି ଏବଂ ଆହ୍ୱାନ ଭିତରେ ଜଙ୍ଗଲ ଉପରେ ବଢୁଥିବା ଭୟାବହ ଚାପର ପ୍ରକୃତ ଚିତ୍ର ସାମ୍ନାକୁ ଆଣିଛି କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଏକ ତଥ୍ୟ। ଏହି ରିପୋର୍ଟ ଅନୁସାରେ ଗତ ତିନି ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୋଟ ୧୦,୦୯୮.୯୯ ହେକ୍ଟର ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଅନୁମୋଦନ ମିଳିଛି। ଏହାମଧ୍ୟରୁ ୯୦ ପ୍ରତିଶତ କେବଳ ଖଣି ଓ ଶିଳ୍ପ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ବିଡ଼ମ୍ବନା ହେଉଛି, ଏହି ଜଙ୍ଗଲ ଜମି ଲିଜ୍ କେବଳ ଏକ ପରିସଂଖ୍ୟାନଗତ ତଥ୍ୟ ନୁହେଁ; ବରଂ ରାଜ୍ୟର ପରିବେଶ ଏବଂ ଜୈବ ବିବିଧତା ଉପରେ ସବୁଠାରୁ ବଡ଼ ଆଘାତ ବୋଲି ମନେ କରାଯାଉଛି।

**ଲିଜ୍ ପ୍ରଦାନରେ ସାରା ଦେଶରେ ଓଡ଼ିଶା ୨ୟ**

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଗତ ୩ ବର୍ଷ ମଧ୍ୟରେ ସାରା ଦେଶରେ ୮୨,୮୧୭.୯୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ପ୍ରଦାନ କରାଯାଇଛି। ଏହାମଧ୍ୟରୁ କେବଳ ଓଡ଼ିଶାର ଅଂଶ ରହିଛି ପ୍ରାୟ ୧୨.୨ ପ୍ରତିଶତ। ମଧ୍ୟପ୍ରଦେଶରେ ୨୨,୦୨୭.୦୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକୁ ଯାଇଥିବାବେଳେ ଓଡ଼ିଶା ୧୦,୦୯୮.୯୯ ହେକ୍ଟର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅରୁଣାଚଳ ପ୍ରଦେଶ (୭,୮୨୮.୩୧ ହେକ୍ଟର), ଝାଡ଼ଖଣ୍ଡ (୬,୧୯୯.୪୧ ହେକ୍ଟର) ଏବଂ ମହାରାଷ୍ଟ୍ର (୫,୨୮୨.୧୮ ହେକ୍ଟର) ଭଳି ବଡ଼ ବଡ଼ ଜଙ୍ଗଲ ସମୃଦ୍ଧ ରାଜ୍ୟଗୁଡ଼ିକୁ ପଛରେ ପକାଇ ଓଡ଼ିଶା ଏହି ତାଲିକାର ଶୀର୍ଷରେ ପହଞ୍ଚିବା ରାଜ୍ୟବାସୀଙ୍କ ପାଇଁ ଏକ ଚିନ୍ତାଜନକ ଓ ନକାରାତ୍ମକ। ▶ପୃଷ୍ଠା-୭

## ନିଷିଦ୍ଧ ପାନ ମସଲା ବିଜ୍ଞାପନ

# ଶାହରୁଖ, ଅଜୟ, ଟାଇଗରଙ୍କୁ ନୋଟିସ



ମୁମ୍ବାଇ,୧୬।୮ (ଏଜେନ୍ସି): ନିଷିଦ୍ଧ ପାନ ମସଲାର ପରୋକ୍ଷ ପ୍ରଚାର କରୁଥିବା ଅଭିଯୋଗରେ ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ପକ୍ଷରୁ ଲୋକପ୍ରିୟଅଭିନେତା ଅଜୟଦେବଗନ, ଶାହରୁଖ ଖାନ ଏବଂ ଟାଇଗର ଶ୍ରଫଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଳେଇଚ ନାମରେ ଏହି ଅଭିନେତାମାନେ ଏକ ବାରଣ ହୋଇଥିବା ପାନ ମସଲା ବ୍ରାଣ୍ଡର ପ୍ରଚାର କରୁଥିବା ବିଭାଗ ଅଭିଯୋଗ କରିଛି । ଖାଦ୍ୟ ନିରାପତ୍ତା ଆଇନ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେନେଇ ଆସନ୍ତା ପନ୍ଦର ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର କହିବା ଅନୁଯାୟୀ, ଏହି ବିଜ୍ଞାପନ ଦର୍ଶକଙ୍କୁ ବିଭ୍ରାନ୍ତ କରୁଛି ଏବଂ ପରୋକ୍ଷ ଭାବରେ ରାଜ୍ୟରେ ନିଷିଦ୍ଧ ଥିବା ତମାଖୁ ଜାତୀୟ ଦ୍ରବ୍ୟକୁ ପ୍ରୋତ୍ସାହନ ଦେଉଛି । ବିଭ୍ରାନ୍ତିକର ଖାଦ୍ୟ ବିଜ୍ଞାପନ ପ୍ରସାରଣ କଲେ ଆଇନ ଅନୁଯାୟୀ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିଛି । ଏହି କାରଣରୁ ପ୍ରଶାସନ ପକ୍ଷରୁ ଅଭିନେତାମାନଙ୍କ ଚୁକ୍ତିନାମା, ପାରିଶ୍ରମିକ ବିବରଣୀ ଏବଂ ପ୍ରଚାର ସମ୍ବନ୍ଧୀୟ ସମସ୍ତ କାଗଜପତ୍ରର ନକଲ ମାଗିବା ସହ ଘଟଣାର କଡ଼ା ତଦନ୍ତ କରାଯାଉଛି ।

# ବାରାଣସୀ ବିମାନଘାଟୀରେ ଯାଞ୍ଚ ବେଳେ ଯାତ୍ରୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି

ବାରାଣସୀ,୧୬।୮ (ଏଜେନ୍ସି): ରବିବାର ଦିନ ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ବିମାନବନ୍ଦରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅସ୍ତ୍ରଶସ୍ତ୍ର ଯାଞ୍ଚ କରାଯାଉଥିବା ସମୟରେ ଜଣେ ଯାତ୍ରୀଙ୍କ ପିସ୍ତଲରୁ ହଠାତ୍ ଗୁଳି ଫୁଟିଯିବାରୁ ଦୁଇ ଜଣ ବିମାନବନ୍ଦର କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜମଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ସହ ଏକ ଯାତ୍ରୀବାହୀ ବିମାନ ଯୋଗେ ମୁମ୍ବାଇ ଯିବାକୁ ପ୍ରସ୍ତୁତ ହେଉଥିଲେ । ସେ ନିଜ ପାଖରେ ଏକ ପିସ୍ତଲ ଏବଂ ମାଗାଜିନ୍ ରଖିଥିଲେ, ଯାହା ବିଷୟରେ ସେ ବିମାନରେ ବସିବା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଘୋଷଣା ମାଧ୍ୟମରେ ଜଣାଇଥିଲେ । ବାରାଣସୀ ବିମାନବନ୍ଦରର ନିର୍ଦ୍ଦେଶକ ପୁନୀତ ଗୁପ୍ତାଙ୍କ କହିବା ଅନୁସାରେ, ସକାଳ ପ୍ରାୟ ସାଢେ ନଅଟା ସମୟରେ ବନ୍ଧୁକ ଏବଂ ଏହାର କାଗଜପତ୍ରର ଯାଞ୍ଚ ପ୍ରକ୍ରିୟା ଚାଲିଥିଲା । ସେହି ସମୟରେ ଅସ୍ତ୍ରଶସ୍ତ୍ରର ମାଲିକ ଏବଂ ବିମାନବନ୍ଦର କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ । ଯାଞ୍ଚ ବେଳେ ଯାତ୍ରୀଙ୍କ ହାତରୁ ଅସାବଧାନତାବଶତଃ ଗୁଳି ଫୁଟି ଯାଇଥିଲା । ଗୁଳିଟି ପ୍ରଥମେ ତଳ ଚଟାଣରେ ବାଜିବା ପରେ ପାଖରେ ଛିଡ଼ା ହୋଇଥିବା ଦୁଇ ଜଣ ସୁରକ୍ଷା ଯାଞ୍ଚ କର୍ମଚାରୀଙ୍କ ଦେହରେ ବାଜିଥିଲା । ଏହି ଦୁର୍ଘଟଣାରେ ଜଣେ ମହିଳା କର୍ମଚାରୀଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣେ ପୁରୁଷ କର୍ମଚାରୀଙ୍କ ହାତରେ ଆଘାତ ଲାଗିଛି । ଘଟଣା ପରେ ତୁରନ୍ତ ଉଭୟ ଆହତଙ୍କୁ ଉଦ୍ଧାର କରାଯାଇ ପାଖରେ ଥିବା ନ୍ୟୁ ଲକ୍ଷ୍ମୀ ଟ୍ରମା ସେଣ୍ଟର ନାମକ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ଉଭୟ ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ଡାକ୍ତରମାନେ ସେମାନଙ୍କର ଉପଯୁକ୍ତ ଚିକିତ୍ସା କରୁଛନ୍ତି ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ବ୍ରିଟେନ ରାଜାଙ୍କ ରୟାଲ ଗାର୍ଡେନ୍ ପାର୍ଟିକୁ ଆମନ୍ତ୍ରିତ ହେଲେ ବିହାରୀ ରୋଷେୟା

ଲଣ୍ଡନ,୧୬।୮ (ଏଜେନ୍ସି): ବିହାରର ମୋତିହାରୀରେ ଜନ୍ମଗ୍ରହଣ କରିଥିବା ପ୍ରସିଦ୍ଧ ରୋଷେୟା ନନ୍ଦ କିଶୋର ଯାଦବ ବ୍ରିଟେନର ଏଡିନବରେ ରାଜା ଚାର୍ଲ୍ସ ତୃତୀୟ ଏବଂ ରାଣୀ କାମିଲାଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ରୟାଲ ଗାର୍ଡେନ୍ ପାର୍ଟିରେ ଯୋଗଦେଇଛନ୍ତି । ସ୍କଟଲ୍ୟାଣ୍ଡର ପାଲେସ୍ ଅଫ୍ ହୋଲିରୁଡ୍ ହାଉସ୍‌ରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କର ରୋଷେଇ କଳା, ଭାରତୀୟ ମୂଳଦୁଆ ଏବଂ ବ୍ରିଟେନରେ ସମାଜସେବା ପାଇଁ ତାଙ୍କୁ ଏହି ନିମନ୍ତ୍ରଣ ମିଳିଛି । ୧୯୯୯ ମସିହାରୁ ନିଜର ରୋଷେଇ ଯାତ୍ରା ଆରମ୍ଭ କରିଥିବା ନନ୍ଦ ଭାରତ, ଆମେରିକା ଏବଂ ବ୍ରିଟେନର ବିଭିନ୍ନ ବିଶ୍ୱବିଖ୍ୟାତ ରୋଷେଇଘର ତଥା ଗର୍ଡନ୍ ରାମସେଙ୍କ ସହିତ କାମ କରିସାରିଛନ୍ତି । ବର୍ତ୍ତମାନ ସେ ଲଣ୍ଡନ ନିକଟସ୍ଥ ହୋଲିପୋର୍ଟରେ 'ଦି ହ୍ୱାଇଟ୍ ହାର୍ଟ' ନାମକ ଏକ ପ୍ରସିଦ୍ଧ ପବ୍ ଏବଂ 'ନିନାୟା କ୍ୟାଟରିଂ' ପରିଚାଳନା କରିବା ସହ ନିଜର 'ମିଶନ ପସିବଲ୍' ମାଧ୍ୟମରେ ବିଭିନ୍ନ ସମାଜସେବା ଏବଂ ଚାରିଟି କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି । ବିହାରର ଏକ ସାଧାରଣ ପରିବାରରୁ ଆସି ବ୍ରିଟେନର ରାଜପରିବାରଠାରୁ ସମ୍ମାନିତ ହେବା ତାଙ୍କର ଦୀର୍ଘ ୨୫ ବର୍ଷର କଠିନ ପରିଶ୍ରମ ଏବଂ ଭାରତୀୟ ସଂସ୍କୃତି ପାଇଁ ଏକ ଗୌରବର ବିଷୟ ଅଟେ ।

## ହଙ୍ଗେରୀରେ ଓଲଟିଲା ପର୍ଯ୍ୟଟକ ବସ୍, ୧୨ ମୃତ

ବୁଦାପେଷ୍ଟ,୧୬।୮ (ଏଜେନ୍ସି): ହଙ୍ଗେରୀର ପୂର୍ବ ପ୍ରାନ୍ତରେ ଏକ ପୁଲିସ ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ ଜଣରୁ ଅଧିକ ଆହତ ହୋଇଛନ୍ତି । ରବିବାର ସକାଳେ ହଙ୍ଗେରୀର ମେଜୋକେରେସ୍ଟ୍ ସହର ନିକଟସ୍ଥ ଏମ୍-୩ ମେନ୍ ରୋଡ୍‌ରେ ପୁଲିସ ପଞ୍ଜିକୃତ ଏକ ବସ୍ ଯାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ଏକ ଗାତ ଭିତରକୁ ଖସି ପଡ଼ିଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗାଡ଼ି ଚାଳକଙ୍କୁ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଛି । ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଏବଂ ଦୁଇ ଜଣ ଡ୍ରାଇଭର ଥିଲେ । ଏହି ଦୁର୍ଘଟଣାକୁ ନେଇ ପୋଲାଣ୍ଡ ଏବଂ ହଙ୍ଗେରୀର ଶୀର୍ଷ ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୁଲିସ ବସ୍ ଡ୍ରାଇଭରକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି ।

## ପତ୍ନୀଙ୍କୁ ଯବାନଙ୍କ ହତ୍ୟା

ହୋସିଆରପୁର,୧୬।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁର ଜିଲ୍ଲାରେ ଛୁଟିରେ ଆସିଥିବା ଜଣେ ସୀମା ସୁରକ୍ଷା ବଳ ଯବାନ ନିଜ ପତ୍ନୀଙ୍କୁ ନିର୍ମମ ଭାବେ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ପତ୍ନୀ ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ନେଇ ଯବାନ ଜଣକ ଜାଲ ରଚି ପରିବାରକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ । ପ୍ରାୟ ୧୨ ବର୍ଷ ପୂର୍ବେ ବିବାହ କରିଥିବା ରମା ନାମକ ମହିଳାଙ୍କ ସ୍ୱାମୀ ଅମରଜିତ ସିଂହ ବିଏସଏଫରେ ଯବାନ ଅଛନ୍ତି । ଅଗଷ୍ଟ ୧୩ ରାତିରେ ସେ ଘରକୁ ଆସିବା ପରେ ପତ୍ନୀଙ୍କୁ ମାଡ଼ପିଟ୍ କରିଥିଲେ । ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା । ପରଦିନ ଭୋର ସମୟରେ ରମାଙ୍କ ପରିବାରକୁ ସେ ଛାତରୁ ଖସିପଡ଼ିଥିବା କଥା କହି ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତରଖାନାରେ ପହଞ୍ଚି ମୃତଦେହରେ ଅନେକ ଆଘାତ ଚିହ୍ନ ଦେଖିବା ପରେ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା । ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅମରଜିତ ସିଂହଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଜଣ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି ।

## ଭାରତ ଗସ୍ତ ଲାଗି ବାଂଲା ପ୍ରଧାନମନ୍ତ୍ରୀଙ୍କ ସର୍ତ୍ତ

# ପ୍ରଥମେ ହସିନାଙ୍କୁ ହସ୍ତାନ୍ତର କର



ଢାକା,୧୬।୮ (ଏଜେନ୍ସି): ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ପ୍ରସ୍ତାବିତ ଭାରତ ଗସ୍ତକୁ ନେଇ କୂଟନୈତିକ ସ୍ତରରେ ଅନିଶ୍ଚିତତା ଦେଖାଦେଇଛି । ବାଂଲାଦେଶ ସରକାର ରବିବାର ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବା ଆବଶ୍ୟକ ଏବଂ ଏହି ପରିବେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ସହ ସିଧାସଳଖ ଜଡ଼ିତ । ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୨ ଓ ୧୩ରେ ଭାରତରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବାକୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ରହମାନଙ୍କୁ ଭାରତ ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ତେବେ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଶାହିଦୁଲ କରିମ କହିଛନ୍ତି ଯେ, ଗତ ଅଗଷ୍ଟ ୫ରେ ନୂଆଦିଲ୍ଲୀରୁ ଶେଖ୍ ହାସିନାଙ୍କ ଭର୍ଚୁଆଲ୍ ସାମ୍ବାଦିକ ସମ୍ମିଳନୀ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ସୃଷ୍ଟି କରିଛି । ଢାକା ଅଭିଯୋଗ କରିଛି ଯେ, ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଭାରତୀୟ ମାଟିରୁ ରାଜନୈତିକ ବୟାନବାଜି କରିବାକୁ ସୁଯୋଗ ମିଳିବା ଦୁର୍ଭାଗ୍ୟଜନକ । ୨୦୨୪ ଅଗଷ୍ଟରେ ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ଶେଖ୍ ହାସିନା ଭାରତକୁ ପଳାଇ ଯାଇଥିଲେ । ୨୦୨୫ ନଭେମ୍ବରରେ ବାଂଲାଦେଶର ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଏହା ସହିତ ଛାତ୍ର ନେତା ଓସମାନ ହାଦିଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମଧ୍ୟ ଫେରାଇ ଆଣିବାକୁ ବାଂଲାଦେଶ ଦାବି କରିଛି । ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ହାସିନାଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଆନୁଷ୍ଠାନିକ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଉଛି । ହାସିନାଙ୍କ ସାମ୍ବାଦିକ ସମ୍ମିଳନୀରେ ଭାରତ ସରକାରଙ୍କ କୌଣସି ଭୂମିକା ନଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି । ପ୍ରଧାନମନ୍ତ୍ରୀ ରହମାନଙ୍କ ଭାରତ ଗସ୍ତକୁ ନେଇ ବାଂଲାଦେଶ ଭିତରେ ମଧ୍ୟ ରାଜନୈତିକ ବିରୋଧ ଦେଖାଦେଇଛି ।



## ୮୦ତମ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରତିଶ୍ରୁତି

# ବିକଶିତ ଭାରତ, ଆତ୍ମନିର୍ଭରଶୀଳତା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା

ନୂଆଦିଲ୍ଲୀ,୧୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ କ୍ରମାଗତ ୧୩ ଥର ଦେଶକୁ ସମ୍ବୋଧିତ କରିଛନ୍ତି । ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା । ୭୫ ମିନିଟ୍‌ର ଅଭିଭାଷଣରେ ମୁଖ୍ୟତଃ 'ବିକଶିତ ଭାରତ ୨୦୪୭', ଆତ୍ମନିର୍ଭରଶୀଳତା, ଯୁବଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା । ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ସେଥିପାଇଁ ପ୍ରଧାନମନ୍ତ୍ରୀ ୭-ମୁଖୀ ଢାଞ୍ଚା ଘୋଷଣା କରିଛନ୍ତି । ସେଥିରେ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ ବ୍ୟବସ୍ଥା ରହିଛି । ପ୍ରଧାନମନ୍ତ୍ରୀ ଯୁବକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ସରକାର ଆଗାମୀ ବର୍ଷ ମଧ୍ୟରେ ୧ କୋଟି ଯୁବକଯୁବତିଙ୍କୁ ଏଆଇ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ଆଗାମୀ ୭ ରୁ ୮ ବର୍ଷ ମଧ୍ୟରେ ଦେଶରେ ୫ ରୁ ୭ଟି ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ସେହିପରି ଦେଶର ଶକ୍ତି ସୁରକ୍ଷା ଦିଗରେ ଭାରତ ୨୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତା ହାସଲ କରିବାକୁ ୫ଟି ନୂତନ ପରମାଣୁ ରିଆକ୍ଟର ସ୍ଥାପନ କରାଯିବ ।

# ଯବାନ ଓ ପରିବାରର ୪ ସଦସ୍ୟଙ୍କ ସନ୍ଦେହଜନକ ମୃତ୍ୟୁ

ମୁମ୍ବାଇ,୧୬।୮ (ଏଜେନ୍ସି): ମୁମ୍ବାଇର କୋଲାବା ସ୍ଥିତ ନୌସେନା ନଗର ପରିସରରୁ ଜଣେ ଭାରତୀୟ ନୌସେନା କର୍ମଚାରୀ ଏବଂ ତାଙ୍କ ପତ୍ନୀଙ୍କ ସମେତ ଦୁଇଟି କଅଁଳ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପ୍ରାଥମିକ ତଥ୍ୟ ଅନୁଯାୟୀ ଏହା ଏକ ହତ୍ୟା ଓ ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି । ୩୦ ବର୍ଷୀୟ ନୌସେନା କର୍ମଚାରୀ ପୂରଣମଲ୍ଲ ଶମ୍ଭୁଲାଲ ମେହେଡ଼ାଙ୍କ ଝୁଲନ୍ତା ମୃତଦେହ ଘରୁ ମିଳିଥିବା ବେଳେ ତାଙ୍କ ପତ୍ନୀ ଏବଂ ତିନି ବର୍ଷର ପୁଅ ଓ ଦୁଇ ମାସର ଶିଶୁ କନ୍ୟା ଶେଯରେ ମୃତ ଅବସ୍ଥାରେ ପଡ଼ିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ନୌସେନା କର୍ମଚାରୀ ଜଣକ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ପତ୍ନୀ ଏବଂ ପିଲାମାନଙ୍କୁ ବିଷ ପ୍ରୟୋଗ କରାଯାଇ ମାରିଦିଆଯାଇଛି । ସମସ୍ତ ମୃତଦେହକୁ ଉଦ୍ଧାର କରାଯାଇ ଜେଜେ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

# ପଶ୍ଚିମବଙ୍ଗରେ କଂଗ୍ରେସ ନେତା, ପୁଅଙ୍କୁ ଗୁଳିକରି ହତ୍ୟା

କୋଲକାତା,୧୬।୮ (ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ କଂଗ୍ରେସ ନେତା ଏବଂ ତାଙ୍କ ପୁଅକୁ ଅଜଣା ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ଏବଂ ରାଜନୈତିକ ମହଲରେ କ୍ଷୋଭ ଦେଖାଦେଇଛି । ପଶ୍ଚିମବଙ୍ଗ କଂଗ୍ରେସ କମିଟିର ସଦସ୍ୟ ତଥା ନଦିଆ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଅନିସୁର ରହମାନ ଏବଂ ତାଙ୍କ ୨୪ ବର୍ଷୀୟ ପୁଅ ଅବୁ ସୁଫିଆନ୍ ବେଥୁଆଡ଼ହରୀରୁ କାର୍‌ରେ ନିଜ ଘରକୁ ଫେରୁଥିଲେ । ସେହି ସମୟରେ ନାଗାଡ଼ି ରେଳ ଫାଟକ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ । ଗୁଳିମାଡ଼ ପରେ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ମଧ୍ୟ ଆକ୍ରମଣ କରାଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅଭିଯାନ ଜାରି ରହିଛି । ଏଭଳି ହିଂସାକାଣ୍ଡ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ନାଲ୍‌ସାର୍ ବିବାଦ: କ୍ଷମା ମାଗିଲେ ବାର୍ କାଉନସିଲ୍ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଭାରତୀୟ ବାର କାଉନସିଲ୍ (ବିସିଆଇ) ଅଧ୍ୟକ୍ଷ ମନନ କୁମାର ମିଶ୍ର ନାଲସାର ଆଇନ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣକୁ ନେଇ ଜାରି ହୋଇଥିବା ବିବାଦୀୟ ନିର୍ଦ୍ଦେଶ ପ୍ରତ୍ୟାହାର କରିବା ପରେ ଦେଶର ଆଇନ ଛାତ୍ରଛାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ଏକ ବିବୃତ୍ତି ଜାରି କରି ମିଶ୍ର କହିଛନ୍ତି ଯେ ସାମ୍ପ୍ରତିକ ଘଟଣାକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା ଏବଂ ତାଙ୍କର କୌଣସି ଶବ୍ଦ କିମ୍ବା ଚିଠି ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ ସେ ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରୁଛନ୍ତି । ଛାତ୍ରଛାତ୍ରୀଙ୍କ ଭାବନା ଏବଂ ଚିନ୍ତାକୁ ସମ୍ମାନ ଜଣାଇବା କୌଣସି ଅହଙ୍କାରର ବିଷୟ ନୁହେଁ ବୋଲି ସେ ମତ ଦେଇଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ନାଲସାର ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବା ନେଇ କିଛି ଛାତ୍ରଛାତ୍ରୀ ବିରୋଧ କରିବା ପରେ, ବିସିଆଇ ପକ୍ଷରୁ ପ୍ରଥମେ ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କ ଆଇନଜୀବୀ ପଞ୍ଜୀକରଣ ନ କରିବାକୁ ଆଦେଶ ଜାରି କରାଯାଇଥିଲା । ତେବେ ଏହାକୁ ନେଇ ଦେଶବ୍ୟାପୀ ବ୍ୟାପକ ସମାଲୋଚନା ହେବା ପରେ କିଛି ଘଣ୍ଟା ମଧ୍ୟରେ ସେହି ଆଦେଶ ପ୍ରତ୍ୟାହାର କରାଯାଇଥିଲା । ମୁଖ୍ୟ ବିଚାରପତି ମଧ୍ୟ ଏହି ଆଦେଶକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଆଇନ ଛାତ୍ରଛାତ୍ରୀ ଦେଶର ସବୁଠାରୁ ସଚେତନ ନାଗରିକ ବୋଲି ପ୍ରଶଂସା କରିବା ସହ ମିଶ୍ର ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ସାମ୍ବିଧାନିକ ଗଣତନ୍ତ୍ରର ଅଂଶ ବୋଲି କହିଛନ୍ତି । ସମ୍ବେଦନଶୀଳ ପ୍ରସଙ୍ଗରେ ବାହାର ପ୍ରଭାବରେ କୌଣସି ରାଜନୈତିକ ରଙ୍ଗ ନ ଦେଇ ଏହାର ସମାଧାନ କରିବାକୁ ସେ ଆହ୍ୱାନ କରିଛନ୍ତି ।

## କ୍ଷମା ମାଗନ୍ତୁ ସୋନିଆ: ଅମିତ ଶାହ

ନୂଆଦିଲ୍ଲୀ,୧୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନକୁ ଅଧାରେ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି ।



ଏହି ଅପମାନ ପାଇଁ ସେ କଂଗ୍ରେସ ଦଳକୁ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବାକୁ ଦାବି କରିଛନ୍ତି । ରାଜସ୍ଥାନର ଚିତ୍ତୋରଗଡ଼ରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ସୋନିଆ ଗାନ୍ଧୀ ଜାତୀୟ ଗୀତ ଚାଲିଥିବା ସମୟରେ ଏହାକୁ ଅଧାରେ ବନ୍ଦ କରିବାକୁ କହିଥିଲେ । ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ କଂଗ୍ରେସ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ଭୁଲିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଦଳୀୟ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଅସୁସ୍ଥ ଥିବାରୁ ତାଙ୍କ ପାଇଁ ଚୌକି ବ୍ୟବସ୍ଥା କରିବାକୁ ସୋନିଆ ଗାନ୍ଧୀ ସେହି ସମୟରେ ଇଙ୍ଗିତ କରିଥିଲେ, ଜାତୀୟଗୀତ ବନ୍ଦ କରିବାକୁ ନୁହେଁ । ଏହା ଏକ ମିଥ୍ୟା ବିବାଦ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ଓ ପୋଖରାନ ପରୀକ୍ଷଣର ପ୍ରଶଂସା କରିଥିଲେ ।



# ଇଣ୍ଡୋନେସିଆରେ ଭୟଙ୍କର ଭୂକମ୍ପ; ୫୧ ମୃତ

ଜାକର୍ତ୍ତା,୧୬।୮ (ଏଜେନ୍ସି): ଇଣ୍ଡୋନେସିଆରେ ଘଟିଥିବା ଏକ ଭୟଙ୍କର ୭.୭ ତୀବ୍ରତାର ଭୂକମ୍ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୧ ରେ ପହଞ୍ଚିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରାୟ ୫,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପୂର୍ବ ନୁସା ତେଙ୍ଗାରା ପ୍ରଦେଶରେ ଶନିବାର ସକାଳେ ଏହି ଭୂକମ୍ପ ଘଟିଥିଲା, ଯାହା ପରେ ପ୍ରାୟ ୩୪୧ ଟି ପରବର୍ତ୍ତୀ ଭୂକମ୍ପ (ଆଫ୍ଟର ସକ୍) ଅନୁଭୂତ ହୋଇଛି । ଗତ କିଛି ବର୍ଷ ଭିତରେ ଦେଶରେ ଘଟିଥିବା ଏହା ସବୁଠାରୁ ବଡ଼ ଭୂକମ୍ପ ବୋଲି କୁହାଯାଉଛି । ଏହି ଦୁର୍ଘଟଣାରେ ୩୬ ଜଣ ଗୁରୁତର ଆହତ ହୋଇଥିବାବେଳେ ୭୭ ଜଣ ସାମାନ୍ୟ ଆହତ ହୋଇଛନ୍ତି । ସିକ୍କା ଅଞ୍ଚଳରେ ୩,୩୦୦ ରୁ ଅଧିକ ସ୍ଥାନୀୟ ବାସିନ୍ଦା ନିଜଆଡୁ ଘରୁ ବାହାରି ଆସି ଖେଳ ପଡ଼ିଆ କିମ୍ବା ତମ୍ବୁରେ ଆଶ୍ରୟ ନେଇଛନ୍ତି । ଭୂକମ୍ପ ଯୋଗୁଁ ୧,୩୦୦ ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଭୂସ୍ଖଳନ କାରଣରୁ ଅନେକ ରାସ୍ତା ଅବରୋଧ ହୋଇରହିଛି । ଉଦ୍ଧାର କାର୍ଯ୍ୟ ପାଇଁ ୩,୫୦୦ ରୁ ଅଧିକ ସେନା ଏବଂ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି ।

# ୟୁକ୍ରେନୀୟ ଗୁପ୍ତଚରଙ୍କୁ ହତ୍ୟା; ମହିଳା ଗିରଫ

ମସ୍କୋ,୧୬।୮ (ଏଜେନ୍ସି): ରୁଷିଆ ନିୟନ୍ତ୍ରଣାଧୀନ କ୍ରିମିଆରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି, ଯେଉଁଥିରେ ଜଣେ ଉଚ୍ଚପଦସ୍ଥ ୟୁକ୍ରେନୀୟ ପଳାତକ ତଥା ରୁଷୀୟ ନୌସେନା ଅଧିକାରୀଙ୍କ ମୃତ୍ୟୁ ହୋଇଛି । ଏହି ହତ୍ୟାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ରୁଷୀୟ କର୍ତ୍ତୃପକ୍ଷ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ଗିରଫ କରିଛନ୍ତି । ରିପୋର୍ଟ ଅନୁଯାୟୀ, ନିହତ ବ୍ୟକ୍ତି ଜଣକ ହେଉଛନ୍ତି ୪୯ ବର୍ଷୀୟ ରବର୍ଟ ଶାଗେଭ, ଯିଏକି ପୂର୍ବରୁ ଜଣେ ୟୁକ୍ରେନୀୟ ନୌସେନା ଅଧିକାରୀ ଥିଲେ ଏବଂ ପରେ ରୁଷିଆର କ୍ରେମଲିନର 'ବ୍ଲାକ୍ ସି' ଫ୍ଲିଟ୍‌ରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଏହି ଆକ୍ରମଣ ମାର୍ଗାରିଟା ରେଉଟ୍ ନାମକ ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ହୋଇଛି ।



# ମସ୍କୋ ଉପରେ ୬୦୦ ଡ୍ରୋନ୍ ଆକ୍ରମଣ

ମସ୍କୋ, ୧୬।୮ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ରାତିସାରା ଏକ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି । ରୁଷ କର୍ତ୍ତୃପକ୍ଷଙ୍କ ଦାବି ମୁତାବକ, ରାଜଧାନୀ ଉପରେ ପ୍ରାୟ ୬୦୦ଟି ଡ୍ରୋନ୍ ମାଡ଼ ହୋଇଛି, ଯେଉଁଥିରେ ତିନିଜଣ ଆହତ ହୋଇଛନ୍ତି । ଗତ କିଛି ସପ୍ତାହ ହେବ ୟୁକ୍ରେନ ପକ୍ଷରୁ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସାମରିକ, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି । ରବିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆକ୍ରମଣ ସମୟରେ ମସ୍କୋ ଅଞ୍ଚଳରେ ୨୦୦ରୁ ଅଧିକ ଡ୍ରୋନକୁ ନଷ୍ଟ କରିଦିଆଯାଇଥିବା ମେୟର ସର୍ଗେଇ ସୋବିଆନିନ ସୂଚନା ଦେଇଛନ୍ତି । ଏହି ଆକ୍ରମଣ ଯୋଗୁଁ ରାଜଧାନୀର ରିଙ୍ଗ ରୋଡ୍ ନିକଟବର୍ତ୍ତୀ ଅଞ୍ଚଳରେ ତିନିଜଣ ଆହତ ହୋଇଛନ୍ତି । ସେପଟେ ୟୁକ୍ରେନ ସୀମାକୁ ଲାଗି ରହିଥିବା ରୁଷର ଦକ୍ଷିଣ ରୋଷ୍ଟୋଭ୍ ଅଞ୍ଚଳରେ ମଧ୍ୟ ଭୀଷଣ ଆକ୍ରମଣ ହୋଇଛି, ଯେଉଁଠାରେ ତିନିଜଣଙ୍କର ମୃତ୍ୟୁ ଘଟିଥିବା ଏବଂ ଅନେକ କୋଠାବାଡ଼ି ଓ ରେଳଷ୍ଟେସନ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଦେଶିକ ପ୍ରଶାସନ ପକ୍ଷରୁ କୁହାଯାଇଛି । ବର୍ଷ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ୟୁକ୍ରେନ ଏବେ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରି ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛି । ରୁଷର ପ୍ରତିରକ୍ଷା ବାହିନୀ ଏଭଳି ବ୍ୟାପକ ଆକ୍ରମଣର ମୁକାବିଲା ପାଇଁ ସତର୍କ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।

**ବୁଢ଼ାବଳଙ୍ଗରେ ବନ୍ୟା**

# ଟ୍ରକ୍, ଟ୍ରାକ୍ଟର ଡାଲାରେ ସଂସାର

## ବିପନ୍ନଙ୍କୁ ମିଳୁନି ଖାଦ୍ୟ, ପାନୀୟଜଳ





ବାଲେଶ୍ୱର,୧୬।୮ (ସମିସ): ବାଲେଶ୍ୱରରେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଛି ଏକ ବିଭୀଷିକାମୟ ପରିସ୍ଥିତି। ବୁଢ଼ାବଳଙ୍ଗ ନଦୀର ବର୍ଦ୍ଧିତ ଜଳରାଶି ଆଜି ଶହ ଶହ ପରିବାରକୁ ବିପନ୍ନ କରିଛି। ଚାରିଆଡ଼େ କେବଳ ପାଣି। ନିଜର ଭିଟାମାଟି, ବର୍ଷ ବର୍ଷର ଝାଳବୁହା ସଜଡ଼ା ଘରଦ୍ୱାର ଆଜି ପାଣିରେ ବୁଡ଼ି ରହିଥିବାବେଳେ ଟିକିଏ ଆଶ୍ରୟ ଆଶାରେ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରାକ୍ଟର ଟ୍ରଲି ଓ ଟ୍ରକ୍ ଡାଲା ହିଁ ଦୁର୍ଦ୍ଦଶାଗ୍ରସ୍ତ ମଣିଷ ଆଶ୍ରୟ ନେଇଛନ୍ତି। ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ଦହପଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇବା ଯୋଗୁଁ ସମଗ୍ର ଗାଁ ଏବେ ସମ୍ପୂର୍ଣ୍ଣ ଜଳମଗ୍ନ। ଲଗାତାର ଜଳସ୍ରୋତରେ ଏକାଧିକ କଚ୍ଚା ଘର ଭାଙ୍ଗି ଲୋଟିପଡ଼ିଥିବାବେଳେ ଜୀବନ ବିକଳରେ ବିପନ୍ନମାନେ ନିଜ ଗୃହପାଳିତ ପଶୁଙ୍କୁ ଧରି ବାଲେଶ୍ୱର-ଫୁଲାଡ଼ି ରାସ୍ତା ପାଖକୁ ଚାଲିଆସିଛନ୍ତି। ଖୋଲା ଆକାଶ ତଳେ, ରାସ୍ତା କଡ଼ରେ ରଖାଯାଇଥିବା ଟ୍ରାକ୍ଟର ଟ୍ରଲି ଉପରେ ଖଣ୍ଡିଏ ଖଣ୍ଡିଏ ପ୍ଲାଷ୍ଟିକ୍ ତାରପାଲି ଟାଣି ଜୀବନ ବଞ୍ଚାଇବାର କଠୋର ସଂଘର୍ଷ କରୁଛନ୍ତି। ସେହି ଅତି କ୍ଷୁଦ୍ର ଓ ସଂକୀର୍ଣ୍ଣ ଲୁହା ଟ୍ରଲି ଭିତରେ ବନ୍ଧା ହୋଇଛି ବାସନକୁସନ, ବିସ୍କୁଟ୍ କାର୍ଟୁନ ଆଉ କୋମଳମତି ଶିଶୁଙ୍କ ଅଧାଭିଜା ଲୁଗାପଟା। ଘରର ଚାଳ ଉପରୁ ଗୃହପାଳିତ ପଶୁଙ୍କୁ ବଞ୍ଚାଇ ଆଣିବାଠାରୁ ଆରମ୍ଭ କରି ରୋଗିଣା, ବୃଦ୍ଧ ବାପା-ମା'ଙ୍କୁ ସୁରକ୍ଷିତ ରଖିବା ପର୍ଯ୍ୟନ୍ତ ସବୁକିଛି ଆଜି ଏହି ଚକା ଲଗା ଡାଲା ମଧ୍ୟରେ ସୀମିତ ହୋଇରହିଛି। ରାତିର କାଳ ଅନ୍ଧାର, ମଶାଙ୍କ ପ୍ରାଦୁର୍ଭାବ, ସାପ-ବିଛାଙ୍କ ଭୟ ଏବଂ ପେଟର ଭୋକ ମଧ୍ୟରେ ସମୟ ସେମାନଙ୍କ ପାଇଁ ଯେପରି ସ୍ଥାଣୁ ପାଲଟିଯାଇଛି। ଶୁଖିଲା ଖାଦ୍ୟ ଗଣ୍ଡିଏ, ଟୋପାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ଚାହିଁ ରହିଥିବାବେଳେ ତାହା ତାଙ୍କୁ ମିଳିପାରୁନାହିଁ। ନଦୀରୁ କିପରି ପାଣି ଖସିବ, ସେ ନେଇ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି। ପ୍ରଶାସନ ପକ୍ଷରୁ ସମୟସୀମା ଭିତରେ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅସ୍ଥାୟୀ ତାରପାଲି ଯୋଗାଇ ଦିଆଯାଉ ନଥିବା ନେଇ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

**ଆସୁଛି ବଡ଼ ଲଘୁଚାପ ବର୍ଷା**

# ମୟୂରଭଞ୍ଜକୁ ରେଡ୍ ୱାର୍ଣ୍ଣିଂ

ବାରିପଦା,୧୬।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ବଜ୍ରପାତ ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି। ବିଗତ

- ଆଜି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି ଓ ସ୍କୁଲ ଛୁଟି ଘୋଷଣା
- ୧୯ ତାରିଖ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ଯଶିପୁର, ବାରିପଦା, ମୋରଡ଼ା, ବଡ଼ସାହି, ଖୁଣ୍ଟା, ରରୁଆଁ, କରଞ୍ଜିଆ, ଜାମଦା ଓ ଶୁକ୍ରୁଲି ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ/ କର୍ମଚାରୀଙ୍କ ଛୁଟି ୧୯ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ଶିକ୍ଷାଧିକାରୀ ସୋମବାର ଦିନ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ବନ୍ଦ ରହିବାକୁ ଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷଣ କର୍ମଚାରୀ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହି ନିଜର ଦାୟିତ୍ୱ ତୁଲାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଡିଏସଡବ୍ଲୁଓ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ଘୋଷଣା କରିଛନ୍ତି। ସମ୍ଭାବ୍ୟ ପ୍ରବଳ ବର୍ଷା ଓ ଜଳବନ୍ଦୀ ସ୍ଥିତିକୁ ଏଡ଼ାଇବା ପାଇଁ ସାଧାରଣ ଲୋକଙ୍କୁ ସତର୍କ ରହିବା ସହ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଭାରି ବର୍ଷା ଓ ବନ୍ୟାର ପ୍ରଭାବରେ ବିସ୍ତୃତ କ୍ଷତି ହୋଇଛି।

ଜିଲ୍ଲା ପ୍ରଶାସନରୁ ମିଳିଥିବା ସୂଚନା ମୁତାବକ, ୧୬ ଅଗଷ୍ଟ ସନ୍ଧ୍ୟା ୫ଟା ସୁଦ୍ଧା ୨୨ଟି ବ୍ଲକ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିରେ ୫୪ଟି ଗ୍ରାମ ପଞ୍ଚାୟତ ଓ ୧୨୬ଟି ଗାଁ ପ୍ରଭାବିତ ହୋଇଛି। ସହରାଞ୍ଚଳରେ ବାରିପଦା ମ୍ୟୁନିସିପାଲିଟିର ୮ଟି ୱାର୍ଡ ପ୍ରଭାବିତ ହୋଇଛି। ଘରବାଡ଼ି କ୍ଷତି ଦିଗରେ ୫୩୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ୨୨ଟି ଝୋପଡ଼ି ଓ ୨୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ରବିବାର ୪ଟି ମାଗଣା ଭୋଜନାଳୟରେ ୫୯୦ ଜଣ ଲାଭାନ୍ୱିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଉଛି ଓ ଆବଶ୍ୟକ ସାହାଯ୍ୟ କାର୍ଯ୍ୟ ଜାରି ରହିଛି।

# କେନ୍ଦୁଝର ପାଇଁ ରେଡ୍‌ୱାର୍ଣ୍ଣିଂ ଜାରିକଲା ପାଣିପାଗ ବିଭାଗ

କେନ୍ଦୁଝର,୧୬।୮ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି (ସୋମବାର) କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସୂଚନା ମିଳିବା ପରେ, ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଯୋଡ଼ା ବ୍ଲକରେ ହେବାକୁ ଥିବା ଜିଲ୍ଲାପାଳ

- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ
- ଯୋଡ଼ାରେ ସାପ୍ତାହିକ ଅଭିଯୋଗ ଶୁଣାଣି ସ୍ଥଗିତ

ଓ ଆରକ୍ଷୀ ଅଧୀକ୍ଷକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାରୁ ଏବଂ ଯାତାୟତ ଓ ଯୋଗାଯୋଗ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ନାଗରିକମାନଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ଏବଂ ପାଣିପାଗ ସମ୍ବନ୍ଧୀୟ ବିପଦ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଅଧିକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଖରାପ ପାଣିପାଗ ଓ ଆଇଏମଡିର ଚେତାବନୀକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟାନ୍ୟ ସ୍କୁଲ କର୍ମଚାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ, ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ଏହି ଖରାପ ପାଣିପାଗ ସମୟରେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଲୋକମାନଙ୍କୁ ପାଣିପାଗ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସରକାରୀ ସୂଚନା ମାଧ୍ୟମରେ ଅପଡେଟ୍ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଜୁଡିଆ ଘାଟି ଓ କାଞ୍ଚିପାଣି ଘାଟିରେ ଭୂସ୍ଖଳନ

କେନ୍ଦୁଝର,୧୬।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ନଂ ର କାଞ୍ଚିପାଣି ଥାନା ଅଧୀନ କାଞ୍ଚିପାଣି ଘାଟି ଓ କେନ୍ଦୁଝର ସହର ନିକଟବର୍ତ୍ତୀ ଜୁଡିଆ ଘାଟିରେ ଭୁସ୍ଖଳନ ଘଟି ୪ ଥାକିଆ ରାସ୍ତାର ଗୋଟିଏ ପାଶ୍ୱର୍ରେ ଗାଡି ଚଳାଚଳ ଯାତାୟତ ବାଧାପ୍ରାପ୍ତ ହୋଇଛି। ଜାତୀୟ ରାଜପଥ ୪୯ର ଗୋଟିଏ ପାଶ୍ୱର୍ରେ ଗାଡି ଗୁଡ଼ିକ ଚଳାଚଳ କରୁଥିବାବେଳେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ମେସିନ ଲଗାଇ ରାସ୍ତାରୁ ପଥର ଏବଂ ମାଟି ଉଠାଯିବା ସହ ରାସ୍ତା ସଫା କାମ ଜାରିରହିଛି। ବର୍ଷା ଲାଗି ରହିଥିବାରୁ ଅଧିକ ଭୁସ୍ଖଳନ ଆଶଙ୍କା ରହିଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। କାଞ୍ଚିପାଣି ଘାଟିରେ ମାଟି ଅତଡ଼ାଖସି ଗୋଟିଏ ପାଶ୍ୱର୍ର ରାସ୍ତା ୧୫ଘଣ୍ଟା ଧରି ବନ୍ଦ ରହିଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତାରୁ ମାଟି ସଫେଇ କରାଯିବା ପରେ ଶନିବାର ରାତି ୮ ଟାରେ ଉଭୟ ପାଶ୍ୱର୍ରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜାତୀୟରାଜପଥ ୪୯ ର ଜୁଡ଼ିଆ ଘାଟିରେ



ଲଗାଣବର୍ଷା ଫଳରେ ୭ଟି ସ୍ଥାନରେ ମାଟି ଓ ବଡ଼ ବଡ଼ ପଥର ଖସି ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ରାସ୍ତା ପାଶ୍ୱର୍ର ପାହାଡ଼ରୁ ମାଟି ଓ ପଥର ହଟାଇବା ପରେ ପୁଣି ବଡ଼ ବଡ଼ ପଥର ରାସ୍ତାରେ ପଡୁଛି। ୩୦ ଘଣ୍ଟାରୁ ଅଧିକ ସମୟ ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ଥିବାବେଳେ ଆଜି ରାତି ୯ଟା ସୁଦ୍ଧା ଗାଡି ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି। ତୁହାକୁ ତୁହା ବର୍ଷା ହେଉଥିବାରୁ ସଫେଇ କାର୍ଯ୍ୟରେ ବିଳମ୍ବ ହେଉଛି। ଅନ୍ୟପଟରେ ଗୋଟିଏ ଲେନରେ ଯାନବାହାନ ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବା ସହିତ ରାସ୍ତା ଜାମ ରହୁଛି। ଜାତୀୟ ରାଜପଥ ସଫେଇ କାମରେ ୩ଟି ପ୍ରୋକଲେନ,୬ଟି ହାଇୱା,୩ଟି ଜେସିବି,ଗୋଟିଏ ହାଇଡ୍ରା କ୍ରେନ ଗାଡି ନିୟୋଜିତ ଅଛି। ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିଦେ୍ର୍ଦଶକ କାର୍ତ୍ତିକ ରେଡ୍ଡୀ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ପାହାଡ଼ ତୀଖ ଥିବାରୁ ବାରମ୍ବାର ପଥର ପଡୁଛି। ଜୁଡିଆ ଘାଟି ରାସ୍ତା ପାଶ୍ୱର୍ର ପାହାଡରୁ ପଥର ଓ ମାଟି ଅତଡା ଖସୁ ଥିବାରୁ ପଥଚାରୀ ଏବଂ ଗାଡିମଟର ପାଇଁ ବିପଦ ସୃଷ୍ଟି କରିଛି। ଜୁଡିଆ ଓ କାଞ୍ଚିପାଣି ଘାଟି ରାସ୍ତା ପାଶ୍ୱର୍ର ପାହାଡ଼ରେ ତାର ଜାଲି ଏବଂ ଗାଡୱାଲ ଦିଆଯାଇଥିଲେ ମଧ୍ୟ ଲଗାଣ ବର୍ଷା ହେଲେ ଏଠାରେ ଭୁଖ୍ଖଳନ ହେଉଛି। ପଥଚାରୀଙ୍କ ସୁରକ୍ଷା ପାଇଁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇଛି। ମାଟିର ପରୀକ୍ଷା କରାଯାଇ ପଥର ଖସୁଥିବା ସ୍ଥାନରେ ଜଙ୍ଗଲ ବିଭାଗ ଅନୁମତି ନେଇ ଶୀତ ଦିନରେ ବେଂଚ କଟିଂ କରାଗଲେ ଭୁସ୍ଖଳନ କମିବ ବୋଲି ମତପ୍ରକାଶ ପାଇଛି।

**ଗ୍ରାମ୍ୟ ଉନ୍ନୟନ ବିଭାଗର ସଂକଳ୍ପ ଜାରି**


# ଦୁର୍ଗମ ଓ ମାଓପ୍ରଭାବିତ ଗ୍ରାମକୁ ସବୁଦିନିଆ ସଡ଼କ

ଭୁବନେଶ୍ୱର,୧୬।୮ (ସମିସ): ରାଜ୍ୟରେ ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମଏମଏସୱାଇ-ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନା ଆରମ୍ଭ କରିଥିଲେ। ନିକଟରେ ଏହି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଅର୍ଥାତ୍ ୫ ବର୍ଷ ବୃଦ୍ଧି ପାଇଁ କ୍ୟାବିନେଟର ଅନୁମୋଦନ ମଧ୍ୟ ମିଳିଥିଲା। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବରେ ସଂକଳ୍ପ ପ୍ରକାଶ ପାଇଛି। ଯୋଜନା ପାଇଁ ୧୩୦୦ କୋଟି ବ୍ୟୟବରାଦ ହୋଇଥିବା ବେଳେ ମୋଟ ୨୦୯୯ କିମି ନୂଆ ସଡ଼କ ନିର୍ମାଣ ହେବ। ସଂକଳ୍ପ ଅନୁଯାୟୀ ନିର୍ମାଣ ହେବାକୁ ଥିବା ନୂଆ ସଡ଼କ ପ୍ରକଳ୍ପ କେବଳ ଗୁଇନ୍ଦା ବିଭାଗର ସୁପାରିଶ କ୍ରମେ ନିଆଯିବ। ବାମପନ୍ଥ ଉଗ୍ରବାଦ ଅଞ୍ଚଳରେ ବିଏସଏଫ ଜବାନଙ୍କର ସ୍ଥାନାନ୍ତରଣ ତଥା ଉଗ୍ରବାଦ ପ୍ରଭାବ ହ୍ରାସ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯିବ। ସେହିପରିପି ଆବଶ୍ୟକୀୟ ସ୍ଥାନରେ ସୁପାରିଶ ଆଧାରରେ ନୂଆ ବ୍ରିଜ ନିର୍ମାଣ ପାଇଁ ମଧ୍ୟ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗୁଇନ୍ଦା ବିଭାଗର ଅଧିକାରୀ ଭାବେ ମିଳିତ ବାବେ ପ୍ରକଳ୍ପ ସ୍ଥାନ ଚୟନ କରି ବିସ୍ତୃତ ରିପୋର୍ଟ ବିଭାଗ ନିକଟରେ ଦାଖଲ କରିବେ। ଏହି ଅବଧି ମଧ୍ୟରେ ପ୍ରାୟ ୧୧୫୦ କିମି ନୂତନ ସଡ଼କ ଏବଂ ୯୪୯ କିଲୋମିଟର ଦୈର୍ଘ୍ୟର ଚାଲୁ ରହିଥିବା ପ୍ରକଳ୍ପ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

**ଥାନାରୁ ଅଭିଯୁକ୍ତ ଫେରାର**

# ୨ ପୁଲିସ କର୍ମଚାରୀ ନିଲମ୍ବିତ

ବିଞ୍ଝାରପୁର,୧୬।୮ (ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଙ୍ଗଲୋ ଗ୍ରାମରେ ଘଟିଥିବା ଚୋରି ମାମଲାରେ ସନ୍ଦେହରେ ଥାନାକୁ ଅଣାଯାଇଥିବା ଜଣେ ବ୍ୟକ୍ତି ଶନିବାର ଅପରାହ୍ନରେ କୌଶଳକ୍ରମେ ଥାନାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫେରାର ବ୍ୟକ୍ତି ଜଣକ ଟୁକୁନା ଦାସ ବୋଲି ସୂଚନା ମିଳିଛି। ଟୁକୁନା ଫେରାର ହେବା ପରେ ତାଙ୍କୁ ଧରିବା ପାଇଁ ବିଞ୍ଝାରପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ସହ ଖୋଜାଖୋଜି ଜାରି ରହିଛି। ତେବେ ରବିବାର ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିନଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ବିଞ୍ଝାରପୁର ଥାନାର ଏଏସଆଇ ରାଧାକାନ୍ତ ମାଝୀ ଓ କନଷ୍ଟେବଳ ସୁନିଲ କୁମାର କୁଲୁଙ୍କୁ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲ୍ ନିଲମ୍ବିତ କରିଥିବା ସୂଚନା ମିଳିଛି।




**ଡାକ୍ତରୀ ଶିକ୍ଷା**

# ବହୁ ପଛରେ ଓଡ଼ିଶା

ଭୁବନେଶ୍ୱର,୧୬।୮ (ସମିସ): ଦେଶରେ ମେଡିକାଲ ଶିକ୍ଷାର ଭିତ୍ତିଭୂମି ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଓଡ଼ିଶା ଏକ୍ଷେତ୍ରରେ ଏବେ ବି ଅନେକ ରାଜ୍ୟଠାରୁ ପଛରେ ରହିଛି। ୨୦୨୬ ଜୁଲାଇ ୩୦ ସୁଦ୍ଧା ଦେଶରେ ସରକାରୀ ଓ ଘରୋଇ ମିଶାଇ ମୋଟ ୮୪୬ଟି ମେଡିକାଲ କଲେଜ ଓ ଏଥିରେ ୧,୩୯,୮୬୪ ଏମ୍‌ବିବିଏସ୍ ସିଟ୍ ଥିବାବେଳେ ଓଡ଼ିଶାରେ ୨୧ଟି ମେଡିକାଲ କଲେରେ ସିଟ୍ ସଂଖ୍ୟା ରହିଛି ମାତ୍ର ୩,୦୭୫। ସରକାରୀ ମେଡିକାଲ କଲେଜଗୁଡ଼ିରେ ଅଧିକ ସିଟ୍ ପାଇଁ କେନ୍ଦ୍ରୀୟ ମଞ୍ଜୁରୀ ମିଳୁନାହିଁ; ଅନୁରୂପ ଭାବରେ ଘରୋଇ ମେଡିକାଲ କଲେଜଗୁଡ଼ିକରେ ମଧ୍ୟ ଆସନ ସଂଖ୍ୟା ବୃଦ୍ଧି ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି। ଯାହାଫଳରେ ପ୍ରତିବର୍ଷ ଓଡ଼ିଶାରୁ ହଜାର ହଜାର ଛାତ୍ରଛାତ୍ରୀ ଅନ୍ୟ ରାଜ୍ୟରେ ଡାକ୍ତରୀ ପାଠ ପଢ଼ିବାକୁ ଯାଉଥିବା ଦେଖାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଓଡ଼ିଶାରେ ମୋଟ ୨୧ଟି ମେଡିକାଲ କଲେଜ ମଧ୍ୟରୁ ୧୫ଟି ସରକାରୀ ଓ ୬ଟି ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ। ୧୫ଟି ସରକାରୀ ମେଡିକାଲ କଲେଜରେ ମାତ୍ର ୧,୯୭୫ଟି ସିଟ୍ ଥିବାବେଳେ ଘରୋଇ କଲେଜରେ ରହିଛି ମାତ୍ର ୧,୧୦୦ଟି ସିଟ୍। ଅନ୍ୟ ରାଜ୍ୟରେ ମେଡିକାଲ

**୨୧ କଲେଜରେ ମୋଟ ୩,୦୭୫ ଏମ୍‌ବିବିଏସ୍ ସିଟ୍**

**୬ଟି ଘରୋଇ ମେଡିକାଲ କଲେଜରେ ମାତ୍ର ୧୧୦୦ ସିଟ୍**

କଲେଜ ଓ ଆସନ ସଂଖ୍ୟା ସହ ଓଡ଼ିଶାକୁ ତୁଳନା କଲେ ସାଧାରଣତଃ ନିରାଶ ହେବାକୁ ପଡ଼େ। ଉତ୍ତରପ୍ରଦେଶରେ ୯୦ଟି ମେଡିକାଲ କଲେଜରେ ୧୪,୨୫୦ଟି ଏମ୍‌ବିବିଏସ୍ ସିଟ୍ ରହିଛି। ମହାରାଷ୍ଟ୍ରରେ ୮୭ଟି କଲେଜରେ ୧୩,୨୨୪ ସିଟ୍, ତାମିଲନାଡୁରେ ୭୯ଟି କଲେଜରେ ୧୪,୦୪୯ ସିଟ୍ ଏବଂ କର୍ଣ୍ଣାଟକରେ ୭୫ଟି କଲେଜରେ ୧୫,୪୪୫ଟି ଏମ୍‌ବିବିଏସ୍ ସିଟ୍ ରହିଛି।

ଅନୁରୂପ ଭାବରେ ତେଲଙ୍ଗାନାରେ ୬୭ଟି କଲେଜରେ ୧୦,୩୫୦ଟି, ରାଜସ୍ଥାନରେ ୫୨ଟି କଲେଜରେ ୮,୨୩୦ଟି, ଗୁଜରାଟରେ ୪୩ଟି କଲେଜରେ ୭,୮୨୫ଟି ଏବଂ ଆନ୍ଧ୍ରପ୍ରଦେଶରେ ୪୧ଟି କଲେଜରେ ୭,୬୪୦ ଏମ୍‌ବିବିଏସ୍ ସିଟ୍ ଥିବା ସୂଚନା ମିଳିଛି। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଘରୋଇ ମେଡିକାଲ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ସୀମିତ କ୍ଷମତା। କର୍ଣ୍ଣାଟକରେ ୫୧ଟି ଘରୋଇ ମେଡିକାଲ କଲେଜରେ ୧୦,୯୫୫ଟି ଏମ୍‌ବିବିଏସ୍ ସିଟ୍ ରହିଛି। ତାମିଲନାଡୁରେ ୪୧ଟି ଘରୋଇ କଲେଜରେ ୮,୬୫୦ ସିଟ୍ ଏବଂ ଉତ୍ତରପ୍ରଦେଶରେ ୩୯ଟି ଘରୋଇ କଲେଜରେ ୮,୩୦୦ଟି ସିଟ୍ ରହିଛି। ଏହା ତୁଳନାରେ ଓଡ଼ିଶାରେ ମାତ୍ର ୬ଟି ଘରୋଇ ମେଡିକାଲ କଲେଜ ଏବଂ ୧,୧୦୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏହି ସୀମିତ କ୍ଷମତାର ସିଧାସଳଖ ପ୍ରଭାବ ରାଜ୍ୟର ମେଡିକାଲ ଆସନ ପାଇଁ ପ୍ରତିଯୋଗିତା ଉପରେ ପଡୁଛି। ଓଡ଼ିଶାରେ ମେଡିକାଲ ସିଟ୍ ସଂଖ୍ୟା ଯଥେଷ୍ଟ ନ ବୃଦ୍ଧି ନ ହେବା ଯୋଗୁଁ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଅନ୍ୟ ରାଜ୍ୟ ଉପରେ ଅଧିକ ନିର୍ଭର କରିବାକୁ ପଡୁଛି। ପୁଣି ବାହାରେ ପଢ଼ାଇବା ପାଇଁ ଅଧିକ ଫି' ମଧ୍ୟ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନ ଆୟ ବର୍ଗର ପରିବାରର ପିଲାମାନଙ୍କର ଡାକ୍ତର ହେବା ସ୍ୱପ୍ନକୁ ସମାଧି ଦେଉଛି।

# ୮୦ତମ ସ୍ୱାଧୀନତା ଦିବସ ପାଳିତ
# ସବୁଠି ଫର୍ ଫର୍ ଉଡ଼ିଲା ତ୍ରିରଙ୍ଗା


ଅନୁଗୋଳ


ଅନୁଗୋଳ


କିଶୋରନଗର


ଆଠମଲ୍ଲିକ


ନାଲକୋ ନଗର

ଅନୁଗୋଳ,୧୬।୮ (ସମିସ):

ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ପଡ଼ିଆରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର, ଏସ୍‌ପି ରାହୁଲ ଜୈନ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସ୍ୱାଧୀନତା ସଂଗ୍ରାମର ଅମର ସହିଦମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲାର ଗୌରବମୟ ଇତିହାସ, ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ସଂଗ୍ରାମୀମାନଙ୍କ ତ୍ୟାଗକୁ ସ୍ମରଣ କରିଥିଲେ। ଜିଲ୍ଲାର କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାଣ୍ଡିଙ୍କ ନେତୃତ୍ୱରେ ୩୫ ପ୍ଲାଟୁନ୍ ପୁଲିସ ସମ୍ମିଳୀତ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଜାତୀୟ ଗୀତ ଗାନ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅଙ୍ଗଦାନ କରିଥିବା ସ୍ୱର୍ଗତ ରିତେଶ ପ୍ରଧାନଙ୍କ ସହଧର୍ମିଣୀଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ଆକର୍ଷଣୀୟ ପରେଡ୍ ପ୍ରଦର୍ଶନ କରିଥିବା ୬ଟି ଦଳକୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଉଦଘାଟନ କରିବା ସହ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଟ୍ରମା କେୟାର ପରିସରରେ ଆଇସିୟୁ, ମହୁଆଲଓ, ଏଣ୍ଡୋସ୍କୋପି, ଇକୋ, ଆଟେଣ୍ଡାଣ୍ଟ ରେଷ୍ଟ ସେଡ୍ ଓ 'ଜୀବନ ସାଥୀ' ଅଟୋ-ଆମ୍ବୁଲାନ୍ସ ଆଦି ବିଭିନ୍ନ ପ୍ରମୁଖ ସ୍ୱାସ୍ଥ୍ୟସେବାର ଉଦଘାଟନ କରିଥିଲେ। ପରେ ଜେଲରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ଗାମ୍ଭୀର୍ଯ୍ୟ ପରିବେଶ ସୃଷ୍ଟି କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସହରର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ସ୍ଥାନୀୟ କଦମ୍ବ ପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଭାଗୃହରେ ଆୟୋଜିତ ଏକ ଅଭିନବ ଓ କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରାଚିମୟ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ ପ୍ରୋବେସନର ଅଭି ଜୈନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପୁଲିସ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ବନମାଳୀ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଅନୁଗୋଳ:** ଜିନ୍ଦଲ ଷ୍ଟିଲ୍ ଅନୁଗୋଳସ୍ଥିତ ଇସ୍ପାତ କାରଖାନାରେ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଜିନ୍ଦଲ ଷ୍ଟିଲର ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ କୁମାର ଜିନ୍ଦଲ ନଗରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସଂସଦ ତଥା ଜିନ୍ଦଲ ଷ୍ଟିଲ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା। ଓପି ଜିନ୍ଦଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇରନ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସ୍ୱତନ୍ତ୍ର ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହୃଦେଶ୍ୱର ଝା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, କର୍ମଚାରୀ ଓ ସ୍କୁଲ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ସଂଘରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ ୧୭ ପଞ୍ଚାୟତରେ ଥିବା ୧୨୦ ସ୍କୁଲ ଏବଂ ୫୬ ଅଙ୍ଗନବାଡ଼ି କେନ୍ଦ୍ରରେ ୭୦ ହଜାରରୁ ଅଧିକ ପ୍ୟାକେଟ୍ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

**ବଣ୍ଟାଁରପାଳ:** ବଣ୍ଟାଁରପାଳର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କ୍ଲବ, ଯୁବକସଂଘ, ସ୍ୱେଚ୍ଛାସେବୀ ସଂଗଠନ ଓ ଦଳୀୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମନ୍ତ ସାମଲ, କୋଷାଧ୍ୟକ୍ଷ ଅକ୍ଷୟ ସେନାପତି ଓ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁଙ୍କ ଉପସ୍ଥିତିରେ ସଭାପତି ସଚ୍ଚିଦାନନ୍ଦ ବରାଳ ପତାକା ଉତ୍ତୋଳନ କରିଥିଲେ। ପିବିକେ ହାଇସ୍କୁଲରେ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଦର୍ଶନ ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟା ଅନୁପମା ସାହୁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପ୍ରଧାନାଚାର୍ଯ୍ୟା ସୁସ୍ମିତା ସାହୁଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ସଦାନନ୍ଦ ରାଉତ, ଥାନାରେ ଭାରପ୍ରାପ୍ତ ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, ଗୋଟମରା ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ସାହୁ, ବିଶ୍ୱନାଥପୁର ୟୁପି ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପାଳ, ଶିକ୍ଷାବିତ୍ ପ୍ରଦିପ ମାଝୀ ଓ ଦିଲୀପ ସାମଲଙ୍କ ଉପସ୍ଥିତିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ କୁମୁଦ ବିହାରୀ ସିଂହ, ପିଏସଏସଜେ +୨ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ସୁଜିତ କୁମାର ପଟ୍ଟନାୟକ, +୩ ମହାବିଦ୍ୟାଳୟରେ ବିଡିଓ ଲୋଚନ ଦାସ, କଙ୍କିନାଳୀ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ବନ୍ଧା ଗ୍ରାମସ୍ଥିତ ଦାତବ୍ୟ ସଂଗଠନ 'ଶେଷ ଜୀବନସାଥୀ' କାର୍ଯ୍ୟାଳୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ କୁମାର ଗଡ଼ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କିଶୋରନଗର:** କିଶୋରନଗର ପଞ୍ଚାୟତ ସମିତି ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବର୍ଷା ଓ ପଡ଼ିଆ ଖରାପ ଥିବାରୁ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ପରେଡ୍ ପ୍ରଦର୍ଶନ ବାତିଲ କରାଯାଇଥିଲା। ବରପଡ଼ିଆରେ ବିଡିଓ ଶୁଭକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସ୍ନାତକ ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସମାଜସେବୀ ଡ. ଅଲେଖ କୁମାର ପ୍ରଧାନ, ଥାନାଧିକାରୀ ହରିକୃଷ୍ଣ ପ୍ରଧାନ, ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ପୂର୍ବତନ ଖେଳ ଶିକ୍ଷକ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମାଟ୍ରିକ, ଯୁକ୍ତଦୁଇ ଓ ଯୁକ୍ତତିନି ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସଦାଶିବ ଦେହୁରୀ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପୁଅ ସୁଧାଂଶୁ ଶେଖର ଦେହୁରୀଙ୍କ ଦ୍ୱାରା ଏହା ପ୍ରଦାନ କରାଯାଇଥିଲା। ରାଜେଶ ତାଣ୍ଡିଆ ଓ ରତ୍ନମଞ୍ଜରୀ ବାରିକ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଠମଲ୍ଲିକ:** ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ସଂଘ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନି, ଆଇନଜୀବୀ ବାମନ କୁମାର ମିଶ୍ର, ଅଲେଖ ଚନ୍ଦ୍ର କର୍ମୀ, ବିଦ୍ୟୁତ ପାଣିଗ୍ରାହୀ, ଅର୍ଜୁନ ରାଉଳ, ଅନ୍ତର୍ଯ୍ୟାମୀ ରାଉଳ, ଅବନୀ କୁମାର ଆଚାର୍ଯ୍ୟ, ଦୀନେଶ କୁମାର ସିଂହ, ଗଣେଶ ଚନ୍ଦ୍ର କର୍ମୀ, ବିନାୟକ ଗୋଦୁକା, ନାରାୟଣ ଦାଶ, ଲଲାଟେନ୍ଦୁ ଦାଶ, ଅଶୋକ କୁମାର ମହାପାତ୍ର, ପବିତ୍ର କୁମାର ସାହୁ, ପ୍ରଭାକର କଅଁର ଓ ବାର୍ ମିତ୍ର ରାମଚନ୍ଦ୍ର ପଧାନ ଉପସ୍ଥିତ ଥିଲେ। ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, କାଉନସିଲର ଶିଲି ମୁଣ୍ଡା, ନୂତନ ବେହେରା, ମଞ୍ଜରୀ ଦନ୍ତାଙ୍କ ସମେତ ଓକିଲସଂଘ କର୍ମକର୍ତ୍ତା ଓ ଆଇନଜୀବୀମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

**ନାଲକୋ ନଗର:** ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ, ଅହିଂସା ପ୍ରିୟଦର୍ଶିନୀ ସେନାପତି, ଜଗନ୍ନାଥ ପାଣିଗ୍ରାହୀ, ମନୋରଞ୍ଜନ ମହାପାତ୍ର, କ୍ରୀଡ଼ା ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ପରେଡ୍ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ନାଲକୋ ଅଫିସର୍ସ ସଙ୍ଘ କାର୍ଯ୍ୟାଳୟ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲକୋ ଅଫିସର୍ସ ସଂଘର ପୂର୍ବତନ ସଭାପତି ବନମାଳୀ ସେଠୀ ଯୋଗଦେଇ ଜାତୀୟ ପତାକା ଉତ୍ତଳୋନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ଅଫିସର୍ସ ସଙ୍ଘ ସଭାପତି ଦେବାଶିଷ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଳିନୀକାନ୍ତ ପଣ୍ଡା, କିଶୋର ବେହେରା, ଶରତ ହେମ୍ବ୍ରମ, ଦେବୀପ୍ରସାଦ ମହାପାତ୍ର, ମନୋଜ ରାଣା, ପ୍ରତାପ ମଲ୍ଲିକ, କୁମାରୀ ଇରା, ନରେଶ ମିଶ୍ର, ଶୁକଦେବ ପଟ୍ଟାୟତ, ବିଭୂତି ସାହୁ, ରାକେଶ ବେହେରା, ଭାସ୍କର ସାହୁ, ଚନ୍ଦନ ନାୟକ, ପ୍ରଣୟ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଘ ଉପସଭାପତି କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଅନୁଗୋଳ:** ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଜ ଅଭିଭାଷଣରେ ସେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଘ ସଭାପତି ଅମରେଶ ଚନ୍ଦ୍ର



ସ୍ୱାଇଁ, ସମ୍ପାଦକ ରଜତ ମହାପାତ୍ର, କୋଷାଧ୍ୟକ୍ଷ ଗୌତମଦେବ ସାହୁ, ଯୁଗ୍ମ ସମ୍ପାଦକ ମନୋଜ ଗୁପ୍ତା, ସୂର୍ଯ୍ୟକାନ୍ତ ସାମନ୍ତ, ପ୍ରମୋଦ ବ୍ରହ୍ମା, ସୁଶୀଲ ସ୍ୱାଇଁ, ବରିଷ୍ଠ ସଦସ୍ୟ ସାମ୍ବାଦିକ ସଂଗ୍ରାମ ଦାସ, ଦୀପକ ପରିଡ଼ା, ଲକ୍ଷ୍ମଣ ଅଗ୍ରୱାଲ, ବାଉରୀବନ୍ଧୁ ମହାପାତ୍ର, ବିଜୟ ମହାପାତ୍ର, ରାକେଶ ପଟ୍ଟନାୟକ, ସନ୍ତୋଷ ନାୟକ, ସୁନନ୍ଦ ମହୁରୀ, ସୁବ୍ରତ ମିଶ୍ର, ଗଦାଧର ପ୍ରଧାନ, ନୀଳାମ୍ବର ସାହୁ, ଦୀପକ ମିଶ୍ର, ଖିରୋଦ ଦେହୁରୀ, ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳଖିଆ ଦୋକାନୀଙ୍କୁ ବଣିକ ସଂଘ କର୍ମକର୍ତ୍ତାଙ୍କ ହତ୍ୟା ଧମକ



ଅନୁଗୋଳ,୧୬।୮ (ସମିସ): ସାମାନ୍ୟ କଥାକୁ ନେଇ ଅନୁଗୋଳ ବଣିକ ସଂଘ କର୍ମକର୍ତ୍ତା ବୋଲାଉଥିବା ଅଶୋକ ଜୈନ ଏବଂ ଦୀପକ ବର୍ମା ଶନିବାର ଗାନ୍ଧୀମାର୍ଗସ୍ଥିତ ରାଜାଡ଼ି ଟ୍ରିଟ ନାମକ ଏକ ଜଳଖିଆ ଦୋକାନରେ ପହଞ୍ଚି ଗଣ୍ଡଗୋଳ କରିଥିବା ଅଭିଯୋଗ ହେଇଛି। ଏହି ଦୁଇ ବ୍ୟକ୍ତି ଜଳଖିଆ ଦୋକାନୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା କୁହାଯାଉଛି। ଗଣ୍ଡଗୋଳର ସମସ୍ତ ପ୍ରମାଣ ସିସିଟିଭିରେ କଏଦ ହୋଇଥିବାବେଳେ ଏହା ଏବେ ସହରର ଚର୍ଚ୍ଚାର ବିଷୟ ହେଇଛି। ବଣିକ ସଂଘର କିଛି କର୍ମକର୍ତ୍ତା ଏଭଳି ବାରମ୍ବାର ଗଣ୍ଡଗୋଳ କରିବା ପଛରେ କିଏ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବଣିକ ସଂଘ ଛୋଟ ଦୋକାନୀଙ୍କ ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ସେମାନଙ୍କୁ ହଇରାଣ କରିବା, ଧମକଚମକ ଦେବା ଦୁର୍ଭାଗ୍ୟଜନକ ବୋଲି କନଫେଡେରେସନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

କିଛି ମାସ ପୂର୍ବରୁ ରୋଟାରୀ ସ୍କୁଲରେ ପରୀକ୍ଷା ଚାଲିଥିବା ବେଳେ ବଣିକ ସଂଘର କର୍ମକର୍ତ୍ତାମାନେ ସେଠାରେ ବାଣ ଫୁଟାଇବା ସହ ଉଚ୍ଚ ଶବ୍ଦରେ ବାଜା ବଜାଇବା ବ୍ୟବସ୍ଥା କରିଥିଲେ। ଖବର ପାଇ ପୁଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ବଣିକ ସଂଘ କର୍ମକର୍ତ୍ତାମାନେ ବାରମ୍ବାର ଏଭଳି କାଣ୍ଡ ଭିଆଇ ସ୍ଥାନୀୟ ଦୋକାନୀଙ୍କୁ ଭୟଭୀତ କରୁଥିବାରୁ ପୁଲିସ ଏ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କନଫେଡେରେସନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସର କର୍ମକର୍ତ୍ତା ଦାବି କରିଛନ୍ତି।

## ଓଡ଼ିଆ ଅସ୍ମିତାକୁ ଫୁଁ କରିଦେଲେ ଉପଜିଲ୍ଲାପାଳ

ଆଠମଲ୍ଲିକ,୧୬।୮ (ସମିସ): ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଠମଲ୍ଲିକ ସହରରେ ଥିବା ଓଡ଼ିଆ ଜାତିର ପ୍ରତୀକ, ସ୍ୱାଧୀନତା ସଂଗ୍ରାମୀ, ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଗଲା ନାହିଁ କି ଶ୍ରଦ୍ଧାଞ୍ଜଳି ଦେବାକୁ ଉଚିତ ମଣିଲେ ନାହିଁ ଉପଜିଲ୍ଲାପାଳ। ଉପଜିଲ୍ଲାପାଳଙ୍କ ସମେତ ତହସିଲଦାର, ବିଡିଓ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀମାନେ ମଧ୍ୟ ମଧୁବାବୁଙ୍କୁ ଅସମ୍ମାନିତ କରିବାକୁ ପଛାଇନାହାନ୍ତି। ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କୁ ପ୍ରତ୍ୟେକ ଜାତୀୟ ଦିବସ ସମେତ ଉତ୍କଳ ଦିବସରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏନଏସି ଅଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥାଏ। ବିଡ଼ମ୍ବନାର ବିଷୟ ଯେ ଶନିବାର ସ୍ୱାଧୀନତା ଦିବସ ଉପଲକ୍ଷେ ଉପଖଣ୍ଡ ପ୍ରଶାସନ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲାନାହିଁ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ମୋହନ ମାଝୀଙ୍କ ସରକାରରେ ପ୍ରଶାସନ ଦ୍ୱାରା ଓଡ଼ିଆ ଅସ୍ମିତାକୁ କିଭଳି ଫୁଁ କରି ଉଡ଼ାଇ ଦିଆଯାଇପାରେ ତାହାର ଏହା ଏକ ନମୁନା।

**ମଧୁବାବୁଙ୍କୁ ଅସମ୍ମାନିତ କଲା ଉପଖଣ୍ଡ ପ୍ରଶାସନ**

ଏ ସମ୍ପର୍କରେ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର କହିଛନ୍ତି, ଉପଜିଲ୍ଲାପାଳ ତଥା ଉପଖଣ୍ଡ ପ୍ରଶାସନ ମଧୁବାବୁଙ୍କୁ ଏଭଳି ଅସମ୍ମାନ କରିବା ଘଟଣାକୁ ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଭଳି ଅପମାନ ସମ୍ପର୍କରେ ଓକିଲସଂଘ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବ ବୋଲି ସେ କହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ସ୍ଥାନୀୟ ଏକ ଶିକ୍ଷାନୁଷ୍ଠାନରେ ଥିବା ବରପୁତ୍ରମାନଙ୍କୁ ଉପଖଣ୍ଡ ପ୍ରଶାସନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସମ୍ମାନ ପ୍ରଦର୍ଶନ କରୁଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପାଖରେ ଥିବା ଓକିଲସଂଘ କାର୍ଯ୍ୟାଳୟ ସମ୍ମୁଖ ସର୍ବସାଧାରଣରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରିବା ପ୍ରଶାସନର ଉଚିତ ହୋଇନାହିଁ ଓ ଏହି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

**● ନବବଧୂ ମୃତ୍ୟୁ ଘଟଣା**
## ହତ୍ୟା ଅଭିଯୋଗ ଆଣିଲେ ପରିବାର



ବଣ୍ଟାଁରପାଳ,୧୬।୮ (ସମିସ): ବଣ୍ଟାଁରପାଳ ଥାନା ଗୋଟମରା ପଞ୍ଚାୟତ ବିଶ୍ୱନାଥପୁର ସାହିର ଜଣେ ନବବଧୂଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା କୁଶୁପଙ୍ଗା ଗ୍ରାମର ଗିରୀଶ ଚନ୍ଦ୍ର ନାୟକଙ୍କ ଝିଅ ତଥା ଅନୁଗୋଳ ଜିଲ୍ଲା ଗୋଟମରା ଗ୍ରାମର ମନ୍ଦର ସାମଲଙ୍କ ପୁଅ ଗଣେଶ ସାମଲ (୩୨)ଙ୍କ ସ୍ତ୍ରୀ ସୋନାଲି ନାୟକ। ଗତ ଫେବୃଆରୀ ୨୨ ତାରିଖ ସୋନାଲି ଓ ଗଣେଶଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। କିଛିଦିନ ସବୁ ଠିକ୍ ଚାଲିଥିବା ବେଳେ ଗତ ତାରିଖ ରାତି ୧୦ଟାରେ ସୋନାଲି ସ୍ୱାମୀଙ୍କ ମୋବାଇଲରୁ ବାପା ଗିରୀଶଙ୍କ ସହ କଥା ହୋଇଥିଲେ। କିନ୍ତୁ ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ସୋନାଲିଙ୍କ ମୃତଦେହ ଘରୁ ମିଳିଥିଲା। ସୋନାଲିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ସତ୍ୟରଞ୍ଜନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷ୍ୟରେ ସୋନାଲିଙ୍କ ଶଶୁର ଏକ ସୁଇସାଇଡ୍ ନୋଟ୍ ଦେଖାଇଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ବିଡିଓଙ୍କ ୨୦୦ ଟଙ୍କିଆ ଡିଜେଲ ପକାଇବା ଘଟଣା**
## ଗୋଟିଏ ଭୁଲ ଲୁଚାଇବାକୁ ଯାଇ ଅନେକ ପ୍ରଶ୍ନରେ ଛନ୍ଦିହେଲେ

କିଶୋରନଗର,୧୬।୮ (ସମିସ):

ଆଠମଲ୍ଲିକ ବ୍ଲକ ପ୍ରଶାସନକୁ ନେଇ ପୁଣି ଉଠିଛି ଗୁରୁତର ପ୍ରଶ୍ନ। ସୂଚନା ଅଧିକାର ଆଇନ ବଳରେ ସନ୍ତୋଷ ମେହେର ମାଗିଥିବା ତଥ୍ୟରେ ବ୍ଲକ ତରଫରୁ ତଥ୍ୟ ମିଳିଛି ଯେ ପ୍ରାୟ ୪ମାସ ଭିତରେ ବିଡିଓ ମୋଟ ୩୮ ଥର ଗସ୍ତ କାଟିଛନ୍ତି। ଏହି ଗସ୍ତ ବାବଦ ତାଙ୍କ ଗାଡ଼ିରେ ୪୪୦ ଲିଟର ଡିଜେଲ ଖର୍ଚ୍ଚ ହୋଇଛି। ମୋଟ ୮୮୦୭୭ ଟଙ୍କାର ଡିଜେଲ ଖର୍ଚ୍ଚ ହୋଇଥିବା ରିପୋର୍ଟ ମିଳିଛି। ଏହାକୁ ହିସାବ କଲେ ଡିଜେଲ ଲିଟର ପିଛା ୨୦୦ଟଙ୍କା ୧୭ ପଇସା ପଡୁଛି। ଏ ନେଇ ଶନିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଓ ଏହି ଦୁର୍ନୀତିରୁ ବର୍ତ୍ତିବା ପାଇଁ ବ୍ଲକ ପ୍ରଶାସନ ନୂଆ ଉପାୟ ଅବଲମ୍ବନ କରିଛି। ସୂଚନା ମାଗିଥିବା ବ୍ୟକ୍ତିଙ୍କ ପାଖକୁ ଯେଉଁ ତଥ୍ୟ ଆସିଥିଲା ସେଇ ଆଧାରରେ ସେ ସର୍ବ ସମ୍ମୁଖକୁ ଆଣିଥିଲେ। ବ୍ଲକ ତରଫରୁ ଗତ ଜୁନ ୨୩ ତାରିଖ ପୋଷ୍ଟାଲ ମାଧ୍ୟମରେ ତଥ୍ୟ ପ୍ରଦାନ କରାଯାଇଥିଲା। ତେବେ ଏହା ଭୁଲ ଥିଲା ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଜୁନ ୨୪ ତାରିଖ ସ୍ୱଷ୍ଟୀକରଣ ଦିଆଯାଇଛି। ଉକ୍ତଦିନ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ୪୪୦ କିଲୋମିଟରକୁ ମୋଟ ୪୧୪୫୬ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ଉଲ୍ଲେଖ ହୋଇଛି।

ଆବେଦନକାରୀଙ୍କ କହିବା ଅନୁସାରେ, ସେ ଯେଉଁ ଆରଟିଆଇ ସୂଚନା ମାଗିଥିଲେ ଏବଂ ଯେଉଁ ତଥ୍ୟ ମିଳିଛି ସେହି ଆଧାରରେ ସେ ଏହାକୁ ଲୋକଲୋଚନକୁ ଆଣିଛନ୍ତି। ନୂତନ ତଥ୍ୟ ସେ ପୋଷ୍ଟାଲ କିମ୍ବା ଇ-ମେଲ ମାଧ୍ୟମରେ ପାଇନାହାନ୍ତି। ଅନ୍ୟପଟେ ସୂଚନା ଦିଆଯାଇଥିବା ଭଳି କୌଣସି ଚିଠି କିମ୍ବା ଦଲିଲ ରହିଥିଲେ, ସେହି ଦଲିଲର ତାରିଖ ଓ ପ୍ରେରଣ ପ୍ରକ୍ରିୟାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ତଥ୍ୟ ପ୍ରକୃତରେ ଆବେଦନକାରୀଙ୍କୁ ପଠାଯାଇଛି, ତେବେ ତାହାର ପ୍ରମାଣ କେଉଁଠି? ଆରଟିଆଇରେ ଭୁଲତଥ୍ୟ କିପରି ଦିଆଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ବ୍ଲକ ପ୍ରଶାସନ କହୁଛି ଯେ ଚିଠି ଡାକ ଯୋଗେ ପଠାଯାଇଛି, ତେବେ ଡାକ ରସିଦ କେଉଁଠି? ରେଜିଷ୍ଟର୍ଡ ପୋଷ୍ଟ ହୋଇଥିଲେ ଟ୍ରାକିଂ ନମ୍ବର କଣ? କେଉଁ ତାରିଖରେ ଡାକ ବିଭାଗକୁ ଚିଠି ହସ୍ତାନ୍ତର କରାଯାଇଥିଲା? ଆବେଦନକାରୀଙ୍କ ଠିକଣାକୁ କେବେ ପଠାଯାଇଥିଲା? ଏହାର ସ୍ପଷ୍ଟ ଉତ୍ତର ଆସିବା ଦରକାରବୋଲି ଦାବି ହେଉଛି। ସେହିପରି ଯଦି ଆରଟିଆଇ ସୂଚନା ଇ-ମେଲ୍ ମାଧ୍ୟମରେ ପଠାଯାଇଥିବା କଥା କୁହାଯାଉଛି, ତେବେ କେଉଁ ଇ-ମେଲ୍ ଠିକଣାକୁ, କେଉଁ ତାରିଖରେ ତଥା କେଉଁ ସମୟରେ ମେଲ୍ ପଠାଯାଇଥିଲା, ତାହାର ରେକର୍ଡ ମଧ୍ୟ ସ୍ପଷ୍ଟ କରିବାକୁ ଦାବି ହେଉଛି। ପିଛିଲା ତାରିଖ ଅଭିଯୋଗକୁ ନେଇ ଉଠିଛି ଆହୁରି ବଡ଼ ପ୍ରଶ୍ନ। ଆବେଦନକାରୀଙ୍କ ଅଭିଯୋଗ ହେଉଛି, ଆରଟିଆଇ ତଥ୍ୟକୁ ନେଇ ପ୍ରଶ୍ନ ଉଠିବା ପରେ ଏକ ଚିଠି ପଛ ତାରିଖରେ ପ୍ରସ୍ତୁତ କରାଯାଇଛି। ଯଦି ଏହି ଅଭିଯୋଗ ଭୁଲ, ତେବେ ବ୍ଲକ ପ୍ରଶାସନ ଏହାକୁ ଦଲିଲ ମାଧ୍ୟମରେ ଖଣ୍ଡନ କରିବାରେ କୌଣସି ଅସୁବିଧା ରହିବା କଥା ନୁହେଁ। ଚିଠିର ଡିସ୍ପାଚ୍ ନମ୍ବର କଣ? ଡିସ୍ପାଚ୍ ରେଜିଷ୍ଟରରେ କେବେ ଏଣ୍ଟ୍ରି ହୋଇଛି? ଚିଠି କେବେ ବାହାରିଛି? ଡାକ ରସିଦ କେବେ କଟାଯାଇଛି? ଏ ସବୁ ପ୍ରଶ୍ନର ଉତ୍ତର ଦଲିଲ ସହ ସାମ୍ନାକୁ ଆସିଲେ ହିଁ ପ୍ରକୃତ ଚିତ୍ର ସ୍ପଷ୍ଟ ହେବ। ସେହିପରି ଜାନୁଆରୀ ୩୦ରେ ଯେଉଁରାସ୍ତା ୧୬୦ କିମି ଥିଲା ସେହି ରାସ୍ତା ଫେବୃଆରୀ ୨୦ରେ ୭୦ କିଲୋମିଟର କିପରି ହୋଇଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସରକାରୀ ସ୍ତରରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟେ ବିଡିଓଙ୍କ ଗାଡ଼ିରେ ପଡୁଥିବା ଡିଜେଲ ମୂଲ୍ୟ ଲିଟର ପ୍ରତି ୨୦୦ ଟଙ୍କା ହୋଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଡିଓ ପିଛଲା ତାରିଖରେ ଏକ ଚିଠି କରି ଏପରି ଗୁରୁତର ଅଭିଯୋଗରୁ ବର୍ତ୍ତି ଯିବାକୁ ଚେଷ୍ଟା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଢେଙ୍କାନାଳ, ୧୬।୮ (ସମିସ)

ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଅବସରରେ ଢେଙ୍କାନାଳ ଷ୍ଟାଡିୟମରେ ସକାଳ ୯ଟା ୧୫ରେ ଦିବସର ମୁଖ୍ୟଅତିଥି ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ୟାରେଡ କମାଣ୍ଡର ଜ୍ୟୋତିପ୍ରକାଶ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ମିଳିତ ପରେଡ୍ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ତାଙ୍କ ଭାଷଣରେ କହିଲେ, ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଅଭୂତପୂର୍ବ ଘଟଣା। ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ସମସ୍ତ ମହାପୁରୁଷ ଏବଂ ଢେଙ୍କାନାଳର ବରପୁତ୍ରମାନଙ୍କ ପ୍ରତି ସେ ଶ୍ରଦ୍ଧା ଜ୍ଞାପନ କରିଥିଲେ। ବିକଶିତ ଓଡ଼ିଶା ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଦେଶର ଏକତା, ଅଖଣ୍ଡତା, ଶାନ୍ତି ଓ ମୈତ୍ରୀ ବଜାୟ ରଖି ରାଜ୍ୟ ଏବଂ ଦେଶର ଉନ୍ନତି ପାଇଁ ସ୍ୱାଧୀନତା ଦିବସରେ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ।

ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଅମନ କୁମାର ସାହୁ, ଅରଣ୍ୟ କୁମାର ସାହୁ ଏବଂ ଶ୍ରେୟାଶିଳ୍ପୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ପୁରସ୍କୃତ ହୋଇଥିଲା। ପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ଏବଂ ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସକାଳ ୮ଟାରୁ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଭିନବ ସୋନକର, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଉପଜିଲ୍ଲାପାଳ ପଦ୍ମଚରଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ସେଣ୍ଟ୍ ଜାଭିୟର୍ସ ସ୍କୁଲକୁ ପୁରସ୍କୃତ କରାଯାଇଥିଲା।

**ଢେଙ୍କାନାଳ:** ଆମ୍ ଆଦମୀ ପାର୍ଟି ପକ୍ଷରୁ ସ୍ଥାନୀୟ କଚେରୀ ରୋଡ୍‌ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପଙ୍କଜ ନାୟକ ଏବଂ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ରାସୋଳଠାରେ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଜିଲ୍ଲା କାର୍ଯ୍ୟାଳୟରେ ଉପସଭାପତି ପ୍ରସନ୍ନ ବରାଳ, ମହିଳା ନେତ୍ରୀ ରୁକ୍ମିଣୀ ଦଳେଇ, କବିଜ୍ୟୋତି ନିରଞ୍ଜନ ପତି ମିଳିତ ଭାବେ ପତାକା ଉତ୍ତୋଳନ କରିଥିଲେ। ପରେ ସ୍କୁଲ ପିଲା ଏବଂ ପଥଚାରୀଙ୍କୁ ମିଷ୍ଟାନ୍ନ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ଜିଲ୍ଲା



କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଦସ୍ୟ କଳାକାର ଯୁଧିଷ୍ଠିର ଦାସ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ସଦସ୍ୟ ସୁନୀଲ ସାହୁ, ଅନିଲ ନାଥ, ନିରାକାର ସାହୁ, ସୁଧନ୍ୟ ନାଏକ, ଦୁର୍ଯ୍ୟୋଧନ ବେହେରା, କୁଞ୍ଜବିହାରୀ ଲେଙ୍କା, ଅନ୍ତର୍ଯ୍ୟାମୀ ସାହୁ, କବି ନାଏକ ପ୍ରମୁଖ ଯୋଗଦେଇଥିଲେ।

**ଖଜୁରିଆକଟା:** ହିନ୍ଦୋଳ ଉପଖଣ୍ଡ ରାସୋଳସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ତଥା ପରିଚାଳନା କମିଟି ସଭାପତି ସୀମାରାଣୀ ନାଏକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସମ୍ପାଦକ ମନୋରଞ୍ଜନ ନାଥ, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ଆଲୋକ ଚିନାରା, ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ବ୍ଲକ



ଉପାଧ୍ୟକ୍ଷ ବରୁଣ କୁମାର ସର, କଲେଜ ଅଧ୍ୟକ୍ଷା ପୂର୍ଣ୍ଣିମା ପ୍ରିୟଦର୍ଶିନୀ ମହାନ୍ତିଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ମେରାମଣ୍ଡଳୀ:** ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ପ୍ଲାଣ୍ଟ ଅଫିସ୍ ପରିସରରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଟାଟା ଷ୍ଟିଲର ଓଡ଼ିଶା ଚିଫ୍ ସେଫ୍ଟି ବିଳାସ ଗାଏକୱାଡ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀର ହେଡ୍ ସିକ୍ୟୁରିଟି ଅଧିକାରୀ ମୁକୁଲ କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ବାହିନୀ ପକ୍ଷରୁ ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରାଯାଇଥିଲା।



**ପରଜଙ୍ଗ:** ପରଜଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସ୍ୱାଧିନତା ଦିବସ ପାଳନ କରାଯାଇଛି। ପରଜଙ୍ଗ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ନୂଆ ଭୁବନଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ସମସ୍ତ ଖବରଦାତା ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟରେ ପରିଷଦ ସଭାପତି ତଥା ପରଜଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ତତ୍ତ୍ୱାବଧାନରେ ଅବସରପ୍ରାପ୍ତ ଖେଳ ଶିକ୍ଷକ ତଥା ପରିଷଦର ବରିଷ୍ଠ ସଭ୍ୟ ଚୈତନ୍ୟ କୁମାର ନାୟକ ପତାକା ଉତ୍ତୋଳନ କରିଥିଲେ। ପରଜଙ୍ଗ ପିଏମ୍‌ଶ୍ରୀ ମହେଶ୍ୱଚନ୍ଦ୍ର ସୁବାହୁସିଂ ନୋଡାଲ ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ପତାକା ଉତ୍ତୋଳନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସ୍ମୃତିରଞ୍ଜନ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘ ପକ୍ଷରୁ ଉଠା ଜଳସେଚନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଂଘ ସଭାପତି ଅକ୍ଷୟ କୁମାର ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅଭୟ ସାହୁ, ହୃଦୟଚନ୍ଦ୍ର ଚମ୍ପତ୍‌ସିଂହ, ମୁନା ବାବା, କାଳିଆ ବାବା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରଜଙ୍ଗ ମହାବିଦ୍ୟାଳୟରେ ଅଧ୍ୟକ୍ଷା ସ୍ମିତାରାଣୀ ସାହୁ, ଦମକଳ କେନ୍ଦ୍ରରେ ଅଧିକାରୀ ବିଜୟ କୁମାର ନାୟକ, ବିଇଓ କାର୍ଯ୍ୟାଳୟରେ ବିଇଓ ପ୍ରିୟଦର୍ଶିନୀ ନାୟକ, ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ପରଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରପତି ଦିଲୀପ କୁମାର ବାରିକ ପତାକା ଉତ୍ତୋଳନ କରିଥିବା ବେଳେ ଓକିଲ ସଂଘ ସଭାପତି ଅଶୋକ କୁମାର ଦଳବେହେରା, ସମସ୍ତ ଆଇନଜୀବୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବିଡିଓ ସୌଭାଗ୍ୟ କୁମାର ବେହେରା ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

**ଢେଙ୍କନାଳ:** ଖଡ଼କପ୍ରସାଦସ୍ଥିତ ବ୍ରାହ୍ମଣୀ ସ୍କୁଲ ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ନବ ଲିମିଟେଡ୍‌ର ଭାଇସ୍ ପ୍ରେସିଡେଣ୍ଟ ଆଡମିରାଲ ଭି. ରାଜଶେଖର ଯୋଗଦେଇ ପତାକା ଉତୋଳନ କରିଥିଲେ।

ଅନ୍ୟତମ ଅତିଥି ଭାବେ ବିଜୟ କୁମାର ଧଳ, ସ୍କୁଲ କମିଟି ସଦସ୍ୟ ବିନୋଦ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ ନୀହାର ରଞ୍ଜନ ଯୋଗଦେଇ ଚାରାରୋପଣ କରିଥିଲେ। ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଦାସ ଧନ୍ୟବଦ ଅର୍ପଣ କରିଥିଲେ।

ସେହିପରି ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ଓ କଣ୍ଟାବଣିଆ ବ୍ରାହ୍ମଣୀ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ତଥା ବ୍ରାହ୍ମଣୀ ଟ୍ରକ ମାଲିକ ସଂଘ ସମ୍ପାଦକ ବିଜୟ କୁମାର ଧଳ, ନରେନ୍ଦ୍ର କୁମାର ସାହୁ, ବିନୋଦ କୁମାର ସାହୁ, ସଞ୍ଜୟ ସାହୁ, ରାମଚନ୍ଦ୍ର ନାଥ, କୈଳାସ ଚନ୍ଦ୍ର ରାଉତ, ପ୍ରଫୁଲ୍ଲ ନାୟକ, ଢେଙ୍କନାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ଜୟନ୍ତ କୁମାର ନାଥ, ଅଖିଳ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

**ଭୁବନ:** ଭୁବନ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁତ ସାହୁ, ଉପାଧ୍ୟକ୍ଷା ମାନିନୀ ସାହୁ, କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, କଳ୍ପନା ବେହେରାଙ୍କ ସମେତ ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପରେ ନଗରପାଳ କାଳୀବଜାରସ୍ଥିତ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନୁରୂପ ଭାବେ କାଳୀବଜାରରେ ଥିବା ସହିଦ୍ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭୁବନ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ସମାରୋହରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।




**ଗଁଦିଆ:** ଗଁଦିଆ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ମିନି ଷ୍ଟାଡିୟମରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଏସ ନୈବେଦ୍ୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦଣ୍ଡଧର ସାହୁଙ୍କ ସମେତ ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଜନସାଧାରଣ ଉପସ୍ଥିତ ଥିଲେ।

**ଗଁଦିଆ:** ଗଁଦିଆ ବ୍ଲକ କାବରା ଗ୍ରାମରେ ବ୍ରଜନାଥ ବଡ଼ଜେନା ଯୁବକ ସଂଘ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ସଭାପତି ମନୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ବ୍ରହ୍ମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ବିଶ୍ୱଜିତ୍ ମହାନ୍ତି, ପ୍ରତ୍ୟୁଷ କୁମାର ନାୟକ, ଦେବଦତ୍ତ ବେହେରା, ଜ୍ଞାନରଞ୍ଜନ ରାଉତ, ରଣଜିତ୍ ମହାନ୍ତି, ଦେବୀ ମହାନ୍ତି, ରାଜେନ୍ଦ୍ର ସାହୁ, କାହ୍ନୁଚରଣ ସାହୁ, ସୁଶାନ୍ତ ବାରିକ, ସୌମ୍ୟ ବାରିକ, ସୁନୀଲ ନାୟକ, ବନବିହାରୀ ରାଉଳ ଓ କାବରା ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ପ୍ରଦ୍ୟୁମ୍ନ ବେହେରା ସହଯୋଗ କରିଥିଲେ।

**ଖଜୁରିଆକଟା:** ହିନ୍ଦୋଳରେ ୮୦ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ମଧ୍ୟ ପତାକା ଉତ୍ତୋଳନ କରାଯାଇଛି। ପୂର୍ବତନ ସାଂସଦ ମହେଶ ସାହୁ ସାତମାଇଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ।

## ଫାର୍ମହାଉସରୁ ୪ଜଣ ଜଳବନ୍ଦୀ ଉଦ୍ଧାର

ଭୁବନ, ୧୬।୮ (ସମିସ): ରାମିଆଳ ନଦୀରେ ବନ୍ୟାପାଣି ବଢ଼ିବାରୁ ଢେଙ୍କାନାଳ ଜିଲ୍ଲା ଭୁବନ ମଠକରଗୋଳା ଗ୍ରାମ ତଳି ଅଞ୍ଚଳ ପାଣି ଘେରରେ ରହିଛି। ଗ୍ରାମର ଚୁଲା ସାହୁଙ୍କ ଫାର୍ମ ହାଉସ୍‌ରେ ୪ଜଣ ଜଳବନ୍ଦୀ ଅବସ୍ଥାରେ ଫସି ରହିଥିବା ବେଳେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି କାମାକ୍ଷାନଗର ଅଗ୍ନିଶମ ବାହିନୀ। ବର୍ତ୍ତମାନ ତଳି ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ଥିବା ଜଣାଯାଇଛି।

## ବନ୍ୟାଜଳ ଘେରରୁ ୭୦ ଗୋରୁ ଉଦ୍ଧାର

ଗଁଦିଆ, ୧୬।୮ (ସମିସ): ଲଘୁଚାପଜନିତ ବର୍ଷା ଓ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ଯୋଗୁଁ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାଲୁହୁରିଆ ଅଞ୍ଚଳରେ ପ୍ରାୟ ୭୦ଟି ଗୋରୁ ବନ୍ୟାଜଳରେ ଫସି ଯାଇଥିଲେ। ହଠାତ୍ ଚାରିଆଡ଼େ ବନ୍ୟାଜଳ ଘେରିଯିବାରୁ ଗୋରୁଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିଲେ। ଖବର ପାଇ ଗଁଦିଆ ଅଗ୍ନିଶମ କେନ୍ଦ୍ରର ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଷ୍ଟେସନ୍ ଇନ୍‌ଚାର୍ଜ ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ କର୍ମଚାରୀମାନେ ବନ୍ୟାଜଳରେ ପ୍ରବେଶ କରି ଗୋଟିଏ ପରେ ଗୋଟିଏ ଗୋରୁଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିଥିଲେ।

## କାଉଡ଼ିଆଙ୍କ ପାଇଁ ବିଜେପିର ସେବା ଶିବିର



ଗଁଦିଆ, ୧୬।୮ (ସମିସ): ଶ୍ରାବଣ ମାସ ତୃତୀୟ ସୋମବାର ସଂକ୍ରାନ୍ତି ପଡ଼ିଥିବାରୁ ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ରବିବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଯୋଗାଣ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ବିଜେପି ପକ୍ଷରୁ କାଉଡ଼ିଆମାନଙ୍କ ପାଇଁ ସେବା ଶିବିର ଆୟୋଜନ କରାଯାଇଥିଲା। ଭକ୍ତମାନଙ୍କୁ ସମସ୍ତ ସେବା ସହାୟତା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ବ୍ଲକ ସଭାପତି ପ୍ରଦୀପ କୁମାର ଦାସ, ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଢେଙ୍କାନାଳ ସାଂସଦଙ୍କ ଗଁଦିଆ ବ୍ଲକ ପ୍ରତିନିଧି ଲଳିତ ଦାସ, କପିଳାସ ମଣ୍ଡଳ ସଭାପତି ପ୍ରତାପ ପତି, ମହିମା ମଣ୍ଡଳ ସଭାପତି ପ୍ରତାପ ନାଥ, କାବେରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି କାଉଡ଼ିଆମାନଙ୍କୁ ଭୋଜନ ସହ ଅନ୍ୟାନ୍ୟ ସେବା ଉପଲବ୍ଧ କରାଇଥିଲେ।

## ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଭୁବନ, ୧୬।୮ (ସମିସ): ରେଙ୍ଗାଲୀ ଡ୍ୟାମ୍‌ରୁ ପାଣି ଛଡ଼ାଯିବା ପରେ ବ୍ରାହ୍ମଣୀ ନଦୀ ସହ ବଢୁଛି ରାମିଆଳ ନଦୀ। ଫଳରେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଭୁଷଳ ପଞ୍ଚାୟତ ଜୟପୁର ଗ୍ରାମ ବର୍ତ୍ତମାନ ପାଣି ଘେରରେ ରହିଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଏକ ବୋଟରେ ଜୟପୁର ଗ୍ରାମ ପହଁଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି। ବିଶେଷକରି ବନ୍ୟା କାରଣରୁ ଗ୍ରାମରେ ଗାଈଗୋରୁଙ୍କ ଖାଦ୍ୟ ସମସ୍ୟା ଥିବାରୁ ଖୁବଶୀଘ୍ର ଏହାର ସମାଧାନ ପାଇଁ ବିଧାୟକ ବ୍ୟବସ୍ଥା କରିଛନ୍ତି। ସେହିପରି ସରକାରଙ୍କ ବ୍ୟବସ୍ଥାରେ ଏକ ନୂତନ ଡଙ୍ଗା ଯୋଗାଇଦେବା ସହ ନୂତନ ରାସ୍ତା ନିର୍ମାଣ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଜୟପୁର ଗ୍ରାମକୁ ଥିବା ରାସ୍ତା ଉପରେ ୪ଫୁଟ ପାଣି ଚାଲୁଥିବା ବେଳେ ବର୍ତ୍ତମାନ ପାଣି




ବଢୁଥିବା ଦେଖିବାକୁ ମିଳିଛି। ବିଧାୟକଙ୍କ ସହ ଭୁବନ ଆଡିସନାଲ ତହସିଲଦାର ମଧ୍ୟ ଉପସ୍ଥିତ ରହି ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିଥିଲେ। ସେହିପରି ଭୁବନ ବିଜେଡି ତରଫରୁ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସୁଧାକର ସାହୁଙ୍କ ସମେତ ବହୁ ଯୁବନେତା ଜୟପୁର ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ସହଯୋଗ କରିବା ସହ ପଶୁମାନଙ୍କ ପାଇଁ ଗୋ ଖାଦ୍ୟ ପ୍ରଦାନ କରିଥିଲେ।

## ହାତୀର ମୃତଦେହ ଉଦ୍ଧାର

ହିନ୍ଦୋଳ, ୧୬।୮ (ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳରେ ରବିବାର ଅପରାହ୍ନରେ ବନ ବିଭାଗ ପ୍ରାୟ ୩୦ବର୍ଷ ବୟସ୍କ ଦନ୍ତାହାତୀର ମୃତଦେହ ଉଦ୍ଧାର କରିଛି। ହିନ୍ଦୋଳ ବନାଞ୍ଚଳ ବିମ୍ବୋରୀ ସେକ୍ସନ ଈଶ୍ୱରାପାଳ ଗ୍ରାମଠାରୁ ପ୍ରାୟ ଦୁଇ କିମି ଦୂର ଏକ କାଜୁ ଜଙ୍ଗଲରେ ହାତୀ ମରି ପଡ଼ିଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ତଦନ୍ତ ଜାରି ରଖିଛି। ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ବନ ବିଭାଗ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଦୁଇମାସ ଭିତରେ ଏହା ଦ୍ୱିତୀୟ ହାତୀମୃତ୍ୟୁ ଘଟଣା ହୋଇଥିବାବେଳେ ସୋମବାର ସାଇଣ୍ଟିଫିକ ଟିମ ଓ ଡାକ୍ତରୀ ଟିମ ପହଞ୍ଚି ବ୍ୟବଚ୍ଛେଦ କରିବେ ଏବଂ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁ କାରଣ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

## ୨୦୦ ବର୍ଷ ଐତିହ୍ୟର ମୂକସାକ୍ଷୀ ଗୁମ୍ଫା ଜଗନ୍ନାଥ

ଢେଙ୍କାନାଳ, ୧୬।୮ (ସମିସ)

ଆମ ଚତୁର୍ଦ୍ଦିଗରେ ଏମିତି ଅନେକ ଜ୍ଞାତ ଅଜ୍ଞାତ ପର୍ଯ୍ୟଟନ ଓ ଐତିହ୍ୟ ସମ୍ପନ୍ନ ସ୍ଥାନ ରହିଛି, ଯେଉଁଗୁଡ଼ିକ ଯୁଗଯୁଗ ଧରି ଆମ ସାଂସ୍କୃତିକ ତଥା ସାମାଜିକ ଜୀବନବୋଧକୁ ଋଦ୍ଧିମନ୍ତ କରି ଆସିଛନ୍ତି। ସେଇ ଐତିହ୍ୟ ସ୍ଥଳୀଗୁଡ଼ିକ ମଧ୍ୟରୁ ଅନେକ ବହୁଳ ପ୍ରଚାରିତ ଓ ଅନେକ ପ୍ରଚାର ପ୍ରସାରର ଅନ୍ତରାଳରେ ରହିଛନ୍ତି। ସେମିତି ଏକ ଅଳ୍ପଜ୍ଞାତ ଐତିହ୍ୟ ସ୍ଥଳୀ ହେଉଛି ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ବ୍ଲକ ଅନ୍ତର୍ଗତ ବାଇଁଶିଆ ଗ୍ରାମର ଡୁବୁରି ଜଗନ୍ନାଥ ମନ୍ଦିର। ଏକଦା ଏହି ଡୁବୁରି (ଛୋଟ ପାହାଡ) ର ଏକ ଗୁମ୍ଫାରେ ଜଗନ୍ନାଥ ପୂଜା ପାଉଥିଲେ ବୋଲି ଲୋକେ ଏହାକୁ ଗୁମ୍ଫା ଜଗନ୍ନାଥ ଭାବେ ମଧ୍ୟ ସମ୍ବୋଧନ କରି ଥାନ୍ତି। ଏଠାରେ ହରି ଏବଂ ହର ଏକତ୍ର ପୂଜିତ ହେଉଥିବାରୁ ଏହି ସ୍ଥାନ ହରିହର ମଠ ଭାବେ ମଧ୍ୟ ପରିଚିତ।

ବ୍ରାହ୍ମଣୀ ନଦୀ ଅବବାହିକାରେ ଅବସ୍ଥିତ, ସବୁଜିମାରେ ପରିପୂର୍ଣ୍ଣ ଏକ ଛୋଟ ପଥର ପାହାଡ଼ ଉପରେ ଅବସ୍ଥିତ ଏହି ଗୁମ୍ଫା ଜଗନ୍ନାଥଙ୍କ ପୀଠ ଠାରେ ଆଜି ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୪୦ତମ ସଂସ୍କରଣ ଅନୁଷ୍ଠିତ ହୋଇ ଯାଇଛି। ଆଜି ପ୍ରବଳ ବର୍ଷା ସତ୍ତ୍ୱେ ଐତିହ୍ୟ ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ତରଫରୁ ପଦଯାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଜଗତ କଲ୍ୟାଣ ପାଇଁ ପଦଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରିବା





ପରେ ଏଠାରେ ଅବସ୍ଥିତ ଶିବ ମନ୍ଦିର ମଣ୍ଡପରେ ଏକ ଆନୁଷ୍ଠାନିକ ଆଲୋଚନାଚକ୍ରରେ ଏହି ମନ୍ଦିର ପ୍ରତିଷ୍ଠାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ତଥ୍ୟ ଉପରେ ଆଲୋଚନା କରାଯାଇଥିଲା। ଆଜିକୁ ଦୁଇଶହ ବର୍ଷ ପୂର୍ବରୁ ଜଣେ ସାଧୁ ଏହି ଡୁବୁରିରେ ଥିବା ଏକ ଗୁମ୍ଫାରେ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରୁ ଥିଲେ। ସାଧୁଙ୍କ ଅନ୍ତେ ପରବର୍ତ୍ତୀ କାଳରେ ଏଠାରେ ସ୍ଥାନୀୟ ଭକ୍ତବୃନ୍ଦଙ୍କ ଉଦ୍ୟମରେ ଠାକୁର ମାନଙ୍କର ନବକଳେବର କରାଯାଇ ମନ୍ଦିର ନିର୍ମାଣ କରାଯାଇଛି। ଏହି ପାହାଡରେ ରହିଛି ଅନେକ ଗୁମ୍ଫା। ପ୍ରତି ଗୁମ୍ଫାରେ ବିଭିନ୍ନ ଦେବଦେବୀଙ୍କ ପ୍ରତିମା ସ୍ଥାପନ କରାଯାଇଛି ଓ ଏଠାରେ ଏକ ଶିବ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି। ମା ବିମଳା ଓ ମହାଲକ୍ଷ୍ମୀଙ୍କ ମନ୍ଦିର, ହନୁମାନ, ଗଣେଶଙ୍କୁ ସ୍ଥାପନ କରାଯାଇଛି। ଆଦି ଶଙ୍କରାଚାର୍ଯ୍ୟ ଓ ଶ୍ରୀଚୈତନ୍ୟଙ୍କ ପ୍ରତିମା ଏହି ପୀଠର ଶୋଭା ବର୍ଦ୍ଧନ କରୁଛନ୍ତି। କୌଣସିବି ସରକାରୀ ଅନୁଦାନ ବିନା ପରିଚାଳନା କମିଟି ଭକ୍ତ ମାନଙ୍କ ଦାନରେ ଏହି ପୀଠର ଉନ୍ନତିକରଣ କାର୍ଯ୍ୟକୁ ଯେପରି ତ୍ୱରାନ୍ୱିତ କରୁଛନ୍ତି ତାହା ବାସ୍ତବିକ ପ୍ରଶଂସା ଯୋଗ୍ୟ। ରଥଯାତ୍ରା ଠାରୁ ଆରମ୍ଭ କରି ବାରମାସରେ ତେର ଯାତ୍ରା ଏଠାରେ ଅନୁଷ୍ଠିତ ହୋଇ ଆସୁଛି। ମାତ୍ର ପୀଠକୁ ଏକ ସ୍ଥାୟୀ ପକ୍କା ସଡ଼କ ନଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉପସ୍ଥିତ କମିଟିର ସଦସ୍ୟ ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ପୀଠର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ସାମାନ୍ୟ ଦୃଷ୍ଟି ଦେଲେ ଏହା ଜିଲ୍ଲାର ଏକ ପ୍ରମୁଖ ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହୋଇ ପାରନ୍ତା ବୋଲି ପଦଯାତ୍ରୀ ମାନେ ଅନୁଭବ କରିଥିଲେ।

ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ରମେଶ ଚନ୍ଦ୍ର ପତି, ବଦ୍ରୀନାଥ ଜେନା, ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା, ଜନ୍ମେଜୟ ରାଉତ, ଅକ୍ଷୟ କୁମାର ଦାସ, ପଦ୍ମନାଭ ଲେଙ୍କା, ସ୍ମିତାଲି ବେହେରା, ଜ୍ଞାନରଞ୍ଜନ ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା, ଜିତେନ୍ଦ୍ର କୁମାର ପାଣି, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ନରହରି ମହାନ୍ତ, ସୁଚିସ୍ମିତା ରାଉତ, ଓମ୍‌ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ପରିଚାଳନା କମିଟି ସମ୍ପାଦକ ହିମେନ୍ଦୁ ଲୋଚନ ପତି, ସଭାପତି ବ୍ରଜମୋହନ ପତି, ଅନ୍ନଦାଶଙ୍କର ପତି, ରମେଶ ଚନ୍ଦ୍ର ରାଉଳ, ଅଶ୍ୱିନୀ କୁମାର ପତି ଓ ବହୁ ବରିଷ୍ଠ ଉପଦେଷ୍ଟା ଓ ସଦସ୍ୟ ଐତିହ୍ୟ ପଦଯାତ୍ରା ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

## ସଂସଦର ମୌସୁମୀ ଅନୁଭବ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନ ଶାସକ ଓ ବିରୋଧୀ ଦଳ ପାଇଁ ମିଶ୍ର ଫଳାଫଳ ଦେଇଛି। ଅଥଚ ଭାରତର ନାଗରିକଙ୍କ ପାଇଁ ଆଉ ଏକ ନୈରାଶ୍ୟଜନକ ଅନୁଭବ ଆଣିଛି। 'ପିଆରଏସ୍ ଲେଜିସଲେଟିଭ୍ ରିସର୍ଚ୍ଚ' ତଥ୍ୟାନୁଯାୟୀ ଧାର୍ଯ୍ୟ ମୋଟ ୧୧୪ ଘଣ୍ଟାର ଅଧିବେଶନରୁ ଲୋକସଭା ମାତ୍ର ୧୭.୫ ଘଣ୍ଟା ବା ୧୫% ଏବଂ ରାଜ୍ୟସଭା ୩୭.୩୭ ଘଣ୍ଟା ବା ୩୩ ପ୍ରତିଶତ ଚାଲିପାରିଛି। ଅର୍ଥାତ୍ ଲୋକସଭାର ୯୬.୫ ଘଣ୍ଟା ଏବଂ ରାଜ୍ୟସଭାର ୭୬.୬ ଘଣ୍ଟାର ବହୁମୂଲ୍ୟ ସମୟ ଅପଚୟ ହୋଇଛି। ଲୋକସଭା ସଚିବାଳୟ ଦ୍ୱାରା ୨୦୧୨ରେ କରାଯାଇଥିବା ଏକ ଆନୁମାନିକ ଆକଳନ ଅନୁଯାୟୀ ପ୍ରତି ଗୃହ ପାଇଁ ମିନିଟ୍ ପିଛା ୧.୨୫ ଲକ୍ଷ ଟଙ୍କା ରାଜକୋଷରୁ ଅର୍ଥାତ୍ ଭାରତୀୟ ଟିକସଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି। ଏହି ଆଧାରରେ ହିସାବ କଲେ ସଦ୍ୟସମାପ୍ତ ଅଧିବେଶନରେ ଉଭୟ ଗୃହରେ ଅସ୍ୱାଭାବିକ ହୋଇଥିବା ମୋଟ ୧୭୩.୧ ଘଣ୍ଟା ପାଇଁ ୧୩୦ କୋଟି ଟଙ୍କା ଅପଚୟ ହୋଇଛି। ଆଜିର ଦିନରେ ହିସାବ କଲେ ଏହି ଖର୍ଚ୍ଚ ଆହୁରି ଅଧିକ ହୋଇପାରେ। ଏହାଦ୍ୱାରା ଜନସ୍ୱାର୍ଥ ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ ବାତିଲ୍ ହୋଇଯିବା ଫଳରେ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ କରାଯାଇପାରି ନାହିଁ। କେତେକ ବିଧେୟକ ବିନା ଆଲୋଚନାରେ ଏବଂ କେତେକ ବିଲ୍ ଯତ୍କିଞ୍ଚିତ ଆଲୋଚନାରେ ପାରିତ ହୋଇଗଲା। ଏହା ସାମଗ୍ରିକ ଭାବେ ସଂସଦୀୟ ଗଣତନ୍ତ୍ର ପ୍ରତି ଶୁଭସଙ୍କେତ ନୁହେଁ।

ସଂସଦରେ ବିରୋଧାଭାସ ସ୍ୱାଭାବିକ। କିନ୍ତୁ ଏହା ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଭାବରେ ହେବା ଉଚିତ। ଏଥିରେ ଉଭୟ ଶାସକ ଓ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। କିନ୍ତୁ ଏହି ଦାୟିତ୍ୱ ନିଜ ଉପରକୁ ନେବାକୁ କୌଣସି ପକ୍ଷ ପ୍ରସ୍ତୁତ ନଥିବାରୁ ଏଭଳି ଅବାଞ୍ଛିତ ଅଧ୍ୟାୟମାନ ସଂସଦୀୟ ଗଣତାନ୍ତ୍ରିକ ଇତିହାସର ପୃଷ୍ଠା ମଣ୍ଡନ କରୁଛି। ଭୋଟଦାତାଙ୍କ ପାଇଁ ଗତ ମୌସୁମୀ ଅଧିବେଶନ ହତାଶା ହେବା ପଛରେ ମୁଖ୍ୟ କାରଣ ଥିଲା ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ୍‌ର ଅନୈତିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିବାଦ। ଏହାକୁ କେନ୍ଦ୍ର କରି ବିରୋଧୀ ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତ୍ତି ଓ ଇସ୍ତଫା ଦାବି କରିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଦୀର୍ଘଦିନ ଧରି ଗୃହରେ ଅନୁପସ୍ଥିତ ରହିଲେ। ଏହା ବିରୋଧୀଙ୍କୁ ଆହୁରି ବଳ ଯୋଗାଇଲା। ଅଧିବେଶନର ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୃହରେ ଉପସ୍ଥିତି ଓ ଇସ୍ତଫା ଦାବି କରି ବିରୋଧୀ ଦଳ ଉଭୟ ଗୃହକୁ ଅଚଳ କରିଦେଲେ। ଶେଷପର୍ଯ୍ୟାୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ୨୪ ଘଣ୍ଟିଆ ବିବୃତ୍ତି ପ୍ରସ୍ତାବକୁ ବିରୋଧୀ ଦଳ ପ୍ରତ୍ୟାଖ୍ୟାନ କଲେ। ତେଣୁ ଶେଷ ଦିନରେ ଗୃହ ମାତ୍ର ୧ ମିନିଟ୍ ଚାଲିପାରିଲା। କିନ୍ତୁ ଏଥିପାଇଁ ଉଭୟେ ଉଭୟଙ୍କ ଉପରେ ଦୋଷ ଲଦିବାରେ ଅବହେଳା କଲେ ନାହିଁ।

ଅଧିବେଶନ ସମାପ୍ତ ପରେ ଉଭୟ ଶାସକ ଓ ବିରୋଧୀ ଦଳ କ'ଣ ପାଇଲେ କ'ଣ ହରାଇଲେ ତାହାକୁ ନେଇ ହିସାବ ନିକାସ କରୁଥିବେ। ଶାସକ ଦଳ ଏଥର ପୁଣି ଥରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ବିଧେୟକକୁ ମିଳିତ ଭାବେ ଉପସ୍ଥାପନ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ଯୋଜନାରେ ଥିଲେ। କିନ୍ତୁ ସିଜେପି ଆନ୍ଦୋଳନ ବିରୋଧୀ ପକ୍ଷକୁ ବଳ ଯୋଗାଇଲା ଏବଂ କ୍ରମାଗତ ବିରୋଧ ସରକାରଙ୍କ ଏହି ଯୋଜନାକୁ ଭଣ୍ଡୁର କରିଦେଲା। ଶାସକ ଦଳ ପାଇଁ ଏହା ସବୁଠାରୁ ବଡ଼ ବିଫଳତା ଭାବେ ଗଣାଯାଉଛି। ଏଥିସହିତ ବିରୋଧୀ ଓ ଜନତାଙ୍କ ଦାବି ଆଗରେ ମୁଣ୍ଡନୁଆଁଇ କେନ୍ଦ୍ର ମନ୍ତ୍ରିପରିଷଦର ଜଣେ ସଦସ୍ୟଙ୍କୁ ଏହି ଅଧିବେଶନ କାଳରେ ହିଁ ଇସ୍ତଫା ଦେବାକୁ ପଡ଼ିଲା। ଗତ ବାର ବର୍ଷ ଭିତରେ ଏହା ସରକାରଙ୍କ ପାଇଁ ଆଉ ଏକ ବଡ଼ ପରାଭବ ଭାବେ ରାଜନୈତିକ ବିଶାରଦମାନେ ଚିତ୍ରିତ କରୁଛନ୍ତି। ଅପରପକ୍ଷରେ ଯଦି ଏହି ବିଧେୟକ ଉପସ୍ଥାପିତ ହୋଇଥା'ନ୍ତା ତେବେ ବିରୋଧୀ ଦଳର ନୈତିକ ଓ ରାଜନୈତିକ ପରାଜୟ ହୋଇଥା'ନ୍ତା। ତେଣୁ ହଟ୍ଟଗୋଳ ଜରିଆରେ କୌଣସିମତେ ଉକ୍ତ ବିତର୍କିତ ଓ ବିବାଦୀୟ ବିଧେୟକକୁ ଉପସ୍ଥାପନ ନ କରିବା ପାଇଁ ବିରୋଧୀ ଦଳ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହେଲେ।

ଏସବୁ ରାଜନୈତିକ ସଫଳତା-ବିଫଳତା, ହାର-ଜିତ ପ୍ରଶ୍ନର ଊର୍ଦ୍ଧ୍ୱରେ ଦେଶର ଭୋଟର, କରଦାତା ଓ ଜନସାଧାରଣ ପ୍ରଭୂତ କ୍ଷତି ସହିଲେ। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଧେୟକଟି ବିନା ସମ୍ୟକ ଆଲୋଚନାରେ ଉଭୟ ଗୃହରେ ପାରିତ ହୋଇଯିବା ଫଳରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ଖଣିଜ ସମୃଦ୍ଧ ଗରିବ ରାଜ୍ୟମାନେ ବିପୁଳ ରାଜସ୍ୱ ହରାଇବା ନିଶ୍ଚିତ ହୋଇଗଲା। ମୌଳିକ ଅଧିକାର ସମ୍ବନ୍ଧିତ ଦେଶବାସୀଙ୍କ ହଜାର ହଜାର ସମସ୍ୟା ରହିଛି। ଜଳବାୟୁ ପରିବର୍ତ୍ତନ, ବନ୍ୟା ନିୟନ୍ତ୍ରଣ, ପ୍ରଦୂଷଣ ନିରାକରଣ ଭଳି ଆହ୍ୱାନମାନ ଦେଶ ଆଗରେ ରହିଛି। ସ୍ୱାସ୍ଥ୍ୟ ଓ ଶିକ୍ଷାର ଅଧୋଗତି ଘଟିଚାଲିଛି। ଆମେରିକା ବାରମ୍ବାର ଆମ ବାଣିଜ୍ୟ ନୀତି ଓ ସାର୍ବଭୌମତ୍ୱକୁ ବଶମ୍ବଦ କରିବାକୁ ପ୍ରୟାସ କରିଚାଲିଛି। ପଶ୍ଚିମ ଏସିଆରେ ନୂଆ ସାମରିକ ମେଣ୍ଟ ଭାରତର ପ୍ରତିରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ପ୍ରସଙ୍ଗଗୁଡ଼ିକୁ ଅଧିକ ଶାଣିତ ଢଙ୍ଗରେ ଉତ୍ଥାପନ କରି ଶାସକ ଦଳକୁ ଉତ୍ତରଦାୟୀ କରିବା ଆବଶ୍ୟକ ଥିଲା। ଶାସକ ଦଳ ବା ସରକାରଙ୍କୁ ଛନ୍ଦିବା ପାଇଁ ପ୍ରଶ୍ନ ହିଁ ବିରୋଧୀ ଦଳର ଅମୋଘ ଅସ୍ତ୍ର। କକ୍ଷତ୍ୟାଗ, ମୁଲତବୀ ଆଦି ତାଲିପକା ଉଦ୍ୟମ; ଏଥିରେ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବ ନାହିଁ। ଶାସକ ଦଳ ମଧ୍ୟ ସଂସଦୀୟ କାର୍ଯ୍ୟାବଳୀକୁ ସୁସଂହତ ଓ ଶୃଙ୍ଖଳିତ କରିବା ଆବଶ୍ୟକ ଥିଲା। ସର୍ବୋପରି ବିରୋଧୀ ଦଳକୁ ବିଶ୍ୱାସକୁ ନେଇଥିଲେ ସଂସଦର ମୌସୁମୀ ଅଧିବେଶନ ଗଣତନ୍ତ୍ର ପ୍ରତି ଅଧିକ ହିତକର ଏବଂ ଭାରତର ନାଗରିକଙ୍କ ପ୍ରତି ଅଧିକ ଆସ୍ୱସ୍ତିକର ହୋଇଥା'ନ୍ତା।

# ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା

ଡ ପଦ୍ମଲୋଚନ ରାଉତ



୨୦୪୭ ମସିହା ଭାରତର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତିର ବର୍ଷ। ଏହି ସମୟ ସୁଦ୍ଧା ଭାରତକୁ ଏକ ବିକଶିତ, ସମୃଦ୍ଧ, ସ୍ୱାବଲମ୍ବୀ ଏବଂ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ସାକାର କରିବାରେ ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଦେଶର ଯୁବପିଢ଼ି। ଆଜିର ଯୁବକ-ଯୁବତୀମାନେ କେବଳ ଆଗାମୀ ଦିନର ନେତୃତ୍ୱ ନୁହେଁ, ବରଂ ବର୍ତ୍ତମାନର ପରିବର୍ତ୍ତନର ପ୍ରମୁଖ ବାହକ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ ଏବଂ ଲକ୍ଷ୍ୟ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଅଟକି ରୁହ ନାହିଁ।' ଏହି ବାଣୀ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା। ଯଦି ଯୁବସମାଜ ଜ୍ଞାନ, ଦକ୍ଷତା, ନୈତିକତା ଏବଂ ଦେଶପ୍ରେମକୁ ନିଜର ଆଦର୍ଶ କରି ଆଗେଇ ଯାଆନ୍ତି, ତେବେ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ।

ବିକଶିତ ଭାରତ ୨୦୪୭ର ମୂଳ ଲକ୍ଷ୍ୟ ହେଉଛି ଭାରତକୁ ଆର୍ଥିକ ଭାବେ ସମୃଦ୍ଧ, ବୈଜ୍ଞାନିକ ଭାବେ ଅଗ୍ରଣୀ, ସାମାଜିକ ଭାବେ ସମତାଭିତ୍ତିକ ଏବଂ ସାଂସ୍କୃତିକ ଭାବେ ସଶକ୍ତ ରାଷ୍ଟ୍ରରେ ପରିଣତ କରିବା। ୨୦୪୭ ମସିହାରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟରେ ଏପରି ଏକ ଭାରତ ଗଢ଼ିବାର ସଂକଳ୍ପ ରହିଛି, ଯେଉଁଠାରେ ପ୍ରତ୍ୟେକ ନାଗରିକ ଉନ୍ନତ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ, ଆଧୁନିକ ଭିତ୍ତିଭୂମି, ପରିଷ୍କାର ପରିବେଶ ଏବଂ ସମାନ ସୁଯୋଗ ପାଇବେ। ଏହି ଲକ୍ଷ୍ୟ କେବଳ ସରକାରଙ୍କର ନୁହେଁ; ପ୍ରତ୍ୟେକ ନାଗରିକ, ବିଶେଷକରି ଯୁବପିଢ଼ିର ସକ୍ରିୟ ଅଂଶଗ୍ରହଣ ଏହାର ସଫଳତାର ଚାବିକାଠି। କୌଣସି ଦେଶର ବିକାଶର ମୂଳଦୁଆ ହେଉଛି ଗୁଣାତ୍ମକ ଶିକ୍ଷା ଏବଂ କୌଶଳ ବିକାଶ। ଆଜିର ଯୁଗରେ କେବଳ ଡିଗ୍ରୀ ନୁହେଁ; ବରଂ ଜ୍ଞାନ, ଦକ୍ଷତା, ସୃଜନଶୀଳତା, ନବସୃଜନ ଏବଂ ସମସ୍ୟା ସମାଧାନର କ୍ଷମତା ଅତ୍ୟନ୍ତ ଆବଶ୍ୟକ। ଯଦି ଯୁବପିଢ଼ିକୁ ଆଧୁନିକ ଶିକ୍ଷା, ବୈଷୟିକ ପ୍ରଶିକ୍ଷଣ, ଡିଜିଟାଲ୍ କୌଶଳ ଏବଂ ଉଦ୍ୟୋଗୀ ମନୋଭାବ ସହିତ ସଶକ୍ତ କରାଯାଏ, ତେବେ ସେମାନେ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ତେଣୁ ଶିକ୍ଷା ଓ କୌଶଳ ବିକାଶ ହିଁ ବିକଶିତ ଭାରତ ୨୦୪୭ର ସବୁଠାରୁ ଦୃଢ଼ ଭିତ୍ତି।

ବିକଶିତ ଭାରତ ୨୦୪୭ କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସାମୂହିକ ସ୍ୱପ୍ନ। ଏହି ସ୍ୱପ୍ନର ପ୍ରଥମ ଦିଗ ହେଉଛି ଆର୍ଥିକ ସମୃଦ୍ଧି। ଭାରତର ଅର୍ଥନୀତିକୁ ଆହୁରି ଶକ୍ତିଶାଳୀ କରିବା ସହିତ ଶିଳ୍ପ, କୃଷି, ସେବା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଆବଶ୍ୟକ। ଏହାଦ୍ୱାରା ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଦାରିଦ୍ର୍ୟ ହ୍ରାସ ପାଇବ। ଦ୍ୱିତୀୟ ଦିଗ ହେଉଛି ସାମାଜିକ ବିକାଶ। ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ନିରାପଦ ପାନୀୟ ଜଳ, ସ୍ୱଚ୍ଛତା ଏବଂ ସମାନ ସୁଯୋଗ ମିଳିବା ଆବଶ୍ୟକ। ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଲେ ହିଁ ପ୍ରକୃତ ବିକାଶ ସମ୍ଭବ। ତୃତୀୟ ଦିଗ ହେଉଛି ପ୍ରଯୁକ୍ତି ଓ ନବସୃଜନ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମହାକାଶ ବିଜ୍ଞାନ, ଡିଜିଟାଲ୍ ପ୍ରଯୁକ୍ତି, ଜୈବ ପ୍ରଯୁକ୍ତି ଏବଂ ଗବେଷଣା କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ସ୍ଥାନ ଦେବା ଆବଶ୍ୟକ। ନବସୃଜନ ହିଁ ଭବିଷ୍ୟତର ଅର୍ଥନୀତିର ମୂଳ ଆଧାର ହେବ। ଚତୁର୍ଥ ଦିଗ ହେଉଛି ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ। ବିକାଶ ସହିତ ପ୍ରକୃତିର ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ସ୍ୱଚ୍ଛ ଶକ୍ତିର ବ୍ୟବହାର, ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଦ୍ୱାରା ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭାରତ ଗଢ଼ାଯାଇପାରିବ।

ଶେଷରେ, ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସେତେବେଳେ ସଫଳ ହେବ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟକୁ ସଚେତନତାର ସହିତ ପାଳନ କରିବେ ଏବଂ ଦେଶହିତକୁ ସର୍ବୋପରି ସ୍ଥାନ ଦେବେ। ବିଶେଷକରି ଯୁବପିଢ଼ି ନିଜର ଜ୍ଞାନ, ଶକ୍ତି ଏବଂ ସୃଜନଶୀଳତା ଦ୍ୱାରା ଏହି ସ୍ୱପ୍ନକୁ ସାକାର କରିପାରିବେ।

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ, ସେହି ଦେଶ ସେତେ ଦ୍ରୁତ ଅଗ୍ରଗତି କରେ। ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ କେବଳ ପୁସ୍ତକଗତ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ; ବ୍ୟବହାରିକ ଜ୍ଞାନ, ବୈଷୟିକ କୌଶଳ, ନୈତିକ ଶିକ୍ଷା ଏବଂ ନବସୃଜନର ମନୋଭାବ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଆଜିର ବିଶ୍ୱ ଦ୍ରୁତଗତିରେ ବଦଳୁଛି। କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡାଟା ସାଇନ୍ସ, ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ପ୍ରଯୁକ୍ତି ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରୁଛି। ତେଣୁ ଯୁବପିଢ଼ିଙ୍କୁ ସମୟୋପଯୋଗୀ କୌଶଳରେ ପ୍ରଶିକ୍ଷିତ କରିବା ଅତ୍ୟନ୍ତ ଆବଶ୍ୟକ। କୌଶଳ ବିକାଶର ଅର୍ଥ କେବଳ ଚାକିରି ପାଇବା ନୁହେଁ; ବରଂ ନିଜେ ଉଦ୍ୟୋଗୀ ହେବା, ନୂତନ ଉଦ୍ୟମ ଆରମ୍ଭ କରିବା ଏବଂ ଅନ୍ୟମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା। ଷ୍ଟାର୍ଟଅପ୍, ଡିଜିଟାଲ୍ ଉଦ୍ୟୋଗ ଏବଂ ନବସୃଜନ ମାଧ୍ୟମରେ ଯୁବକମାନେ ଭାରତର ଅର୍ଥନୀତିକୁ ନୂଆ ଦିଗ ଦେଇପାରିବେ। ଏହା ସହିତ ଶିକ୍ଷାର ଉଦ୍ଦେଶ୍ୟ କେବଳ ଜୀବିକା ଅର୍ଜନ ନୁହେଁ; ଏହା ଜଣେ ଉତ୍ତମ ନାଗରିକ ସୃଷ୍ଟି କରିବା। ସତ୍ୟନିଷ୍ଠା, ଶୃଙ୍ଖଳା, ଦେଶପ୍ରେମ, ସହାନୁଭୂତି ଏବଂ ସାମାଜିକ ଦାୟିତ୍ୱ ଭଳି ଗୁଣ ଶିକ୍ଷା ମାଧ୍ୟମରେ ବିକଶିତ ହୁଏ। ଏହି ମୂଲ୍ୟବୋଧ ସମ୍ପନ୍ନ ଯୁବପିଢ଼ି ହିଁ ବିକଶିତ ଭାରତର ସତ୍ୟ ସ୍ଥପତି ହୋଇପାରିବେ। ତେଣୁ କୁହାଯାଇପାରେ ଯେ, ଶିକ୍ଷା ଓ କୌଶଳ ବିକାଶ ହେଉଛି ବିକଶିତ ଭାରତ ୨୦୪୭ର ଦୁଇଟି ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ। ଯେଉଁ ଦେଶର ଯୁବପିଢ଼ି ଶିକ୍ଷିତ, ଦକ୍ଷ, ଚରିତ୍ରବାନ ଏବଂ ଆତ୍ମବିଶ୍ୱାସୀ, ସେହି ଦେଶ ବିଶ୍ୱରେ ନେତୃତ୍ୱ ନେବାକୁ ସକ୍ଷମ ହୁଏ।

ଶେଷରେ ମୁଁ ଏତିକି କହିବାକୁ ଚାହେଁ ଯେ, ବିକଶିତ ଭାରତ ୨୦୪୭ କେବଳ ଏକ ସ୍ୱପ୍ନ ନୁହେଁ; ଏହା ହେଉଛି ୧୪୦ କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା ଓ ସାମୂହିକ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ପୂରଣ ପାଇଁ ଯୁବପିଢ଼ି ହେଉଛି ସବୁଠାରୁ ବଡ଼ ଶକ୍ତି। ଆଜିର ଯୁବମାନେ ହିଁ ଆସନ୍ତାକାଲିର ଭାରତର ନିର୍ମାତା। ଆମର ଗୌରବମୟ ପରମ୍ପରା, ମହାନ ସଂସ୍କୃତି ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶରୁ ପ୍ରେରଣା ନେଇ ଯୁବପିଢ଼ିକୁ ଜ୍ଞାନ, କୌଶଳ, ନୈତିକତା ଓ ଦେଶପ୍ରେମର ସହିତ ଆଗକୁ ବଢ଼ିବାକୁ ହେବ। କେବଳ ସମସ୍ୟାକୁ ଦେଖିବା ନୁହେଁ, ବରଂ ସମାଧାନର ଅଂଶ ହେବାକୁ ହେବ। ନିଜର ସ୍ୱପ୍ନକୁ ରାଷ୍ଟ୍ରର ସ୍ୱପ୍ନ ସହିତ ଯୋଡ଼ିବାକୁ ହେବ।

ବିକଶିତ ଭାରତ ଗଠନ ପାଇଁ ଆମକୁ ଏପରି ଯୁବଶକ୍ତି ଆବଶ୍ୟକ, ଯେଉଁମାନେ ବିଜ୍ଞାନରେ ଆଧୁନିକ, ଚିନ୍ତାଧାରାରେ ସକାରାତ୍ମକ, ଆଚରଣରେ ନୈତିକ ଓ କାର୍ଯ୍ୟରେ ନିଷ୍ଠାବାନ ହେବେ। ଯେଉଁ ଯୁବମାନେ ନିଜର ଅଧିକାର ସହିତ ନିଜର କର୍ତ୍ତବ୍ୟକୁ ମଧ୍ୟ ବୁଝିବେ, ସେମାନେ ହିଁ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିପାରିବେ। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ଏପରି ଭାରତ ଗଢ଼ିବାର ସଂକଳ୍ପ ନେବା, ଯେଉଁ ଭାରତ ଜ୍ଞାନରେ ସମୃଦ୍ଧ, ବିଜ୍ଞାନରେ ଶକ୍ତିଶାଳୀ, ସଂସ୍କୃତିରେ ଗୌରବମୟ, ନୈତିକତାରେ ଉଚ୍ଚ ଏବଂ ବିଶ୍ୱକୁ ମାର୍ଗଦର୍ଶନ ଦେବାରେ ସକ୍ଷମ ହେବ।

ଜୟହିନ୍ଦ। ଜୟଭାରତ।

(ଆସୋସିଏଟ୍ ପ୍ରଫେସର୍)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର

ହିଫ୍‌ଜୁର ରହେମାନ୍

ଆଜିକାଲି ସକାଳ ହେଉ କି ସନ୍ଧ୍ୟାରେ ପାର୍କରେ ପ୍ରବଳ ଭିଡ଼। କିଏ ବ୍ୟାୟାମ କରିବାକୁ ଯାଉଛନ୍ତି ତ ଆଉ କିଏ ପିଲାମାନଙ୍କୁ ଧରି ବୁଲାବୁଲି କରିବାକୁ ଯାଉଛନ୍ତି। କେହି କେହି ଟାଇମ ପାସ୍ କରିବାକୁ ବି ଯାଆନ୍ତି। କିନ୍ତୁ ଆଉ ଗୋଟିଏ ବର୍ଗର ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେମାନେ ବ୍ୟାୟାମ କରନ୍ତି ନାହିଁ କି ଚଲାଚଲି କରନ୍ତି ନାହିଁ। ସେମାନେ ପାର୍କର କେଉଁ ଗୋଟିଏ କୋଣରେ ମେଳି କରି ଗପସପ କରନ୍ତି। ଗପସପ ମାନେ ଯାଡୁ ସିଆଡୁ ନୁହେଁ, ଏକଦମ୍ ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି। ଏମାନେ ହେଉଛନ୍ତି ସିନିଅର ସିଟିଜନ। ସେମାନଙ୍କ ମଧ୍ୟରେ ଅଛନ୍ତି ଚାକିରିରୁ ଅବସର ନେଇଥିବା ଅଫିସର, କର୍ମଚାରୀ ଏବଂ କିଛି ବ୍ୟବସାୟୀ ଓ ସାମାଜିକ କର୍ମୀ।

ସେଦିନ ରବିବାର ହୋଇଥାଏ। ଅପରାହ୍ନ ସମୟ। ରାଜଧାନୀର ଗୋଟିଏ ପାର୍କରେ ଭାରି ଭିଡ଼। ପାର୍କର ଗୋଟିଏ କୋଣରେ ୧୦ରୁ ୧୫ ଜଣ ସିନିଅର ସିଟିଜନ ବସି କୌଣସି ଏକ ପ୍ରସଙ୍ଗରେ ସରଗରମ ଆଲୋଚନା କରୁଥାଆନ୍ତି। ପ୍ରତିଦିନ ଖବରକାଗଜରେ ବାହାରୁଥିବା ବିଭିନ୍ନ ଖବର ଉପରେ ଚର୍ଚ୍ଚା ଆଲୋଚନା କରନ୍ତି। ସେଦିନ ଆଲୋଚନାର ବିଷୟବସ୍ତୁ ଥିଲା ଦୁର୍ନୀତି। ଦୁର୍ନୀତି ଓ ଦୁର୍ନୀତିଖୋର ବାବୁମାନଙ୍କୁ ମୃଦୁଭାଷାରେ ଗାଳିଗୁଲଜ କରି ଯିଏ ଯେମିତି ପାରିଲା ବର୍ଷିବାକୁ ଲାଗିଲା। ନିଷ୍ଠୁର, ଚୋର, ଡକାୟତ, ଅମଣିଷ, ଅଲାଜୁକ, ସମାଜ ପାଇଁ କଳଙ୍କ... । ଏମାନଙ୍କ ଯୋଗୁଁ ସମାଜ ନଷ୍ଟ ହେଉଛି। ଘର ସଂସାର ଉଜୁଡ଼ି ଯାଉଛି। ପରିବାରରେ ଅଶାନ୍ତି ଲାଗି ରହୁଛି। ଝିଅ ବାହା ହୋଇପାରୁ ନାହାନ୍ତି। ବୁଢ଼ାବୁଢ଼ୀଙ୍କୁ ଭତ୍ତା ମିଳୁନି। ଅବସର ପରେ ବି ପେନସନ୍ ପାଇବା ଲାଗି ଦୌଡ଼ିଦୌଡ଼ି ନୟାନ୍ତ ହେବାକୁ ପଡ଼ୁଛି। କୋଡ଼ିଏ ତିରିଶ ହଜାର ଟଙ୍କା ଦରମାରେ ଚାକିରି କରି କୋଟି କୋଟି ଟଙ୍କାର ସଂପତ୍ତି ଠୁଳ କରୁଛନ୍ତି। ଘରୁ ନଗଦ କୋଟି କୋଟି ଟଙ୍କା ଓ ସୁନାଗହଣା ମିଳୁଛି। ଏତେ ଟଙ୍କା ମିଳୁଛି ଯେ ମେସିନ ବି ଗଣିପାରୁ ନାହିଁ। ବିଭିନ୍ନ ସ୍ଥାନରେ ଜାଗାବାଡ଼ି ଓ କୋଠା କରି ମାଲାମାଲ। ଭିଜିଲାନ୍ସ ସେମାନଙ୍କୁ ଧରୁଛି। କିଛିମାସ ପରେ ପୁଣି ଜେଲରୁ ବାହାରି ଚାକିରି ପାଇଯାଉଛନ୍ତି। ଏମାନେ ସୁଧୁରିବେ ନାହିଁ। ଏମାନେ ଆତଙ୍କବାଦୀଙ୍କ ଠାରୁ ବି ଭୟଙ୍କର। ସେମାନେ ହେଉଛନ୍ତି ଦେଶଦ୍ରୋହୀ। ପୁଲିସ ସେମାନଙ୍କୁ ଏନକାଉଣ୍ଟର କରିବା ଦରକାର। ରାସ୍ତାରେ ଲଙ୍ଗଳା କରି ଚଳାଇବା ଦରକାର। ତା'ପରେ ଯାଇ ଏମାନେ ସାବାଡ୍ ହେବେ।



ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର କଥାକୁ ନେଇ ସେମାନେ ଦୁଇ ଗୋଷ୍ଠୀ ହୋଇଗଲେ। ଗୋଟିଏ ଗୋଷ୍ଠୀ ତାଳି ମାରି ଏହାକୁ ସମର୍ଥନ କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ଏହାର ବିରୋଧ କରିଥିଲେ। କିନ୍ତୁ ଯେଉଁ ବ୍ୟକ୍ତି ଜଣକ ଏନ୍‌କାଉଣ୍ଟର କଥା ଉଠାଇଲେ, ସେ ତା'ର କାରଣ ବି ଦର୍ଶାଇଲେ। ଡାକ୍ତରଖାନାରେ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ କେମିତି ଦହଗଞ୍ଜ ହେବାକୁ ପଡୁଛି, ତାହାର ଗୋଟି ଗୋଟି କରି ଗଣତି କରିଥିଲେ। ତାଙ୍କର ଯୁକ୍ତି ଶୁଣି ସମସ୍ତେ ସ୍ତବ୍ଧ ହୋଇଗଲେ।

ଏଭଳି ଲାଞ୍ଚୁଆଙ୍କ ସଂପର୍କରେ ପ୍ରତିଦିନ ଖବରକାଗଜମାନଙ୍କରେ ଖବର ବାହାରୁଛି। ଏହା ଲୋକମାନଙ୍କ ପାଇଁ ଦେହସୁହା ହୋଇଗଲାଣି ଏବଂ ଲାଞ୍ଚୁଆମାନଙ୍କୁ ବି ଫରକ ପଡୁନି। କିନ୍ତୁ ସେମାନଙ୍କ ଯୋଗୁଁ ଦେଶର ଭାବମୂର୍ତ୍ତି ବିଶ୍ୱସ୍ତରରେ ତଳ ତଳକୁ ଖସି ଚାଲିଛି। ଟ୍ରାନପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ ୨୦୨୫ରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ ଥିଲା ୯୧। ୧୮୨ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ୧୦୦ ମାର୍କରୁ ଭାରତକୁ ମିଳିଛି ୩୯। ଆମ ରାଜ୍ୟରେ ମଧ୍ୟ ଦୁର୍ନୀତିର ଚେର ଚାରିଆଡ଼େ ମାଡ଼ିଗଲାଣି। ପ୍ରତିଦିନ ଭିଜିଲାନ୍ସ ଟିମ୍ ଚଢ଼ଉ କରି ନାକେଦମ। ଯେତେ ଚଢ଼ଉ ହେଉଛି, ଦୁର୍ନୀତି ସେତେ ବଢ଼ି ବଢ଼ି ଚାଲିଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ ଜାନୁଆରୀ ୨୦୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ବିରୋଧରେ ୪୧୬ଟି ମାମଲା ଧରାପଡ଼ିଥିଲା।

ତେବେ ରାଜ୍ୟରେ ଭିଜିଲାନ୍ସ ଇତିହାସରେ ଯେଉଁ କଥାଟି ସବୁଠାରୁ ବେଶି ଆଲୋଡ଼ନ ସୃଷ୍ଟି କରିଛି, ତାହାହେଲା ଜଣେ ସରକାରୀ ଅଧିକାରୀଙ୍କ ଘରୁ ୪ କୋଟିରୁ ଅଧିକ ନଗଦ ଟଙ୍କା ଜବତ ହେବା ଘଟଣା। ଏହି କରିତକର୍ମା ଅଫିସର ଜଣକ ହେଉଛନ୍ତି ଖଣି ବିଭାଗର ଜଣେ ଡେପୁଟି ଡାଇରେକ୍ଟର। ଗତ ଫେବୃଆରୀ ମାସର କଥା। ଭିଜିଲାନ୍ସ ଚଢ଼ଉ ବେଳେ ତାଙ୍କ ଭୁବନେଶ୍ୱର ଘରୁ ମିଳିଥିଲା ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା। ଏହି ଟଙ୍କାକୁ ଏକାଧିକ ଟ୍ରଲି ବ୍ୟାଗ ଏବଂ ପଲିଥିନ ପ୍ୟାକେଟରେ ଲୁଚାଇ ରଖାଯାଇଥିଲା। ଘର ଭିତରୁ ଏତେ ପରିମାଣର ଟଙ୍କା ମିଳିବା ଥିଲା ଭିଜିଲାନ୍ସ ଇତିହାସରେ ପ୍ରଥମ ଘଟଣା। କୁହାଯାଉଛି ଯେ ୨୨ ବର୍ଷ ପୂର୍ବେ ମାସିକ ୮ ହଜାର ଟଙ୍କା ଦରମାରେ ସେ କୁଆଡ଼େ ଚାକିରି ଆରମ୍ଭ କରିଥିଲେ। ଏହି ଖବର ସେତେବେଳେ ଜାତୀୟଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଭଳି ଲାଞ୍ଚୁଆ ଅଧିକାରୀଙ୍କୁ ନେଇ ରାଜ୍ୟକୁ ଲଜ୍ଜିତ ହେବାକୁ ପଡ଼ିଥିଲା। ଲୋକମାନଙ୍କର କଷ୍ଟ ଉପାର୍ଜିତ ଅର୍ଥକୁ ହଡ଼ପ କରୁଥିବା ଏଭଳି ଦୁର୍ନୀତିଖୋରଙ୍କୁ ପାନେ ଦେବା ପାଇଁ ସରକାର ଏମିତି କଠୋର ଆଇନ ଆଣନ୍ତୁ ଯେ ଭବିଷ୍ୟତରେ ଅନ୍ୟମାନେ ଲାଞ୍ଚ ନେବାକୁ ଭୟ କରିବେ। ଏନକାଉଣ୍ଟର କ'ଣ, ଏମାନଙ୍କୁ ଫାଶୀଦଣ୍ଡ ମିଳିଲେ ବି କମ୍।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

# ଆମ ବୃକ୍ଷଲତା ଆମ ଜୀବନ

## କେନ୍ଦୁ
(Coromandel ebony or East Indian ebony- Diospyros melanoxylon)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

କେନ୍ଦୁ ଇବୋନି କିମ୍ବା ପୂର୍ବ ଭାରତୀୟ ଇବୋନି, ଭାରତ ଓ ଶ୍ରୀଲଙ୍କାର ଏକ ମୂଳଜାତ ଉଦ୍ଭିଦ। ଏହା ଏକ ମଧ୍ୟମ ଆକାରର ବୃକ୍ଷ, ଯାହା୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ ଏବଂ ଶାଖାଗୁଡ଼ିକ ଲୋମଶ, ରଙ୍ଗ ବାଦାମୀ ହଳଦିଆ। ଏହାର ଶୁଷ୍କ ଛାଲି କଠିନ, ଧୂସର ରଙ୍ଗର, ଫାଟି ଫାଟି ଯାଇଥାଏ। ପତ୍ରଗୁଡ଼ିକ ସରଳ, ଅଣ୍ଡାକାର କିମ୍ବା ଲମ୍ବା। ଫୁଲଗୁଡ଼ିକ ଫିକା ନୀଳଲୋହିତ ରଙ୍ଗର। ଫଳଟିର ବାହ୍ୟ ଆବରଣ ନୀଳ-ସବୁଜ ଏବଂ ଭିତରେ ଏହା ହଳଦିଆ। ଫୁଲ ଓ ଫଳ ଧରିଥାଏ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ। ଫଳଗୁଡ଼ିକ ମଣିଷ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଖାଦ୍ୟଯୋଗ୍ୟ, ବିଶେଷକରି ବାଦୁଡ଼ି ଓ ହର୍ଣ୍ଣବିଲ୍ ବା ଗେଣ୍ଡାଳିଆ ଜାତୀୟ ପକ୍ଷୀ ସମୂହ ଏହି ଫଳ ଅଧିକ ଖାଇଥା'ନ୍ତି।

କେନ୍ଦୁ ଗଛକୁ ଆୟୁର୍ବେଦ ଓ ୟୁନାନୀ ଶାସ୍ତ୍ରରେ ଲିପିବଦ୍ଧ କରାଯାଇଛି ଏବଂ ବିଭିନ୍ନ ରୋଗରେ ଏହାର ବହୁମୁଖୀ ବ୍ୟବହାର ବିଷୟରେ ମଧ୍ୟ ଉଲ୍ଲେଖ ରହିଛି। ଏହାକୁ ଭାରତୀୟ ପାରମ୍ପରିକ ଔଷଧରେ ବହୁଳ ଭାବରେ ଡାଇରିଆ, କଲେରା, ଡିସେଣ୍ଟେରୀ, ଛାଡ଼ି ଛାଡ଼ି ହେଉଥିବା ଜ୍ୱର, ରକ୍ତସ୍ରାବ ମାଡ଼ି, ବ୍ରୋଙ୍କାଇଟିସ୍, କାର୍ବଙ୍କଲ୍ସ, କାଶ, କ୍ରାମ୍ପ, ନିମୋନିଆ, ସିଫିଲିସ୍ ବା ସଂକ୍ରମଣ ଯୌନ ବ୍ୟାଧି, ଟ୍ୟୁମର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। କେନ୍ଦୁ ଫଳରୁ ମଦ ପ୍ରସ୍ତୁତ ହୋଇପାରିବ। ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡର ସ୍ଥାନୀୟ ବଜାରରେ ଗ୍ରୀଷ୍ମ ଋତୁରେ ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଉପଲବ୍ଧ। ଫଳର ମାଂସଳ ଅଂଶ ହଳଦିଆ, ନରମ, ଅଠାଳିଆ ଓ ମିଠା। ଏହା ଶର୍କରା, ପ୍ରୋଟିନରେ ଭରପୂର ଏବଂ ଏଥିରେ ଭିଟାମିନ୍ ଏ ଓ ସି, ଫାଇବର ବା ତନ୍ତୁ ଏବଂ ବିଶୋଧକ ଶକ୍ତି ରହିଛି। ଫଳର ବି-କ୍ୟାରୋଟିନ୍, ଟେର୍ପେନୋଇଡ୍ସ, ଫ୍ଲୋଭାନୋଇଡ୍ସ, ସାପୋନିନ୍ ଓ ଟାନିନ୍ ଭଳି ଅନେକ ଜୈବ ରସାୟନ ବା ଫାଇଟୋକେମିକାଲ୍ସ ଏହାର ପୁଷ୍ଟିକର ମୂଲ୍ୟକୁ ଲାଭଯୋଗ୍ୟ କରିଥାଏ। ପାଚିଲା ଫଳଗୁଡ଼ିକ ଅଲିଗୋସାକାରାଇଡ୍ସ, ଫ୍ୟୁମାରିକ୍ ଏସିଡ୍, ଗାଲିକ୍ ଏସିଡ ଇତ୍ୟାଦିର ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ମୂଲ୍ୟବାନ ଫ୍ଲାଭୋନ୍ ଥାଏ। ପତ୍ରରେ ମିଳୁଥିବା ପେଣ୍ଟାସାଇକ୍ଲିକ୍ ଟ୍ରାଇଟରପେନ୍ସରେ ଆଣ୍ଟିମାଇକ୍ରୋବାୟଲ୍ ବା ଅଣୁଜୀବ ପ୍ରତିରୋଧୀ ଗୁଣ ଥାଏ; ଛାଲିରେ ଆଣ୍ଟିହାଇପରଗ୍ଲାଇସେମିକ୍ ବା ଉଚ୍ଚ ରକ୍ତଶର୍କରା ନିୟନ୍ତ୍ରଣ ଗୁଣ ସହିତ ଆଣ୍ଟିପ୍ଲାଜମୋଡିଆଲ୍ ପ୍ରଭାବ ଥିବା ଦେଖାଯାଏ, ଯାହା ମଶା ଦେହରେ ଥିବା ମ୍ୟାଲେରିଆ ରୋଗ ଜୀବାଣୁ ପ୍ଲାଜମୋଡିଆମ୍ ଫାଲସିପାରମ୍‌କୁ ନିପାତ କରେ।

ଗ୍ରୀଷ୍ମ ଋତୁରେ ମାଟିରୁ ବାହାରୁଥିବା ସକ୍କର ବା ଶୋଷକ ଦ୍ୱାରା ତାଜା ପତ୍ର ଉତ୍ପାଦନ ହୁଏ। କେନ୍ଦୁ ଗଛ ତଳେ ନିଆଁ ଲଗାଇ ମଧ୍ୟ ଏହାକୁ ବୃଦ୍ଧି କରାଯାଏ। କାଣ୍ଡ ଓ ଡାଳକୁ କାଟିବା ଫଳରେ ଅପେକ୍ଷାକୃତ ବଡ଼ ଏବଂ ପତଳା ପତ୍ର ଉତ୍ପାଦନକୁ ପ୍ରୋତ୍ସାହିତ କରେ, ଯଦିଓ ବାରମ୍ବାର ଏପରି କରିବା ଦ୍ୱାରା ଗଛର ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ। ତାଜା ପତ୍ରଗୁଡ଼ିକୁ ହାତରେ ବାଛି ପ୍ରାୟ ୧୦ ଦିନ ପାଇଁ ସୂର୍ଯ୍ୟ କିରଣ ରେ ଶୁଖାଯାଏ। ଆଦିବାସୀ ଏବଂ ଅଣ-ଆଦିବାସୀ ସ୍ଥାନୀୟ ଲୋକ କେନ୍ଦୁ ପତ୍ର ତୋଳନ୍ତି, ଯାହା ପାଇଁ ସେମାନେ ଭଲ ପାରିଶ୍ରମିକ ପାଆନ୍ତି। ପତ୍ରଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ ଏବଂ ଭାରତୀୟ ବିଡ଼ି ତିଆରି କରିବା ପାଇଁ ତମାଖୁକୁ ଗୁଡ଼ାଇବା ଲାଗି ବ୍ୟବହାର କରାଯାଏ (ସ୍ଥାନୀୟ ଭାବରେ ଏହାକୁ ପାରମ୍ପରିକ ସିଗାରେଟ୍ ଭାବରେ ବିବେଚନା କରାଯାଏ)। ଏହାର ଘନ, ଗାଢ଼ କାଠ ଏହାର ସ୍ଥାୟିତ୍ୱ ଏବଂ ସୌନ୍ଦର୍ଯ୍ୟ ପାଇଁ ମୂଲ୍ୟବାନ, ଯାହା ଏହାକୁ କାରିଗରମାନଙ୍କ ମଧ୍ୟରେ ଏକ ପ୍ରିୟ କରିଥାଏ। ଝାଡ଼ଖଣ୍ଡ ଓ ଓଡ଼ିଶାର ଆଦିବାସୀମାନେ ହକି ଷ୍ଟିକ୍ ତିଆରି କରିବାରେ ମଧ୍ୟ କେନ୍ଦୁ ଗଛ ବ୍ୟବହାର କରନ୍ତି। ଏହାର ଉଚ୍ଚମାନର କାଠ ଫର୍ଣ୍ଣିଚର ଏବଂ ବାଦ୍ୟଯନ୍ତ୍ର ପାଇଁ ବ୍ୟବହୃତ ହୁଏ।

କେନ୍ଦୁର ସାଂସ୍କୃତିକ ଓ ପୌରାଣିକ ପୃଷ୍ଠଭୂମି ଉପରେ ଉଲ୍ଲେଖ ମଧ୍ୟ ଅଛି। ମୁଣ୍ଡା ଲୋକଙ୍କ ମତରେ, ପ୍ରାଚୀନ ସେଙ୍ଗେଲ ଦେଆ (ଅଗ୍ନି ବର୍ଷା କରିବାର ଏକ ଘଟଣା) ସମୟରେ ସେମାନଙ୍କ ପୂର୍ବପୁରୁଷମାନେ ଏହି ଗଛର ଖୋଳରେ ଆଶ୍ରୟ ନେଇଥିଲେ। ଏହି ଗଛକୁ ସହଜରେ ଦହନଶୀଳ ନୁହେଁ ବୋଲି ବିବେଚନା କରାଯାଏ। ତେଣୁ ଧାନ ରୋପଣ ପରେ ଜନଜାତି ଭବିଷ୍ୟତରେ ସେଙ୍ଗେଲ ଦେଆର ଯେକୌଣସି ଘଟଣାରୁ ଫସଲକୁ ରକ୍ଷା କରିବା ପାଇଁ କ୍ଷେତରେ ଏହାର ଏକ ଡାଳ ଲଗାନ୍ତି। ଗଛର ସ୍ଥାନ ଏବଂ ଉପସ୍ଥିତି ଅନୁସାରେ ଅନେକ ଗ୍ରାମ ନାମକରଣ କରାଯାଇଛି, ଯଥା କେନ୍ଦୁଝର, କେନ୍ଦୁଗୁଡ଼ା, କେନ୍ଦୁପଦର, କେନ୍ଦୁମୁଣ୍ଡା ଇତ୍ୟାଦି।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଗାନ୍ଧୀମାର୍ଗରେ ତ୍ରିରଙ୍ଗା ଉଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି

ଭୁବନେଶ୍ୱର,୧୬।୮ (ସମିସ): ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀଜାତୀୟପତାକାଉତ୍ତୋଳନକରିବା

- ନବମ-ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ବହି
- ସରକାରୀ ଚାକିରି ବୟସ ସୀମା ୪୨କୁ ବୃଦ୍ଧି
- ହଟିବ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବାଧିକ ସୁଯୋଗ ସୀମା



ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବାକୁ ଘୋଷଣା କରିଛନ୍ତି। ଏହାସହ ସରକାରୀ ଚାକିରି ଆଶାୟୀଙ୍କ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଥିବା ସର୍ବାଧିକ ୬ଟି ସୁଯୋଗ ସୀମାକୁ ମଧ୍ୟ ହଟାଇ ଦିଆଯିବା ସହ ଆଶାୟୀମାନେ ୪୨ବର୍ଷ ବୟସ ସୀମା ପର୍ଯ୍ୟନ୍ତ ପରୀକ୍ଷା ଦେଇ ପାରିବେ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ସୁଧାର ପାଇଁ 'ମିଶନ ପାୱାର' ମାଧ୍ୟମରେ ୨୦୨୭ ଶେଷ ସୁଦ୍ଧା ସବୁ ଗାଁକୁ ସଡ଼କ, ବିଜୁଳି ଓ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ 'କେଜିରୁ ପିଜି' ଶିକ୍ଷାକୁ ସମ୍ପୂର୍ଣ୍ଣ ନିଃଶୁଳ୍କ କରିବା ଦିଗରେ ସରକାର ଆଗେଇ ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ଗତ ଦୁଇ ବର୍ଷରେ ୨୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଉ ୪୫ ହଜାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉପାନ୍ତ ଜିଲ୍ଲାଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଓ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଯାଜପୁର, ତାଳଚେର ଓ କନ୍ଧମାଳରେ ମେଡିକାଲ କଲେଜ ସହ ଆଉ ୪ଟି ଆଧୁନିକ ମେଡିକାଲ କଲେଜ, ୭ଟି ନର୍ସିଂ କଲେଜ, ୩ଟି ଆୟୁର୍ବେଦିକ ଓ ୨ଟି ହୋମିଓପାଥିକ୍ ମେଡିକାଲ କଲେଜ ଖୋଲାଯିବ।

ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୁଲିସ ଡିଜି ୱାଇ ବି ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଶଙ୍ଖ ଭବନରେ ବିଜେଡି ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ଜାତୀୟ ପତାକା ଉତ୍ତୋଳନ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୬।୮ (ସମିସ): ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସମୃଦ୍ଧିକୁ ଏକତ୍ରିତ ରଖିବା ପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ପୂର୍ଣ୍ଣ ଶଙ୍ଖ ଭବନ ପରିସର ବିଭିନ୍ନ ଦେଶାତ୍ମବୋଧ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ବିଧାୟକ, ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳର ଦଳୀୟ ପଦାଧିକାରୀ, ଜନପ୍ରତିନିଧି, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଶମାତୃକାର ସ୍ୱାଧୀନତା ପାଇଁ ଜୀବନ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଗ୍ରାମୀ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଅତୁଳନୀୟ ତ୍ୟାଗ, ସଂଘର୍ଷ ଓ




ବଳିଦାନକୁ ସ୍ମୃତି ଚାରଣ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତାକୁ ସୁଦୃଢ଼ ରଖିବାକୁ ଉପସ୍ଥିତ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଡ. ସଂଘମିତ୍ର ମିଶ୍ର, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁଲତା ଦେଓ, ସୁଦାମ ମାର୍ଣ୍ଡି, ପ୍ରଦୀପ ଅମାତ୍, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ମୁନ୍ନା ଖାନ୍, ପ୍ରଣବ ବଳବନ୍ତରାୟ, ମନ୍ମଥ ରାଉତରାୟ, ରାଜେନ୍ଦ୍ର ସାହୁ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ଗୀତା ବସ୍ତିଆ, ମିନତୀ ବେହେରା, ଦୁର୍ଗା ସାମନ୍ତରାୟ, ରମାରଞ୍ଜନ ବଳିୟାରସିଂହଙ୍କ ସହ ବହୁ ଯୁବ, ଛାତ୍ର, ମହିଳା ଏବଂ ଅନ୍ୟାନ୍ୟ ନେତୃବର୍ଗ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାଳ ଖୋଲୁଥିବା ବେଳେ...

ଅପରାଧରୁ ମିଳିଥିବା ଧନ କି ନୁହେଁ, ତାହା ନେଇ ତଦନ୍ତ ଚାଲିଛି। ଭଣ୍ଡାରର ପ୍ରକୃତ ମାଲିକ କିଏ ଏବଂ ଏହା ଉପରେ କାହାର ଆଇନଗତ ଅଧିକାର ରହିବ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଭଣ୍ଡାର ମିଳିଥିବାରୁ ଛାତ୍ରଙ୍କୁ ପୁରସ୍କାର ମିଳିବାର ଆଶା ମଧ୍ୟ ରହିଛି।

### ୧୩ ହଜାର ଫୁଟରେ...

ବୃଦ୍ଧି କରିଥିବା ଏହି ତିନି ଯୁବକଙ୍କ ସଫଳତା ସମଗ୍ର ଦେଶ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇପାରିଛି। ଏତେ ସଂଖ୍ୟକ ଡାଇଭର୍ ଗୋଟିଏ ବିମାନରୁ ଏକାଠି ବାହାରିବା ସାଧାରଣତଃ ଅତ୍ୟନ୍ତ ବିରଳ ଅଟେ। ବିଦେଶରେ ରହି ମଧ୍ୟ ଭାରତୀୟ ପତାକାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଥିବାରୁ ଏହି ତିନି ଜଣ ପ୍ରବାସୀ ଭାରତୀୟ ସମଗ୍ର ଦେଶର ପ୍ରଶଂସା ଭାଜନ ହୋଇଛନ୍ତି। ଏହି ସଫଳତା ଭାରତୀୟ ସ୍କାଏଡାଇଭିଂ ସମାଜ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

### ଦୁଇ ଦିନ...

୧୮ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ଶେଷ ସପ୍ତାହରେ (ବିଶେଷ କରି ଅଗଷ୍ଟ ୨୫ ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ନୂତନ ଘୂର୍ଣ୍ଣିବଳୟ/ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି। ବର୍ତ୍ତମାନ ସକ୍ରିୟ ଥିବା ଲଘୁଚାପ (୧୫-୧୯ ଅଗଷ୍ଟ) ଆଭ୍ୟନ୍ତରୀଣ ଭାରତକୁ ଅତିକ୍ରମ କରିବା ପରେ ୨୦ ରୁ ୨୪ ଅଗଷ୍ଟ ମଧ୍ୟରେ ବାୟୁମଣ୍ଡଳୀୟ ସାମୟିକ ବିରାମ ରହିବ। ଏହାପରେ ମୌସୁମୀ ଟ୍ରଫ୍‌ର ପୂର୍ବ ଭାଗ ପୁନର୍ବାର ସକ୍ରିୟ ହୋଇ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଜଳୀୟବାଷ୍ପ ଓ ବାୟୁସଂଚାଳନକୁ ବୃଦ୍ଧି କରିବ। ବିଭିନ୍ନ ମଡେଲରୁ ଜଣାପଡୁଛି, ୨୪-୨୬ ଅଗଷ୍ଟ ମଧ୍ୟରେ କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଏହା ପ୍ରଭାବରେ ୨୬-୨୮ ରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ସମ୍ଭାବ୍ୟ ନୂତନ ଲଘୁଚାପଟି ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗକୁ ଗତି କରିବାର ପ୍ରାରମ୍ଭିକ ସଙ୍କେତ ରହିଛି, ଯାହା ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଏବଂ ସଂଲଗ୍ନ ଉପକୂଳ ଅଞ୍ଚଳକୁ ମୁଖ୍ୟତଃ ପ୍ରଭାବିତ କରିପାରେ। ଏହା ପ୍ରଭାବରେ ୨୫ ରୁ ୨୯ ଅଗଷ୍ଟ ମଧ୍ୟରେ ରାଜ୍ୟରେ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନର ନୂତନ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାର ପ୍ରଭାବରେ ୧୬ ରୁ ୧୯ ଅଗଷ୍ଟ ମଧ୍ୟରେ ଉପକୂଳ, କେନ୍ଦ୍ରୀୟ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବ୍ୟାପକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପ୍ରକାଶ ଥାଉକି, ଜୁନ୍ ମାସ ୧ ତାରିଖରୁ ଅଗଷ୍ଟ ୧୬ ସୁଦ୍ଧା ରାଜ୍ୟରେ ହାରାହାରି ୭୫୯ ମି.ମି. ବର୍ଷା ରହିଥାଏ। କିନ୍ତୁ ଏହି ସମୟ ମଧ୍ୟରେ ଏ ବର୍ଷ ୯୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭିବକ ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି। ନବରଙ୍ଗପୁର, ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ଅପେକ୍ଷାକୃତ କମ୍ ବର୍ଷା ହୋଇଛି। ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ନଚେତ୍ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ଏହି ତିନି ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସବୁ ଜିଲ୍ଲାପାଳ ଓ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ନଦୀରେ ଜଳସ୍ରୋତ ରହିଛି, ଲୋକମାନେ ନଦୀ ବନ୍ଧରେ ପାଣି ଦେଖିବା ପାଇଁ ଭିଡ଼ ଜମାଉଛନ୍ତି, ସେମାନେ ସେସବୁ ସ୍ଥାନରେ ଫଟୋ ବା ସେଲ୍ଫି ଆଦି ନେବାର ନଜରକୁ ଆସୁଛି। ସେଥିରୁ ନିବୃତ୍ତ ରହିବା ସହିତ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

### ବିପଦ ସଙ୍କେତ...

ଦେଇ ବନ୍ୟାଜଳ ବାହାରି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଯାତାୟାତ ଓ ଚାଷବାସ ପ୍ରଭାବିତ ହୋଇଛି।

ସେହିପରି ସାଳନ୍ଦୀ ନଦୀ ଓ ଏହାର ଉପନଦୀ ନାଳିଆରେ ବନ୍ୟା ଯୋଗୁଁ ଭଦ୍ରକ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ଅନେକ ସ୍ଥାନରେ ରାସ୍ତାଘାଟ ଓ ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ଜଣାପଡ଼ିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ସେହିଭଳି ସାଳନ୍ଦୀ ଓ ଏହାର ଶାଖା ନଦୀ ବନ୍ୟା ପାଣି ଆସିବା ଫଳରେ ତିହିଡ଼ି ବ୍ଲକ୍‌ରେ ୩ୟ ବନ୍ୟା ଆସି ୭ ପଞ୍ଚାୟତ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ବିଶେଷକରି ବାହ୍ୟଜଗତରୁ ଗୋବିନ୍ଦପୁର, ବାରସର ପଞ୍ଚାୟତ ଆଦି ବିଚ୍ଛିନ୍ନ ହୋଇଛି। ଅନୁରୂପଭାବେ ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍‌ର ୪ ପଞ୍ଚାୟତ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତ ଅଧୀନ ୨୪ଟି ଗାଁରେ ପୂର୍ବର ୨ଟି ବନ୍ୟା ପ୍ରଭାବ ହ୍ରାସ ପାଇ ନ ଥିବାବେଳେ ପୁଣି ୩ୟ ବନ୍ୟା ସ୍ଥିତି ଲୋକଙ୍କୁ ନାକେଦମ୍ କରିଛି। ବିଶେଷକରି ବନ୍ୟାବିପନ୍ନଙ୍କୁ ଅବିରତ ବର୍ଷା ଅଧିକ କଲବଲ କରୁଥିବା ପରିଲକ୍ଷିତ ହୋଇଛି।

ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ରବିବାର ଏକ ଜରୁରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ବିଭାଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟି ତତ୍କାଳ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ନିର୍ଦ୍ଦେଶାନୁସାରେ, ଛୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଜ ଡ୍ୟୁଟିରେ ଯୋଗଦେଇ ନିଜ ନିଜ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁମତି ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲାରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ମଧ୍ୟରେ ଏହି ପଦକ୍ଷେପ ରିଲିଫ୍, ଉଦ୍ଧାର, ନିରୀକ୍ଷଣ ଓ ଜରୁରୀ ସେବାକୁ ଅବିରତ ରଖିବା ଉଦ୍ଦେଶ୍ୟରେ ନିଆଯାଇଛି। ରାଜ୍ୟରେ ପୁଣି ଲଘୁଚାପ ଯୋଗୁଁ ଭାରୀ ବର୍ଷାର ଚେତାବନୀ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି। ସେହିଭଳି ମତ୍ସ୍ୟଜୀବୀଙ୍କ ପାଇଁ ସତର୍କତା ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଝଟକା ପବନ ସହିତ ଅଶାନ୍ତ ପାଗ ରହିବାର ଆଶଙ୍କା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଝଟକା ସହ ୬୦ କି.ମି. ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଓଡ଼ିଶା ଉପକୂଳରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି।

### ପୂର୍ବତନ ମନ୍ତ୍ରୀଙ୍କ...

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ ଆଜି ସକାଳେ ବୀରଭୂମ ଜିଲ୍ଲା ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଉଦ୍ଧାର କରାଯାଇଛି। ତାଙ୍କ ମୃତଦେହ ନିକଟରୁ ଏକ ଚିଠି ଜବତ ହୋଇଛି, ଯେଉଁଥିରେ ସେ ନିଜକୁ ନିର୍ଦ୍ଦୋଷ ଏବଂ ଦୁର୍ନୀତିମୁକ୍ତ ବୋଲି କହିଛନ୍ତି। ସେ ୨୦୦୧ ରୁ ୨୦୨୬ ପର୍ଯ୍ୟନ୍ତ କ୍ରମାଗତ ୨୫ ବର୍ଷ ଧରି ରାମପୁରହାଟରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସେ ଭାରତୀୟ ଜନତା ପାର୍ଟିର ଧ୍ରୁବ ସାହାଙ୍କଠାରୁ ପରାଜିତ ହୋଇଥିଲେ। ଆତ୍ମହତ୍ୟାର ମାତ୍ର ଗୋଟିଏ ଦିନ ପୂର୍ବରୁ ଗତକାଲି ସେ ସ୍ଥାନୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ମୃତଦେହ ନିକଟରୁ ମିଳିଥିବା ହାତଲେଖା ଚିଠିରେ ସେ ଲେଖିଛନ୍ତି ଯେ, ନିଜର ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ସେ କୌଣସି ପ୍ରକାର ଦୁର୍ନୀତି ସହ ଜଡ଼ିତ ନଥିଲେ। ତାରାପୀଠ ରାମପୁରହାଟ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସମୟରେ ଟେଣ୍ଡର, ଚେକ୍ ପ୍ରଦାନ କିମ୍ବା ନକ୍ସା ମଞ୍ଜୁରୀ ଭଳି କୌଣସି ନିଷ୍ପତ୍ତିରେ ତାଙ୍କର ଭୂମିକା ନଥିଲା। ତାଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ଅପଚେଷ୍ଟା କରାଯାଉଛି। ରାଜନୀତିରେ ପ୍ରବେଶ କରିବା ତାଙ୍କର ବଡ଼ ଭୁଲ ଥିଲା। ରାଜନୀତିରେ ନ ଯୋଗଦେବା ଲାଗି ସେ ତାଙ୍କ ପରିବାରକୁ ପରାମର୍ଶ ଦେଇଛନ୍ତି।

ଆଶିଷଙ୍କ ଆତ୍ମହତ୍ୟା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମମତା ବାନାର୍ଜୀ। ସେ କହିଛନ୍ତି, ଆଶିଷ ଜଣେ ସଚ୍ଚୋଟ ନେତା ଥିଲେ। କିନ୍ତୁ ବିଭିନ୍ନ ମିଥ୍ୟା ମାମଲାରେ ଫସାଇ ତାଙ୍କୁ ହଇରାଣ କରାଯାଉଥିଲା। ରାଜନୈତିକ ଶତ୍ରୁତା ପାଇଁ ଜଣେ ମଣିଷ ପ୍ରତି ଏପରି ଅମାନବୀୟ ଅତ୍ୟାଚାର କରାଯିବା ଠିକ୍ ନୁହେଁ। ତେବେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆଶିଷଙ୍କ ବିରୋଧରେ କୌଣସି ପୁଲିସ ମାମଲା ନଥିଲା କି ତାଙ୍କ ଉପରେ କୌଣସି ଚାପ ନଥିଲା।

### ସୁଅ ମୁହଁରେ...

ପଠାଇଛନ୍ତି। ବାଲେଶ୍ୱର ଜିଲ୍ଲାକୁ ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଯାଜପୁର ଜିଲ୍ଲାକୁ ପି ଅନ୍ୱେଷା ରେଡ୍ଡୀଙ୍କ ସମେତ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କୁ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନାରେ ସହାୟତା ଓ ପରାମର୍ଶ ନେଇ ନିର୍ଦ୍ଦେଶ ଦିଆଯାଇଛି।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ବୈତରଣୀ, ବୁଢ଼ାବଳଙ୍ଗ, ଲୋୟର ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ଅବବାହିକାରେ ୨୬ରୁ ୩୭ ମିମି ବର୍ଷାର ଅନୁମାନ ରହିଛି। ଲୋୟର ମହାନଦୀ ଅବବାହିକାରେ ମଧ୍ୟ ଏହି ଦୁଇ ଦିନ ୧୧ରୁ ୨୫ ମିମି ବର୍ଷା ପୂର୍ବାନୁମାନ ରହିଛି। ତେଣୁ ବର୍ଷା କେତେ ହେବ, ଉପରମୁଣ୍ଡର ବର୍ଷା ଓ ଜଳଭଣ୍ଡାରରୁ ଆସୁଥିବା ପାଣି ମିଶି ତଳମୁଣ୍ଡରେ ଜଳସ୍ତର କେତେ ବଢ଼ାଇବ ତାହା ଉପରେ ନଜର ରହିଛି। ବୈତରଣୀର ଆଖୁଆପଦା ଓ ଜଳକାର ମାଥାନିରେ ବିପଦ ସଙ୍କେତ ଅତିକ୍ରମ କରିଥିବାରୁ ତଳମୁଣ୍ଡର ଅଞ୍ଚଳଗୁଡ଼ିକୁ ଏବେ ସତର୍କ ରହିବାକୁ ହେବ। ତେଣୁ ଆଗାମୀ ୨୪ରୁ ୪୮ ଘଣ୍ଟା ଓଡ଼ିଶାର ନଦୀ ଅବବାହିକା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରବିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିର ସମୀକ୍ଷା କରିଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଏବେ ସୁଦ୍ଧା ଏହି ଜିଲ୍ଲାର ୪୯ ଟି ବ୍ଲକ, ୩୩୧ ଗ୍ରାମ ପଞ୍ଚାୟତ, ୯୪୭ ଟି ଗ୍ରାମ, ୫ଟି ସହରାଞ୍ଚଳରେ ବସବାସ କରୁଥିବା ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ନିରାପଦ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ଗାଁରେ ପାଣି ପଶିଥିବାରୁ ପ୍ରାୟ ୭୫ ହଜାର ବିଜୁଳି ଉପଭୋକ୍ତାଙ୍କୁ ବିଜୁଳି ସରବରାହ ବନ୍ଦ କରାଯାଇଥିବା ସୂଚନା ମିଳିଛି। ନଦୀବନ୍ଧ ଗୁଡ଼ିକୁ ଦିନରାତି ନିରିକ୍ଷଣ କରାଯାଉଛଥିବା ବେଳେ ଯେଉଁଠି ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି, ସେସବୁ ସ୍ଥାନକୁ ସତର୍କ ଦୃଷ୍ଟି ରଖାଯାଇଥିବା, ବାଲିବସ୍ତା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରାଯିବା ନେଇ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ଜଳ ସମ୍ପଦ ବିଭାଗ ତରଫରୁ ବାଲେଶ୍ୱରରେ ଜଣେ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀ ନିୟୋଜନ କରାଯାଇଛି। ସେହିପରି ଅନ୍ୟ ପ୍ରଭାବିତ ଜିଲ୍ଲାକୁ ବିଭାଗର ଜଣେ ଜଣେ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଥିବା ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ବେଳେ ସଂପୃକ୍ତ ଜିଲ୍ଲାରେ ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଅଧିକାରୀମାନଙ୍କ ଛୁଟିକୁ ବାତିଲ କରାଯାଇଥିବା ସୂଚନା ମିଳିଛି।

### ୧୦୦ ମିଟର ଧସିଲା...

ରାସ୍ତାରେ ଯାତାୟାତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଯାନବାହନକୁ ରାସ୍ତାର ଅନ୍ୟ ପାଶ୍ୱର୍ ଦେଇ ଚଳାଚଳ କରାଯାଉଥିବା ଜଣାପଡ଼ିଛି। ଯଜାତି କେଶରୀ ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ ଓ ମନୋରଞ୍ଜନ ମହାପାତ୍ରଙ୍କ ମାଲିକାନାରେ ଥିବା ତିନୋଟି ଟ୍ରକ୍ ଏହି ଘଟଣାରେ ଧସିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ୮୦୦ କୋଟିର ପ୍ରକଳ୍ପ ଏମିତି ଭୁଶୁଡ଼ି ପଡ଼ିବାକୁ ନେଇ ନାନା ପ୍ରଶ୍ନ ଉଙ୍କିମାରିଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ୫୩କୁ ୮ ଲେନ୍ ବିଶିଷ୍ଟ ରାଜପଥରେ ସମ୍ପ୍ରସାରଣ କରାଯାଉଛି। ପ୍ରାୟ ୮୦୦ କୋଟି ଟଙ୍କାର ଏହି ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାର ଏଭଳି ଧସିବା ଘଟଣା ନିର୍ମାଣର ଗୁଣବତ୍ତାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ରାସ୍ତାକଡ଼ରେ ମାଟି ଭର୍ତ୍ତି ଓ ସଂଘନୀକରଣ ଠିକ୍ ଭାବେ ହୋଇନଥିବାରୁ ବର୍ଷାଜଳର ପ୍ରଭାବରେ ମାଟି ଧସିଥାଇପାରେ। ରାସ୍ତା ନିର୍ମାଣରେ ପାଉଁଶ, ଜିପସମ୍ ଆଦି ସାମଗ୍ରୀ ବ୍ୟବହାର ନେଇ ମଧ୍ୟ କେତେକ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ବିଧିବଦ୍ଧ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଧସିଥିବା ଅଂଶରେ ପ୍ରାୟ ଏକ ମାସ ପୂର୍ବରୁ ପିଚୁ କାମ ହୋଇଥିଲା। ନୂଆ ପିଚୁ ରାସ୍ତାର ପାଖ ଅଂଶ ମଧ୍ୟ ଧସିଯିବା ପରେ ନିର୍ମାଣର ଗୁଣବତ୍ତା ଓ ରାସ୍ତାର ଭିତ୍ତି କାମକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଅନ୍ୟପକ୍ଷରେ, ଲଗାଣ ବର୍ଷା ହିଁ ରାସ୍ତା ଧସିବାର ପ୍ରମୁଖ କାରଣ ବୋଲି ଟ୍ରକ୍ ମାଲିକମାନେ କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରାସ୍ତା ନିର୍ମାଣ କରୁଥିବା ଏଆର୍‌ଏସ୍‌ଏସ୍ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଲୋକେ ଅଟକ ରଖି ପ୍ରତିବାଦ କରିଥିବା ଜଣାପଡ଼ିଛି। ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଧସିଥିବା ରାସ୍ତାକୁ ବୈଜ୍ଞାନିକ ଭାବେ ପୁନଃନିର୍ମାଣ କରିବାକୁ ଦାବି ହୋଇଛି। ରାସ୍ତା ଧସିବା ପଛରେ ପ୍ରକୃତ କାରଣ କ'ଣ ତାର ତଦନ୍ତ କରିବାକୁ ଦାବି ହୋଇଛି।

### ଓଡ଼ିଶାରୁ ହଜିଯିବ...

ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର। ଲୁହାପଥର, ବକ୍ସାଇଟ୍, କୋଇଲା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିବା କୁହାଯାଉଥିଲେ ମଧ୍ୟ ରାଜ୍ୟବାସୀ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି। ଖଣି ପ୍ରକଳ୍ପଠାରୁ ଆରମ୍ଭ କରି ବୃହତ ଶିଳ୍ପ, ଖଣି ଆଦି ପାଇଁ ପାଇଁ ଦିନକୁ ଦିନ ଜଙ୍ଗଲ ଜମିର ଚାହିଦା ବଢ଼ିବାରେ ଲାଗିଛି। ଏହାର ସିଧାସଳଖ ପରିଣାମ ସ୍ୱରୂପ ରାଜ୍ୟର ସବୁଜ ଆଚ୍ଛାଦନ କମିବାରେ ଲାଗିଛି ଏବଂ ପରିବେଶୀୟ ସନ୍ତୁଳନ ସମ୍ପୂର୍ଣ୍ଣ ଭାବେ ବିଗିଡ଼ିବାରେ ଲାଗିଛି।

୧୦ ହଜାରରୁ ଅଧିକ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବା ଅର୍ଥ କେବଳ ଲକ୍ଷଲକ୍ଷ ଗଛ କଟାରେ ସୀମିତ ନାହିଁ; ଜଙ୍ଗଲ ଧ୍ୱଂସ ଯୋଗୁଁ ଜୀବଜନ୍ତୁ, ପକ୍ଷୀ, ଜଳସ୍ରୋତ ଓ ଜଳଉତ୍ସ, ମାଟିର ଉର୍ବରତା ଏବଂ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବ। ବିଶେଷକରି ଜଙ୍ଗଲ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ ଥିବା ରାଜ୍ୟର ଆଦିବାସୀ ଓ ଗ୍ରାମୀଣ ସମୁଦାୟ ପାଇଁ ଜଙ୍ଗଲ କେବଳ କାଠ ବା ଗଛର ସମୂହ ନୁହେଁ; ବରଂ ଏହା ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ଜୀବନଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସାରା ବିଶ୍ୱ ଯେତେବେଳେ ଜଳବାୟୁ ପରିବର୍ତ୍ତନ, ବର୍ଦ୍ଧିତ ତାପମାତ୍ରା, ଭୟଙ୍କର ଜଳସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଗଭୀର ଚିନ୍ତିତ, ସେତେବେଳେ ଓଡ଼ିଶାରେ ବିପୁଳ ପରିମାଣର ଜଙ୍ଗଲ ଓ ଜଙ୍ଗଲ ଜମି ଲିଜ୍ ପରିବେଶ ବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇଛି। ଏହିପରି ଭାବରେ ବିକାଶର ନାଁରେ ଯଦି ଜଙ୍ଗଲ ଉଜାଡ଼ିବା ଅବ୍ୟାହତ ରହେ, ତେବେ ଆଗାମୀ ପିଢ଼ି ପାଇଁ ଓଡ଼ିଶାରେ କେବଳ ଧୂଳିଝଡ଼, ଟାଙ୍ଗରା ମାଟି ଏବଂ ପ୍ରଦୂଷିତ ପରିବେଶ ବ୍ୟତୀତ ଆଉ କିଛି ରହି ନ ଥିବ ବୋଲି ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି।


**ପଶ୍ଚିମ ରେଳବାଇ — ରତଲାମ ମଣ୍ଡଳ**

ସଂଖ୍ୟା : W/623/NIT/1 **ଇ-ଟେଣ୍ଡରିଂ ବିଜ୍ଞପ୍ତି** ତାରିଖ: ୧୩.୦୮.୨୦୨୬

ମଣ୍ଡଳ ରେଳ ପ୍ରବନ୍ଧକ/ମଣ୍ଡଳ କାର୍ଯ୍ୟାଳୟ (କାର୍ଯ୍ୟଲେଖା ଶାଖା), ପଶ୍ଚିମ ରେଳବାଇ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। ବିବରଣୀ ଏହିପରି–

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-80, କାର୍ଯ୍ୟର ନାମ: ୧. Palia – ହାଇଲେଭଲ୍ ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା FOB ନିର୍ମାଣ। ୨. Ajod – HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ ଏବଂ ୩. Gautampura – HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୦,୦୩,୧୬,୦୧୭.୦୮, ବଇନା ରାଶି: ଟ. ୨୦,୦୬,୩୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-81, କାର୍ଯ୍ୟର ନାମ: Chanderiya-Ratlam Section – Mandsaur-Dalauda ଷ୍ଟେସନ ମଧ୍ୟରେ LC ନଂ. ୧୫୪ (କି.ମି. ୨୯୬/୧୩-୧୫) ବଦଳରେ ସବୱେ (RUB) ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୧,୯୨,୨୪,୦୮୨.୯୬, ବଇନା ରାଶି: ଟ. ୨୩,୮୪,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬।

କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-82, କାର୍ଯ୍ୟର ନାମ: ରତଲାମ ଡିଭିଜନ – ବିଭିନ୍ନ ସ୍ଥାନରେ ହାଇୱେ/ରାସ୍ତା ଉପରେ ଥିବା ROBଗୁଡ଼ିକର ଆପ୍ରୋଚ୍‌ରେ ସୁରକ୍ଷା ଫେନ୍ସିଂ ୱାଲ/କ୍ରାଶ୍ ବ୍ୟାରିଅର୍ ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୬,୫୩,୫୫,୭୨୪.୫୪, ବଇନା ରାଶି: ଟ. ୧୩,୦୭,୧୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୧.୦୯.୨୦୨୬। କ୍ରମିକ ନଂ.: ୪, ଇ-ଟେଣ୍ଡର ନଂ.: RTM-2026-27-83, କାର୍ଯ୍ୟର ନାମ: ରତଲାମ ଡିଭିଜନ – ୧୦,୦୦୦ରୁ ଅଧିକ TVU ଥିବା LC ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ ସମ୍ବନ୍ଧରେ ଗିଲେ ହଟ୍‌ର ବ୍ୟବସ୍ଥା (୩ଟି LC), ବିଦ୍ୟୁତ କାର୍ଯ୍ୟ ସମେତ। ଆନୁମାନିକ ମୂଲ୍ୟ: ଟ. ୬୯,୨୬,୯୮୯.୫୦, ବଇନା ରାଶି: ଟ. ୧,୩୮,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୦୬ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬। ବିସ୍ତୃତ ଟେଣ୍ଡର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ। AK/5/1/205

Like us on: facebook.com/WesternRly | Follow us on: X.com/WesternRly



**OFFICE OF THE PRINCIPAL**

**PANCHAYAT HIGHER SECONDARY SCHOOL, PHIRINGIA**

**KANDHAMAL, ODISHA, 762011**

**Mail-pjcpprincipal@gmail.com**

**WALK –IN – INTERVIEW**

**FOR ENGAGEMENT OF GUEST/CONTRACTUAL LECTURERS & OFFICE STAFFS**

A walk in interview for engagement and empanelment of guest/contractual faculties and Office Staffs (Non-teaching) for Higher Secondary Classes (+2) of Panchayat Higher Secondary School, Phiringia, Kandhamal will be held on **Date. 31.08.26** in the premises of Panchayat Higher Secondary School, Phiringia for the session 2026-27 or till the vacancies are filled up whichever is earlier as detailed below.

| Sl.No | Date | Reporting Time | Post | Minimum Qualification |
|---|---|---|---|---|
| 1 | 31.08.26 | 11.00 A.M | Lecturer In Education, | 55% of Marks in PG (Education) degree or 50% with B. Ed |
| 2 | 31.08.26 | 11.00 Noon | Lecturer in Odia | 55% of Marks in PG degree |
| 3 | 31.08.26 | 12.00 Noon | Jr. Clerk | Any Bachelors Degree |
| 4 | 31.08.26 | 12.00 Noon | Peon | Any Bachelors Degree |

Interested Candidates may attend the interview in between **11.00 AM to 2.00 PM** with their complete Bio-data, all original certificates and Xerox copies of their qualifications from Matriculation onwards, two passport size photo copies, Experience certificate and an identity proof on the scheduled date.

No TA/DA is admissible for attending the interview. The appointments are purely temporary and the remuneration for the said posts will be consolidated. The Principal reserves all the rights to cancel part or whole of the walk in interview at any moment without assigning any reason there off.

Principal
PRINCIPAL
Panchayat Higher Secondary School
Phiringia, Kandhamal, Odisha, 762011



**NOTICE**

By virtue of an affidavit sworn before Notary Public, Champua, dated 29.05.2026, I, **MIHIR SEN GHANA,** Address At/Po- Haladia, Via- Sukruli, P.S.- Raruan, District- Mayurbhanj, Odisha, PIN- 757039, declare that I have changed the name of my son from **KALPESH KUMAR GHANA** to **KARUNYA KALPESH GHANA.** Henceforth, he shall be known as **KARUNYA KALPESH GHANA** for all purposes.

**(MIHIR SEN GHANA)**

**LOST**

I, **Niharika Purohit,** W/o- Kalpeswar Purohit, resident at- Gayatree Mandir Lane, Mahaveer Pada, Bhawanipatana, Dist Kalahandi, Odisha - 756100, I do hereby declare that, I have lost original land Patta vide **Thana No. 165, Khatian No-171/1901** and **Khata No- 171/2699,** in favour of **Diptimayee Panda,** W/o- Late Subhendu Kumar Panda on dated - **05.08.2026 at 11 am.** That time I was going to revenue office Bhawanipatna. If anyone finds this documents, kindly contact **Niharika Purohit, Mob. No- 8249226769.**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Affidavit C.F.No. 73 on dated 14/08/2026, I **BHANU PRADHAN,** W/o Bhaba Pradhan resident of At./Po- Damasahi, P.S: Sarankul, Dist: Nayagarh, Odisha, PIN: 752092, declare that I have changed my name from **KUNI PRADHAN (Old Name)** to **BHANU PRADHAN (New Name).** Henceforth, I shall be known as **BHANU PRADHAN** for all purposes.

Sd- **BHANU PRADHAN**

**AFFIDAVIT**

I, Sk Sajid Ali, age 43 years, S/o- Sk Yakub Ali, Vill- Maheswarpur, Po/ps - Barhambarda, Dist- Jajpur, Odisha, declared this affidavit No-2686, dtd - 14/8/2026 now onwards I shall be known as **Sk Sajid Ali** for all future purposes

**AFFIDAVIT**
**Change of Name (Minor)**

By virtue of an affidavit before the Executive Magistrate, Keonjhar, **Dated. 12/08/2026,** I, Tutu Naik, At-Satasinga, Baniapat, P.O.-Keonjhar, Pin-758001, Dist.-Keonjhar, do hereby declare that I have changed the name of my minor daughter from Kirtika Naik to **Kritika Naik.** Henceforth, she shall be known as **Kritika Naik** for all future purposes.

**Sd/- Tutu Naik**

**AFFIDAVIT**

By Virtue of an affidavit before the Executive Magistrate, Tentulikhunti, Dtd. 31.07.2026, **No.251,** I, **KALABATI JHADIA,** W/o **JAYARAM JHADIA,** Village-Murka, P.O.-Padepadar, P.S.-Thuamul Rampur, Dist.-Kalahandi, do hereby declare that I have changed my minor sons name from **GOPINATH JHADIA** to **KISPAR JHADIA.** Henceforth, he shall be known as **KISPAR JHADIA** for all purposes.

**Sd/- KALABATI JHADIA**

**AFFIDAVIT**

By virtue of an affidavit before the Executive Magistrate, Tentulikhunti, Dist: Nabarangpur, dtd. 14.08.2026, **No.274,** I, **KUNI JANI,** Vill-Khandiaguda, Post-Tentulikhunti, Dist-Nabarangpur-764070, do hereby declare that I have changed the name my minor daughter's name from **CHUMKI JANI** to **CHUMUKI JANI.** Henceforth, she shall be known as **CHUMUKI JANI**

**Sd/- Kuni Jani**

## ସବୁଠି ଉଡ଼ିଲା ତ୍ରିରଙ୍ଗା

# ଓଡ଼ିଶାର ଶିଳ୍ପାୟନ ଓ ପ୍ରଗତିର ଶକ୍ତିକେନ୍ଦ୍ର ଜଗତସିଂହପୁର

**ଜଗତସିଂହପୁର,୧୬।୮ (ସମିସ):**

ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ସୁଧାଂଶୁ ମୋହନ ସାମଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ଅମର ବଳିଦାନ ଦେଇଥିବା ମହାନ ସଂଗ୍ରାମୀ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂହଙ୍କ ସମେତ ଓଡ଼ିଶାର ଅନେକ ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ ଏବଂ ଅମର ସହିଦ ବାଜି ରାଉତ ପ୍ରମୁଖଙ୍କୁ ସ୍ମରଣ କରି ମୁଖ୍ୟଅତିଥି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତସିଂହପୁର ମାଟିର ଗୌରବ ତଥା ଜାତୀୟକବି ବୀରକିଶୋର ଦାସଙ୍କର କାଳଜୟୀ ପଦକୁ ସ୍ମରଣ କରି ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କର ଗୁରୁତ୍ୱକୁ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଜଗତସିଂହପୁର କେବଳ ଉଚ୍ଚ ସଂସ୍କୃତି ଓ ସାରସ୍ୱତ ସାଧନାର ପବିତ୍ର ଭୂମି ନୁହେଁ, ବରଂ ଆଜି ସମଗ୍ର ଓଡ଼ିଶାର ଅର୍ଥନୀତି, ଶିଳ୍ପାୟନ ଓ ପ୍ରଗତିର ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବେ ପରିଚିତ ହୋଇଛି। ଜିଲ୍ଲାପାଳ ଜେ. ସୋନାଲ ଓ ଆରକ୍ଷୀ ଅଧିକ୍ଷକ ଅଙ୍କିତ




କୁମାର ବର୍ମା ଏଥିରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟର ଛାତ୍ରୀ ଗାୟତ୍ରୀ ପୋଲେଇଙ୍କୁ ମୁଖ୍ୟ ଅତିଥି ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣଚନ୍ଦ୍ର ସ୍ମାରକ ମେଧାବୃତ୍ତି ଏବଂ ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ପୁରସ୍କାର ସ୍ୱରୂପ ନଗଦ ଅର୍ଥ ରାଶି, ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପରେଡରେ ମୋଟ ୨୫ଟି ଦଳ ଭାଗ ନେଇଥିଲେ ଓ ସେମାନଙ୍କ ମଧ୍ୟରୁ ୟୁନିଫର୍ମ ଗ୍ରୁପରୁ ଏସ୍‌କେ ଏକାଡେମୀ (ଏୟାରୱିଙ୍ଗ), ସିନିୟର୍ ସିଭିଲିଆନ ଦଳରୁ ଡ୍ରିମ୍ ଇଣ୍ଡିଆ ସ୍କୁଲ, ଜୁନିୟର୍ ସିଭିଲିଆନ ଦଳରୁ ଜଗତସିଂହପୁର ପବ୍ଲିକ୍ ସ୍କୁଲ ଶ୍ରେଷ୍ଠ ବିବେଚିତ ହୋଇଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ପରେ ସ୍କୁଲସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହର ମଧ୍ୟରେ ଥିବା ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରାଯାଇଥିଲା। ପରେଡ୍ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଏବଂ ଜିଲ୍ଲା କାରାଗାର ଆଳିପିଙ୍ଗଳର ଅନ୍ତେବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପୌର ପରିଷଦ ଅଧ୍ୟକ୍ଷ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପ୍ରଶାସନିକ ଅଧିକାରୀ, ସହରର ବୁଦ୍ଧିଜିବୀ, ଆଇନଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଡମ୍ବରୁଧର ହୋନାଗା ପରେଡ ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ,ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଆମ ବସ୍‌କୁ ଧକ୍କା ଦେଲା ହାଇୱା

**ରଘୁନାଥପୁର,୧୬।୮ (ସମିସ):** ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ଗ୍ରାମପଞ୍ଚାୟତର କଟକ ପାରାଦୀପ ରାସ୍ତାର ଖଣ୍ଡତରି ଠାରେ ଶନିବାର ସକାଳୁ ଆମ ବସ୍‌କୁ ଏକ ହାଇୱା ଟ୍ରକ ଧକ୍କା ଦେଇଥିଲା। ଦୁର୍ଘଟଣାର ମାତ୍ରା ଏତେ ଅଧିକ ଥିଲାଯେ ଟ୍ରକଚାଳକ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସୁନନ୍ଦ ମଲ୍ଲିକ (୩୬) ତାଙ୍କ ଷ୍ଟିଆରିଂରେ ଚାପି ହୋଇ ରହି ଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ବାହାର ପାଶ୍ୱର୍ରେ ରଶି ବନ୍ଧାଯାଇ ଅନ୍ୟ ଏକ ଗାଡି ସହାୟତାରେ ଟଣାଯାଇ ଚାଳକ ସୁନନ୍ଦଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କ ଛାତି ଓ ଗୋଡହାତରେ ଗଭୀର ଆଘାତ ହୋଇଥିବା ବେଳେ ତୁରନ୍ତ ତାଙ୍କୁ ଜଗତସିଂହପୁର ମୁଖ୍ୟ ହସ୍ପିଟାଲକୁ ପଠାଯାଇଥିଲା। ସୁନନ୍ଦଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଆମବସରେ ଥିବା କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ହାଇୱା ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ରଘୁନାଥପୁର ଥାନା ଏସଆଇ ଯୋଗେଶ୍ୱର ବେହେରା ଘଟଣାସ୍ଥଳରେ ପହଞ୍ଚି ଉଭୟ ଆମବସ ଓ ହାଇୱାକୁ ଜବତ କରି ଥାନାକୁ ଆଣିଛନ୍ତି। ଆମ ବସ୍ ମ୍ୟାନେଜର ଶ୍ରଦ୍ଧାନନ୍ଦ ଦାସଙ୍କ ଅଭିଯୋଗ କ୍ରମେ ପୁଲିସ କେସ ନଂ ୧୪୩/୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଏସଆଇ ବେହେରା ପ୍ରକାଶ କରିଛନ୍ତି।

## ବାନାମ୍ବର ଘାଟରୁ ପାଣି ଉଠାଇଲେ ୨୦ ହଜାର କାଉଡିଆ



**ରଘୁନାଥପୁର,୧୬।୮ (ସମିସ):** ପବିତ୍ର ଶ୍ରାବଣ ସୋମବାରରେ ବିଭିନ୍ନ ଶୈବ ମନ୍ଦିରରେ ଜଳାଭିଷେକ ପାଇଁ ରଘୁନାଥପୁର ବ୍ଲକ ତାରପୁର ମହାନଦୀ ସ୍ଥିତ ବାନାମ୍ବର ଘାଟରୁ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ପାଣି ଉଠାଇ ଥିବା କମିଟି ମୁଖ୍ୟ ବିଷ୍ଣୁ ବିଶ୍ୱାଳ ପ୍ରକାଶ କରିଛନ୍ତି। କାଉଡ଼ିଆ ସଂଘ ପକ୍ଷରୁ ଉଚ୍ଚ ସ୍ୱରରେ ଡିଜେ ବଜା ଯାଉଥିବାରୁ ଯାନବାହାନ ଚଳାଚଳ ଓ ପରିବେଶ ଦୂଷିତ ହେଉଛି। ଯାହାଫଳରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ହେଉଛି ବୋଲି ତିର୍ତ୍ତୋଲ ଆଇଆଇସି ବଂଶୀଧର ପ୍ରଧାନ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନଙ୍କୁ ବାରଣ କରାଗଲେ ମଧ୍ୟ ସେମାନେ ସଚେତନ ହେଉନାହାନ୍ତି ବୋଲି ଅଧିକାରୀ ପ୍ରଧାନ କହିଛନ୍ତି। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କମିଟି ପକ୍ଷରୁ ଲୋକଙ୍କୁ ବ୍ୟାନର ଦ୍ୱାରା ସଚେତନ କରାଯିବା ସହ ପାଣି ଉଠାଇବା ସ୍ଥାନରେ କାଉଡିଆଙ୍କ ପାଇ ବ୍ୟାରିକଡ ବ୍ୟବସ୍ଥା କରାଯାଇଛି। ରଘୁନାଥପୁର ଥାନା ପୁଲିସ ସୁରକ୍ଷା ଦାୟୀତ୍ୱରେ ଥିବାବେଳେ ଦମକଳ ବାହିନୀ କାଉଡିଆଙ୍କ ପାଣି ଉଠାଉଥିବା ସ୍ଥାନରେ ଉପସ୍ଥିତ ରହି ସେବା ଉପଲବ୍ଧ କରାଇଥିଲେ। ରବିବାର ସକାଳୁ କାଉଡ଼ିଆମାନେ ପାଣି ଉଠାଇ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ନୀଳକଣ୍ଠେଶ୍ୱର, ଗ୍ରାମେଶ୍ୱର, ରୁଦ୍ରେଶ୍ୱର, ସର୍ପେଶ୍ୱର, ଇସାନେସ୍ୱର ଓ ବିଭିନ୍ନ ଶୈବ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ତାରପୁର ଠାରୁ ଜଇପୁର ପର୍ଯ୍ୟନ୍ତ ୬ କିମି ରାସ୍ତାରେ ହଜାର ହଜାର କାଉଡିଆଙ୍କ ଗହଳି ଲାଗି ରହିଥିଲା। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗିଥିଲା। ତିର୍ତ୍ତୋଲ ଓ ରଘୁନାଥପୁର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବଳ ମୁତୟନ କରାଯିବା ସହ ରାସ୍ତାରେ ପାଟ୍ରୋଲିଙ୍ଗ ଜୋରଦାର କରାଯାଇଥିଲା। କମିଟି ପକ୍ଷରୁ ରବୀନ୍ଦ୍ର ନାୟକ, ପ୍ରଭାକର ମଲ୍ଲିକ, ବିଜୟ ଦାଶ, ପ୍ରତାପ ରାଉତଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ ଯୋଗାଇ ଦେଇଥିଲେ।

# ସବୁଠି ଜାତୀୟ ସଙ୍ଗୀତ, ଦେଶପ୍ରେମର ସ୍ଲୋଗାନ









**ତିର୍ତ୍ତୋଲ:** ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ତିର୍ତ୍ତୋଲ ଜେଏମ୍‌ଏଫସି ଅଦାଲତ ପରିସରରେ ବିଚାରପତି ସିଅନା ସିଦ୍ଧାର୍ଥ ମହାରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିରିଡୋଳ କୃଷି ସମବାୟ ସମିତିରେ ସମିତିର ପରିଚାଳନା ପରିଷଦ ସଭାପତି ଅଶ୍ୱିନୀ ଦାସ ପତାକା ଉତ୍ତୋଳନ କରିଥିଲେ। ଶଶିଭୂଷଣ ଷଡ଼ଙ୍ଗୀ, ଦିଲୀପ ମହାନ୍ତି, ଅକ୍ଷୟ ମହାନ୍ତି, ସୁନାକର ପରିଡ଼ା, ବିଜୟ ମହାନ୍ତିଙ୍କ ସମେତ ପରିଷଦର ସଭ୍ୟ ମାନେ ଉପସ୍ଥିତ ଥିଲେ। ବାଇଁଗୋଳ ଠାରେ ଅନନ୍ତ ଗାଦି ଗ୍ରାମ କମିଟି ଆୟୋଜିତ ସମାରୋହରେ ସିଦ୍ଧେଶ୍ୱର ସାମଲ, ଅକ୍ଷୟ ନାୟକ, ଜିତେଶ ସାମଲ, ଆର୍ଶୀବାଦ ରାଉତ, ଚନ୍ଦନ ପାଣି, ନିରଞ୍ଜନ ନାୟକ, ତନ୍ମୟ ନାୟକ, ଗୋପାଳ ସାମଲ, ରାକେଶ ନାୟକ, ରଶ୍ମି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ତିର୍ତ୍ତୋଲ ଓକିଲ ସଂଘ କାର୍ଯ୍ୟାଳୟରେ ଓକିଲ ସଂଘ ସଭାପତି ସରୋଜ ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିବାବେଳେ ସଂଘର ସମ୍ପାଦକ ଟୁକନ ଚରଣ ସେଠୀଙ୍କ ସମେତ ସଂଘର ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ। ବିରିଡୋଳ ପଞ୍ଚାୟତ କାର୍ଯ୍ୟାଳୟରେ ରମାମଣି ଦାସ, ତେନ୍ତୁଳିପଦା ପଞ୍ଚାୟତ କାର୍ଯ୍ୟାଳୟରେ ପରିଜା, ମୂଳିସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ସଫିଆଜମ ପତାକା ଉତ୍ତୋଳନ କରିଥିଲେ। ତିର୍ତ୍ତୋଲର ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**ମଣିଜଙ୍ଗା:** ଜଡତିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଶିବ ପ୍ରସାଦ ସାହୁ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମିତି ସଭ୍ୟା, ୱାର୍ଡ ସଭ୍ୟ ସଭ୍ୟା, ପିଇଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଣିଜଙ୍ଗା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରତ୍ୟୁଷ କୁମାର ତରାଇ ପତାକା ଉତ୍ତୋଳନ କରିଥିଲେ। ଅଫିସର କର୍ମଚାରୀ ଦେବେନ୍ଦ୍ର କୁମାର ରାୟ, ପ୍ରତାପ ଚନ୍ଦ୍ର ମହାନ୍ତି, ଦୀପ୍ତି ରଞ୍ଜନ ଜେନା, ସଲିମ୍ ମହମ୍ମଦ, ଉମେଶ ଚନ୍ଦ୍ର ତାରେଣିଆ, ନୃସିଂହ ଚରଣ ମଲ୍ଲିକ, ସୁଦାମ ବିଶୋଇ, ଅକ୍ଷୟ କୁମାର ବେହେରା। ମଣିଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଶଶିଧର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ସମିତିସଭ୍ୟା ନଚିକେତା ଦାସ, ନାଏବ ସରପଞ୍ଚ ନିବେଦିତା ଦାସ ଓ ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଣିଜଙ୍ଗା ପୂର୍ତ୍ତ ବିଭାଗ ଅଫିସ କାର୍ଯ୍ୟାଳୟରେ ଜୁନିୟର ଇଞ୍ଜିନିୟର ରମାକାନ୍ତ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶ୍ୟାମ ସୁନ୍ଦର ପରିଡ଼ା, ରାଜୀବ ଲୋଚନ ଦାସ, ପ୍ରଦୀପ କୁମାର ସାହୁ, ନୃସିଂହ କୁମାର ଆଚାର୍ଯ୍ୟ, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଣିଜଙ୍ଗା ଉପନିବନ୍ଧକ କାର୍ଯ୍ୟାଳୟରେ ଉପନିବନ୍ଧକ ଅମରେନ୍ଦ୍ର ପୃଷ୍ଟି ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ଏଥିରେ କର୍ମଚାରୀ ସସ୍ମିତା ଦିଦି, ନମିତା ଦିଦି, ଶୁଭର୍ଜିତ ଦାସ, ମୋହରୀଅର ସଙ୍ଘ ସଭାପତି ସୀତାକାନ୍ତ ରାଉତ, ବିଜୟ କୁମାର ରାଉତ, ସୁରେଶ ଚନ୍ଦ୍ର ଦାସ, ଅଶୋକ କୁମାର ଖଟୁଆ ବୈକୁଣ୍ଠ ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ।

**ବାଲିକୁଦା:** ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଳାଉରୀ, ବିଡିଓ ବିଦ୍ୟାଧର ଦଣ୍ଡପାଟ, କୋଷାଧ୍ୟକ୍ଷ ବିଭୁ ପ୍ରସାଦ ମହାନ୍ତି, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଫନୀନ୍ଦ୍ର ଶତପଥୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟ ଓ ସରସ୍ୱତୀ ଶିଶୁମନ୍ଦିରରେ ତହସିଲଦାର ବିକାଶ ରଞ୍ଜନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାଲିକୁଦା ଥାନାରେ ଥାନା ଅଧିକାରୀ କାବୁଲି ବାରିକ, ବିଜେପି ଦଳୀୟ କାର୍ଯ୍ୟାଳୟରେ ଦଳୀୟ ନେତା ସତ୍ୟସାରଥୀ ମହାନ୍ତି, ବାଲିକୁଦା କଲେଜରେ ଅଧ୍ୟକ୍ଷ କ୍ଷୀରୋଦ ନାୟକ, ବାଳିକା ମହାବିଦ୍ୟାଳୟ ଅଧ୍ୟକ୍ଷା ଆରତୀ କୁମାରୀ ସ୍ୱାଇଁ, ଅବକାରୀ ବିଭାଗରେ ଅଧିକାରୀ ନରେଶ କୁମାର ପଣ୍ଡା, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ସୁବାସ ଚନ୍ଦ୍ର ଭୋଳ ଏବଂ ବାଲିକୁଦା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରାଜକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ। ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌଭାଗ୍ୟ ସାହୁ, ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିସ୍ମୟ ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗରେ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପରିଡ଼ା, ଜଳସମ୍ପଦ ବିଭାଗରେ ଏସ୍‌ଡିଓ ପ୍ରକାଶ କୁମାର ବେହେରା, ଗାନ୍ଧୀ ଉଦ୍ୟୋଗ ମନ୍ଦିରରେ ସମ୍ପାଦକ ମହାମାୟା ତେଜାନୀ, ଜଗନ୍ନାଥ ଫିଲିଙ୍ଗ ଷ୍ଟେସନରେ ଅଧ୍ୟକ୍ଷ ଭାଗିରଥି ସାହୁ ଓ ବାଲିକୁଦା ପ୍ରେସ୍ କ୍ଲବରେ ସଭାପତି ମନୋଜ କୁମାର ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ପଣ୍ଡିତ ହୃଷିକେଶ ସାହୁ, କୃଷି କାର୍ଯ୍ୟାଳୟରେ ଯନ୍ତ୍ରୀ ସ୍ମୃତିକାନ୍ତ ଜେନା, ଜାଭିୟର ସ୍କୁଲରେ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିଛନ୍ଦା କୁଁଅର ଏବଂ ସାଧୁ ଫିଲିଂ ଷ୍ଟେସନରେ ଅମୀୟ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ଏଥିସହ ପୋଦରୁଆଁ ଉତ୍ତରଶ୍ୱର ଉଚ୍ଚ ବିଦ୍ୟାଳୟ, ଉତ୍ତରଶ୍ୱର ୟୁଥ୍ କ୍ଲବ, ତାଳଗାଁ ଶୀଧେଶ୍ୱର କ୍ଲବ, ଓଳାଶ ଲୋଟସ୍ କ୍ଲବ ସମେତ ବାଲିକୁଦା ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ, ପଞ୍ଚାୟତ କାର୍ଯ୍ୟାଳୟ, କ୍ଲବ, ମେଡିକାଲ ଓ ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

**ନାଉଗାଁ:** ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକିସ୍ଥିତ ବିଜେପି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଜେପି ଯୁବନେତା ଦୀପକ ବିଶ୍ୱାଳ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତାଙ୍କ ସହ ଜଗତସିଂହପୁର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ପ୍ରଜ୍ଞାସିନୀ ବିଶ୍ୱାଳ, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ଭିକାରୀ ଚରଣ ସ୍ୱାଇଁ ଏବଂ ଦଳର ବରିଷ୍ଠ ନେତା ବିନୟ ଭୂଷଣ ମହାପାତ୍ର ଏବଂ ଦଳିଅ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ସହିଦ ପ୍ରସନ୍ନ କୁମାର ସାହୁଙ୍କ ପୈତୃକ ଗ୍ରାମକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ପାଇକ ଆଖଡା ମନ ଜିଣିଲା

**କୁଜଙ୍ଗ:** କୁଜଙ୍ଗରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। କୁଜଙ୍ଗ ଥାନା ପରିସରରେ ଜାତୀୟ ପତାକା ଉତ୍ତୋଳନ ପରେ ଜାତୀୟତା ଭିତ୍ତିକ ପାଇକ ଆଖଡ଼ା ନୃତ୍ୟ ଅନୁଷ୍ଠିତ ହୋଇଥିଲା। ବ୍ରିଟିଶ ଫଉଜୀ ସହ ଲଢେଇର ଦୃଶ୍ୟ ପାଇକ ମାନେ ପରିବେଷଣ କରିଥିଲେ। ସ୍ଥାନୀୟ ନ୍ୟାସନାଲ ସ୍କୁଲ ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଯାଇ ଥାନା ପରିସରରେ ପହଞ୍ଚିଥିଲେ। କୁନି ପିଲାମାନେ ବିଭିନ୍ନ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ଶୋଭାଯାତ୍ରାରେ ଆସିଥିଲେ। ଏହି



ଜାତୀୟତା ଉତ୍ସବରେ ତିର୍ତ୍ତୋଲ ଏସଡ଼ିପିଓ ଅଜୟ କୁମାର ଦାସ, କୁଜଙ୍ଗ ଥାନା ଅଧିକାରୀ ଶିବାଷିଶ ଦାସ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ ତହସିଲ, ବ୍ଲକ ଓ କୋର୍ଟ ପରିସରରେ ମଧ୍ୟ ପତାକା ଉତ୍ତୋଳନ ହୋଇଛି। କୁଜଙ୍ଗ ବଣିକ ସଂଘ, କୁଜଙ୍ଗ ସମବାୟ କାର୍ଯ୍ୟାଳୟ ଓ କୁଜଙ୍ଗ ଗୋପବନ୍ଧୁ ମାର୍କେଟରେ ପତାକା ଉତ୍ତୋଳନ ହୋଇଛି। ବନବିହାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ନ୍ୟାସନାଲ ସ୍କୁଲରେ ଶିକ୍ଷାବିତ ସରୋଜ କୁମାର ବେହେରା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଅମୂଲ୍ୟ ତ୍ୟାଗ ସ୍ମରଣୀୟ









**ପାରାଦୀପ,୧୬।୮ (ସମିସ):**

ପାରାଦୀପର ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦବିସ ପାଳିତ ହୋଇଯାଇଛି। ସରକାରୀ, ବେସରକାରୀ ଅନୁଷ୍ଠାନ ସହ ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହାସହିତ ସବୁଠି ଜାତୀୟ ସଂଗୀତ, ଜାତୀୟ ଗୀତ ସହିତ ଦେଶପ୍ରେମର ସ୍ଲୋଗାନ୍ ପ୍ରକମ୍ପିତ ହୋଇଥିଲା।

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ସ୍ୱାଧୀନତା ଦିବିସରେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ସେ ସ୍ୱାଧୀନତା ସଂଗ୍ରାମୀ ଏବଂ ସଶସ୍ତ୍ର ବାହିନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏବଂ ବିକାଶ ଭାରତର ଦୃଷ୍ଟିକୋଣରେ ବନ୍ଦରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ଭାରତର ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଦ୍ୱିତୀୟ ସ୍ଥାନରେ ରହିଛି। ଯେତେବେଳେ ପୂର୍ବ ଉପକୂଳରେ ୧ ନମ୍ବର ଏବଂ ଉପକୂଳ ପରିବହନରେ ୧ ନମ୍ବର ସ୍ଥାନ ବଜାୟ ରଖିଛି ବୋଲି ସେ କହିଥିଲେ। ପାରାଦୀପ ବନ୍ଦର ମଧ୍ୟ ୧୦୦ ପ୍ରତିଶତ ଯାନ୍ତ୍ରିକୀକରଣ ସହିତ ପ୍ରଥମ ପୂର୍ବତଟ ବନ୍ଦର ହେବା ଦିଗରେ ଅଗ୍ରଗତି କରୁଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ବନ୍ଦରର ନିଟ୍ ସରପ୍ଲସ୍ ୭୧୪ କୋଟିରୁ ୨,୦୩୮ କୋଟିକୁ ବୃଦ୍ଧି ପାଇଛି। ଅପରାହ୍ନରେ ପାରାଦୀପ ବନ୍ଦର ଦଳ ଏବଂ ମର୍ଣ୍ଣିଂ ଫୁଟବଲ୍ କ୍ଲବ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବିଜେତାମାନେ ବନ୍ଦର ଅଧ୍ୟକ୍ଷଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

**ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ:** ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହର ସହିତ ପାଳନ କରାଯାଇଛି। ରିଫାଇନାରୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ସମସ୍ତ ପରିବାରଙ୍କୁ ନେଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାଦୀପ ରିଫାଇନରୀ ନିକଟସ୍ଥ ଅନାଥାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମଧ୍ୟରେ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା।

**ପିପିଏଲ୍:** ପାରାଦୀପ ଫସଫେଟ୍ସ ଲିମିଟେଡ୍ ପିପିଏଲ ଟାଉନସିପ୍ ନବରତ୍ନ ଗ୍ରାଉଣ୍ଡରେ ସ୍ୱାଧୀନତା ଦିବସ ଉତ୍ସାହ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏବଂ ଡିଏଭି ସ୍କୁଲର ଶିକ୍ଷକ, ଛାତ୍ରଛାତ୍ରୀ ଏକାଠି ହୋଇ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ପିପିଏଲର ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ୍ ହେଡ୍ ଏସ୍. ଗିରିଶ୍‌ଙ୍କ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କମ୍ପାନୀ ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସୁମିତ୍ ସେନାପତି, ଅର୍ଥ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରଶାନ୍ତ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପିପିଏଲ୍ ମୁଖ୍ୟ ସୁରକ୍ଷା ଅଧିକାରୀ ଶ୍ରୀଷା ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

**ଇଫକୋ:** ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଧିକାରୀ ସଙ୍ଘ ଓ କର୍ମଚାରୀ ସଂଘର ସଦସ୍ୟ, ଇଫକୋ ଟାଉନସିପ୍‌ର ବାସିନ୍ଦା ଏବଂ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏଥିରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୃଷକ ସମାଜ ପ୍ରତି ଇଫକୋର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଇଫକୋ କେବଳ ଏକ ସାର ଉତ୍ପାଦନକାରୀ ସଂସ୍ଥା ନୁହେଁ, ବରଂ ଦେଶର କୋଟି କୋଟି କୃଷକଙ୍କ ସମୃଦ୍ଧି, ଦେଶର ଖାଦ୍ୟ ସୁରକ୍ଷା ଏବଂ ଜାତୀୟ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହି ଅବସରରେ ଇଫକୋର ବରିଷ୍ଠ ଅଧିକାରୀ ଓ ପ୍ରମୁଖ ପଦାଧିକାରୀମାନଙ୍କ ମଧ୍ୟରେ ଇଫକୋ ଅଫିସର୍ସ ଆସୋସିଏସନର ସଭାପତି ସୁଶାନ୍ତ କୁମାର ଜେନା ଓ ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ, ଇଫକୋ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ଓ ସାଧାରଣ ସମ୍ପାଦକ ତୃପ୍ତି ରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ଇଫକୋ ପ୍ରଶାସନିକ ମୁଖ୍ୟ ବିଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ବନ୍ୟାରେ ଉବୁଟୁବୁ କେନ୍ଦ୍ରାପଡ଼ା

## ବାହ୍ୟ ଜଗତରୁ ବିଚ୍ଛିନ୍ନ ୧୫ ଗାଁ

ରାଜନଗର,୧୬।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ପରେ ବ୍ରାହ୍ମଣୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ଆସିଛି। ଫଳରେ ରାଜନଗରର ୪ ପଞ୍ଚାୟତ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁରର ୩୦ ହଜାର ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଅଛି। ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡ଼ି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ଗାଁ ଭିତରେ ବିପନ୍ନ ପରିବାର ପାଣି ଘେରରେ ରହିଛନ୍ତି। ରାଜନଗର ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଡେିଲା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର ଓ ବେଲପାଳ ପଞ୍ଚାୟତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ୫ ଫୁଟ ଉଚ୍ଚତାର ବନ୍ୟା ପାଣି ଚାଲୁଛି। ବଳଭଦ୍ରପୁର ରାଜପୁର ରାସ୍ତାରେ ୪ ଫୁଟ ଉଚ୍ଚତାର ପାଣି ଚାଲୁଛି। ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଗାଁର ବଟବାବା ମନ୍ଦିର ବନ୍ୟା ପାଣି ଘେରରେ ରହିଛି। ଓସ୍ତିଆ ବନ୍ଧପାଟଣା ନୋଡାଲ ହାଇସ୍କୁଲ ଭିତରେ ବନ୍ୟା ଜଳ ଲହଡି ଭଙ୍ଗୁଛି। ବେଲପାଳ ରାସ୍ତାରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ଚାଲୁଛି। ବେଲପାଳ ବଜାର, ଓସ୍ତିଆ ବଜାରରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ବନ୍ୟାପାଣି ଘେରରେ ରହିଛି। କେତେକ ଦୋକାନ ମଧ୍ୟରେ ବନ୍ୟା ପାଣି ପଶିଯିବାରୁ ବହୁ ସାମଗ୍ରୀ ନଷ୍ଟ ହୋଇଛି। ଅନ୍ୟ ପକ୍ଷରେ ବନ୍ୟା ଅଞ୍ଚଳର ନଗଡ଼ ଓ ଓସ୍ତିଆ ନିକଟରେ ବିପନ୍ନ କୁମ୍ଭୀର ଭାସୁଥିବା ଦେଖିଛନ୍ତି। ଏହା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଚଳିତ ବର୍ଷ ମାତ୍ର ୧୫ ଦିନ ମଧ୍ୟରେ ଦୁଇ ଥର ବନ୍ୟା ଆସିବା ଫଳରେ ୩୦ ହଜାର ଲୋକ ବିପନ୍ନ ହୋଇ ପଡିଥିଲେ ମଧ୍ୟ ପ୍ରଶାସନ ବିପନ୍ନଙ୍କ ପାଖରେ ପହଞ୍ଚି ପାରିନି।



## ବ୍ରାହ୍ମଣୀରେ ବନ୍ୟାଜଳ; ବିରୁପାରେ ବନ୍ୟା



ଡେରାବିଶ,୧୬।୮ (ସମିସ): ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ଏହାର ଶାଖାନଦୀ ବିରୁପାରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ଦେଖାଦେଇଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଅଧୀବାସୀ ଭୟଭୀତ ହୋଇଛନ୍ତି। ଅଗଷ୍ଟ ମାସରେ ବିରୁପା ନଦୀରେ ଆସିଥିବା ପ୍ରଥମ ବନ୍ୟାରେ ବ୍ୟାପକ ଫସଲ ଓ ପନିପରିବା ନଷ୍ଟ ହୋଇଯାଇଥିବା ବେଳେ ପୁନର୍ବାର ବିରୁପାରେ ଦ୍ୱିତୀୟ ବନ୍ୟା ପରିସ୍ଥିତି ହେବାକୁ ଯାଉଥିବାରୁ ଏହାକୁ ନଦୀକୂଳିଆ ଅଧୀବାସୀ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ବିଶେଷ କରି ବେଣିପୁର ପଞ୍ଚାୟତ ବେଣିପୁର ଗ୍ରାମର ଚାରୋଟି ୱାଡର୍‌ର ନଦୀକୂଳିଆ ଅଧୀବାସୀ ଘେରିବନ୍ଧ ତଳେ ରହିଥିବାରୁ ସମ୍ପୃକ୍ତ ଗ୍ରାମବାସୀ ବନ୍ୟା ପାଇଁ ଆଶଙ୍କା ଭିତରେ ରହିଛନ୍ତି। ସେହିପରି ମଙ୍ଗଳପୁର ପଞ୍ଚାୟତର ୯ନଂ ୱାଡର୍‌ର ଅଧିବାସୀମାନେ ନଇକୂଳରେ ବାସ କରୁଥିବାରୁ ସେମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଅଛନ୍ତି। ରବିବାର ଦିନ ୩ଟା ସୁଦ୍ଧା ରେଙ୍ଗାଲି ଡ୍ୟାମ ପକ୍ଷରୁ ଦୁଇଟି ଗେଟ୍ ଦେଇ ୩୮୦୯ ଘନ ମିଟର ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସମଲ ବ୍ୟାରେଜରେ ଆଜି ଅପରାହ୍ନ ୪ଟା ସୁଦ୍ଧା ୧୦ଟି ଗେଟ୍ ଦେଇ ୬୪୩୯ ଘନମିଟର ବନ୍ୟାଜଳ ଛଡ଼ାଯାଇଛି। ଏହି ବନ୍ୟାଜଳ ଶାଖାନଦୀ ବିରୁପାର ଡେରାବିଶ ବ୍ଲକ ଅଞ୍ଚଳରେ ପହଞ୍ଚିବାକୁ ୫୦ ଘଣ୍ଟାରୁ ଅଧିକ ସମୟ ଲାଗିବ। ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ଏହି ବନ୍ୟାଜଳ ପହଞ୍ଚିବା ପରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବିରୁପାର ଚନ୍ଦନନଗର ଠାରେ ଆଜି ୪ଟା ସୁଦ୍ଧା ବିପଦ ସଙ୍କେତ ୧୦.୦୫ ଥିବା ବେଳେ ୧୦.୫୬ ମିଟର ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଇନ୍ଦୁପୁର ଠାରେ ବିପଦସଙ୍କେତ ୮.୨୩ ମିଟର ରହିଥିବା ବେଳେ ଆଜି ଦିନ ୪ଟା ସୁଦ୍ଧା ୮.୬୪ ମିଟର ଜଳ ପ୍ରବାହିତ ହେଉଛି। ତେବେ ବିପଦସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ସନ୍ଧ୍ୟା ୫ଟା ସୁଦ୍ଧା ବନ୍ୟାଜଳ ସ୍ଥିର ରହିଥିବା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ସୂଚନା ଦେଇଛନ୍ତି। ବନ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାକେଶ ମଲିକ, ସହକାରୀ ନିର୍ବାହୀଯନ୍ତ୍ରୀ ରାୟ, ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ, ଚନ୍ଦନନଗର ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସାହୁ ଉପସ୍ଥିତ ରହି ଅନୁଧ୍ୟାନ ସମସ୍ତ ସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି।

## ଖରସ୍ରୋତା ଓ କଳଶୀରେ ବନ୍ୟା

ଗୋବିନ୍ଦପୁର,୧୬।୮ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ପୁଣି ବଡ ଧରଣର ବନ୍ୟା ଆସି ଆଳି ବ୍ଲକ ଅନ୍ତର୍ଗତ ଧୋଇଆ ଅଞ୍ଚଳର ଗୋବିନ୍ଦପୁର, ଜୁଆଣିଆ, କେତୁଆପାଳ, ଦେସାହି, ପେତପଡ଼ା, ଡିମିରିପାଳ, ଏରଡଙ୍ଗ, ପାଳିମି, ସମେତ ୧୦ଟି ପଞ୍ଚାୟତର ୫୦ ହଜାର ଲୋକେ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଯାଇଛନ୍ତି। ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ସମସ୍ତ ମୁଖ୍ୟ ରାସ୍ତା ବନ୍ୟା ଜଳରେ ବୁଡ଼ି ଯାଇଛି। ନଦୀର ଜଳ ପତନ ଓ ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବନ୍ୟା ଅଞ୍ଚଳରେ କୁମ୍ଭୀର ଓ ସାପ ଭୟ ଦେଖା ଦେଇଛି। ପାନୀୟ ଜଳ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୃହପାଳିତ ପଶୁ ହନ୍ତସନ୍ତ ହେଉଛନ୍ତି। ଧୋ ୟା ଅଞ୍ଚଳ ରେ କେତେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ମଧୁସୂଦନପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ମାନେ ବିଭିନ୍ନ ସ୍ଥାନ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ସଜାଗ ରହିଛନ୍ତି।

## ଗାଁ ଦାଣ୍ଡରେ ଡଙ୍ଗା ଭରସା



ରାଜକନିକା,୧୬।୮ (ସମିସ): ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ପାର, ରେଙ୍ଗାଲି ଡ୍ୟାମର ଗେଟ ଖୋଲିବାରୁ ଖରସ୍ରୋତାରେ ଭୟଙ୍କର ବନ୍ୟା, ଦୁଇଦିନ ହେଲାଣି ଲଘୁଚାପ ବର୍ଷାରେ ନୟାନ୍ତ ରାଜକନିକା ବ୍ଲକର ଅଧିବାସୀ। ଧୋୟା ଅଞ୍ଚଳରେ ହଜାର ହଜାର ଏକର ଜମିର ଶାରଦ ଧାନର ତଳି, ରୁଆ, ବେଉଷଣ ସବୁ ଧୋଇଯିବା ସହ ଉଜୁଡି ଯାଇଛି ପନିପରିବା ଚାଷ। ଆଜିଠୁ ବନ୍ୟାରେ ପୁଣି ବୁଡ଼ିଲାଣି ଦେଉଳତରା, ଚରପଡା, ବରୁଣା, ବରୁଣାଡିହା, ସିକୋ, ତ୍ରୈଲୋକ୍ୟପୁର, କାଟଣାବଣିଆ, କୋରନ୍ଦ, ନହୁଣୀ, ପେଗରପଡା, ପଧାନପଡା, ବାରହାଦୋମଣ୍ଡା, ହାଟସାହି ଆଦି ପଞ୍ଚାୟତର ଜନଜୀବନ। ଲଘୁଚାପର ଲଗାଣ ବର୍ଷା ଓ ଲଗାତର ବନ୍ୟାରେ ଭୟ ଓ ଆତଙ୍କରେ ରାଜକନିକା ବ୍ଲକର ବୁଡି ଅଞ୍ଚଳ। ଗତ ୩ ଦିନ ହେଲାଣି ବୈତରଣୀ ବନ୍ୟାରେ ବୁଡିଛି କନପୁର ଗାଁ। ସେହିପର ଗୁଣ୍ଠଳ ଗାଁରେ ମଧ୍ୟ ସମାନ ସ୍ଥିତି। ବୈତରଣୀ ନଦୀରେ ୪ର୍ଥ ଥର ବନ୍ୟାରେ ଉବୁଟୁବୁ ହେଉଛି କନପୁର ଗାଁ। ଗତ ୧୪ ତାରିଖ ଅପରାହ୍ନରୁ ଧୀରେ ଧୀରେ ଜଳସ୍ତର ବଢି ଏବେ ଘର ଭିତରେ ୪ ଫୁଟର ବନ୍ୟାପାଣି। ସବୁ ନଳକୂପ ବୁଡିଯିବାରୁ ପିଇବା ପାଣି ପାଇଁ ୧୦୦ ପରିବାର ୫ ଫୁଟ ପାଣିରେ ପଶି ୧ କିମି ଦୂର ଡଙ୍ଗାରେ ଯାଇ ପାଣି ଆଣୁଛନ୍ତି। କୁମ୍ଭୀର ଓ ସାପଙ୍କ ଆତଙ୍କରେ ଭୟଭୀତ ବନ୍ୟାଞ୍ଚଳର ପୀଡିତ ପରିବାର। ଘରେ ପାଣି, ଦାଣ୍ଡରେ ଡ଼ଙ୍ଗା ଚାଲିଛି। ସବୁ ଦେଖିଶୁଣି ପ୍ରଶାସନ ଚୁପ। ବନ୍ୟାରେ ବୁଡ଼ିଥିବା କନପୁର, ଗୁଣ୍ଠଳ, ଗହମପାଳ, ବାଲିସାହି, ସାନହଳପଡା, ବଡ଼ହଳପଡା ୬ ଟି ଗାଁ ର ବନ୍ୟା ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ଫେଲ ମାରିଛି ରାଜକନିକା ବ୍ଲକ ପ୍ରଶାସନ। ବାରହାଦୋମଣ୍ଡା ପଞ୍ଚାୟତର ୩ ଓ ୪ ନମ୍ବର ୱାର୍ଡର ଶହେ ପରିବାର ୪୮ ଘଣ୍ଟା ହେଲାଣି ପୂରା ଜଳବନ୍ଦୀ ହୋଇ ରହିଛନ୍ତି। ପିଇବାକୁ ପାଣି ନାହିଁ, ଖାଇବାକୁ ଦାନା ନାହିଁ, ଗୋରୁ ଭୋକରେ ଆଉଟୁ ପାଉଟୁ। ରାଜକନିକା ବ୍ଲକ ବାରହାଦୋମଣ୍ଡା ପଞ୍ଚାୟତର କାଏମା କନପୁର ଓ ବାରହା କନପୁର ର ୧, ୨, ୩, ୪ନମ୍ବର ୱାର୍ଡର ଅଧିବାସୀ ମାନେ ବୈତରଣୀ ନଦୀ କଡ଼ରେ ଅବସ୍ଥିତି ଯୋଗୁ ଗାଁ ବାହାର ପଟରେ ବନ୍ୟା ଘେରିବନ୍ଧ କରିବାରୁ ପ୍ରତି ଥର ବନ୍ୟାରେ ବୁଡିବା ଯୋଗୁ ଏବେ ବିଦ୍ରୋହୀ ହୋଇ ଘେରିବନ୍ଧ ନଦୀ କଡେ କଡେ ନେବାକୁ ଦାବି କରିବା ସହ ପୁରୁଣା ଘେରି ବନ୍ଧକୁ ଭାଙ୍ଗି ଦେବାକୁ ମଧ୍ୟ ନିଷ୍ପତ୍ତି ନେବାକୁ ପଛାଇବେ ନାହିଁ ବୋଲି ଖୋଲାମେଲା କହିଲେଣି। ରାଜକନିକା ବ୍ଲକର ଏହି ବନ୍ୟାସ୍ଥିତି ବେଶ ଗମ୍ଭୀର ହେଉଥିବା ବେଳେ ଏହି ସବୁ ବନ୍ୟା ଦୁର୍ଗତ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଡ଼ଙ୍ଗା ଯୋଗାଇ ଦେବାର ଆବଶ୍ୟକ୍ୟତା ଥିବାରୁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବନ୍ୟା ଘେରରେ ୩୦୦ଛାତ୍ରଛାତ୍ରୀ

ପଟ୍ଟାମୁଣ୍ଡାଇ,୧୬।୮ (ସମିସ): ବ୍ରାହ୍ମଣୀରେ ୩ୟ ଥର ବନ୍ୟା ଆସିବା ଫଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଠପାଳ ପଞ୍ଚାୟତ କୂଳସାହି ଆଶ୍ରମ ସ୍କୁଲ ବନ୍ୟା ପାଣି ଘେରରେ ରହିଛି। ଏହି ସ୍କୁଲର ତଳ ମହଲାରେ ଥିବା ଶ୍ରେଣୀ ଗୃହ, ଅଫିସ୍ ଗୃହ, ରୋଷେଇଶାଳ ସମେତ ବିଭିନ୍ନ ଘରଗୁଡ଼ିକ ମଧ୍ୟରେ ବନ୍ୟା ପାଣି ପଶି ଯାଇଛି। ଏହି ସ୍କୁଲରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏସସିଏସଟି ପିଲାମାନେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ବ୍ରାହ୍ମଣୀ ନଦୀ କୂଳରେ କୂଳସାହି ଆଶ୍ରମ ସ୍କୁଲ ରହିଛି ଓ ସମ୍ପ୍ରତି ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଥିବାରୁ କୂଳସାହି ଆଶ୍ରମ ସ୍କୁଲରେ ବନ୍ୟା ଜଳ ପ୍ରବେଶ କରିଛି ଓ ବନ୍ୟା ଜଳ ଘେରରେ କୂଳସାହି ଆଶ୍ରମ ସ୍କୁଲ ଥିବାରୁ ଏହି ସ୍କୁଲରେ ପାଠ ପଢୁଥିବା ୩୦୦ ଛାତ୍ରଛାତ୍ରୀ ଜଳବନ୍ଦୀ ହୋଇପଡିଛନ୍ତି। ସ୍କୁଲର କର୍ମଚାରୀ ମାନେ ମଧ୍ୟ ଏଠାରେ ଜଳବନ୍ଦୀ ହୋଇ ରହିଛନ୍ତି। ବର୍ତ୍ତମାନ ସ୍କୁଲର ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ୨ୟ ମହଲାରେ ଆଶ୍ରୟ ନେଇଥିବା ବେଳେ ଭୋକ ଉପାସରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲା ପ୍ରଶାସନର ଅପରିଣାମ ଦର୍ଶିତା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅଗ୍ନିଶମ ବାହିନୀ ସହିତ ଘଟଣା ସ୍ଥଳରେ ବିଳମ୍ବରେ ପହଞ୍ଚିବା ଫଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନିତ ହୋଇପାରି ନାହିଁ। ଏଠାରେ ପ୍ରଖର ସ୍ରୋତ ଥିବାରୁ ଫସିରହିଥିବା ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଉଦ୍ଧାର କରିବା ପାଇଁ ଓଡ୍ରାଫ୍ ଟିମକୁ ଅପେକ୍ଷା କରାଯାଇଛି। ରାତି ହୋଇସାରିଥିବାରୁ ଉଦ୍ଧାର କାର୍ଯ୍ୟକୁ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏଣେ କୁମ୍ଭୀର ଓ ସର୍ପ ଥିବାରୁ ପରିସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଛି।



## ବନ୍ୟା ପରିସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧୬।୮ (ସମିସ): ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି, ପ୍ରଭାବିତ ଅଞ୍ଚଳ, ଉଦ୍ଧାର ଓ ସ୍ଥାନାନ୍ତରଣ, ରିଲିଫ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ବିସ୍ତୃତ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ନିତ୍ୟରଞ୍ଜନ ସାମଲଙ୍କ ସମେତ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାପାଳ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବା ସହ ଯେକୌଣସି ଆକସ୍ମିକ ପରିସ୍ଥିତି ଉପୁଜିଲେ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ପରିମାଣର ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ମହଜୁଦ ରଖିବା, ପାନୀୟଜଳ, ମେଡିକାଲ୍ ଟିମ୍‌ଗୁଡ଼ିକୁ ନିୟୋଜିତ ରଖିବା ଏବଂ ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଗୌରବ ଓ ଉତ୍ସାହର ସହ ପାଳିତ ହେଲା ସ୍ୱାଧୀନତା ଦିବସ

# ତ୍ୟାଗର ସ୍ମୃତିରେ ବିକଶିତ କେନ୍ଦ୍ରାପଡ଼ାର ସଂକଳ୍ପ



କେନ୍ଦ୍ରାପଡ଼ା,୧୬।୮ (ସମିସ): ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ଅସୀମ ସାହସ ଓ ବଳିଦାନକୁ ସ୍ମରଣ କରି ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ କେନ୍ଦ୍ରାପଡ଼ା ଗଠନ ପାଇଁ ନୂଆ ସଂକଳ୍ପ ନେଇ ଉତ୍ସାହ ଓ ଗୌରବର ସହ ପାଳିତ ହୋଇଛି ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଏହି ଗରିମାମୟ ସମାରୋହରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ଚିତ୍ର ଉପସ୍ଥାପନ କରିଥିଲେ ଜିଲ୍ଲାପାଳ।

ଜିଲ୍ଲାସ୍ତରୀୟ ମିଳିତ ପରେଡରେ ୩୫ଟି ଦଳ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ପରେଡର ବିଶେଷ ଆକର୍ଷଣ ଥିଲା ଅଙ୍ଗନବାଡ଼ି କର୍ମୀ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଦଳ। ୮୦ତମ ସ୍ୱାଧୀନତା ଦିବସକୁ ସ୍ମରଣୀୟ କରି ୮୦ ଜଣ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। ଏନ୍‌ସିସି ବରିଷ୍ଠ ବାଳିକା ବର୍ଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଥମ, ଏହି ମହାବିଦ୍ୟାଳୟର ଏନ୍‌ସିସି ବାଳକ ଦଳ ଦ୍ୱିତୀୟ ଏବଂ କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ। ବରିଷ୍ଠ ସାଧାରଣ ଦଳ ବର୍ଗରେ "ମାଇ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍' ପ୍ରଥମ, ଭାରତୀ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ଟିଏସ୍. ଗୁରୁକୁଳ ତୃତୀୟ ହୋଇଥିଲା। କନିଷ୍ଠ ସାଧାରଣ ଦଳ ବର୍ଗରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ଜେନିଥ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲା।

ପରେଡର ବିଚାରକ ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଡିଏସ୍‌ପି ଡିଆଇବି ଲକ୍ଷ୍ମୀନାରାୟଣ ତିୱାରୀ ଏବଂ ଏସି ଏଚ୍‌ଜି ରାମକୃଷ୍ଣ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ସମାରୋହର ଆକର୍ଷଣ ବଢ଼ାଇଥିଲା। ମୁଖ୍ୟ ସମାରୋହ ଶେଷ ହେବା ପରେ ଜିଲ୍ଲାପାଳ ଜିଲ୍ଲା କାରାଗାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସ୍ୱାଧୀନତାର ୮୦ ବର୍ଷର ଏହି ଗୌରବମୟ ଅବସରରେ କେନ୍ଦ୍ରାପଡ଼ା ଯେଉଁ ବିକାଶର ସ୍ୱପ୍ନ ଦେଖୁଛି, ତାହା କେବଳ ସରକାରୀ ପ୍ରକଳ୍ପରେ ସୀମିତ ନ ରହି ପ୍ରତ୍ୟେକ ନାଗରିକଙ୍କ ସହଭାଗିତାରେ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାବଲମ୍ବୀ ଜିଲ୍ଲାରେ ପରିଣତ ହେଉସ୍ୱାଧୀନତା ଦିବସର ଏହି ଆହ୍ୱାନ ହିଁ ସମାରୋହର ମୁଖ୍ୟ ବାର୍ତ୍ତା ପାଲଟିଥିଲା।

ଗରଦପୁର: ଗରଦପୁର ବ୍ଲକରେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଗରଦପୁର ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଆଲୋକ ରଂଜନ ସେଠୀ ଉପସ୍ଥିତ ଥିଲେ। ସେହିପରି ଗରଦପୁର ତହସିଲରେ ତହସିଲଦାର ଅମିତ୍ ହୋତା, ଗରଦପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସବ୍-ରେଜିଷ୍ଟ୍ରାର ସୁମନ୍ତ ସେନାପତି, ସିଡିପିଓ କାର୍ଯ୍ୟାଳୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଲାଛମଣି ମୁର୍ମୁ, ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଡ. ମନୋଜ ଲେଙ୍କା, ପିପୁଲ୍ସ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସୁବାସ ସାମଲ, ପଲ୍ଲିଶ୍ରୀ ମହିଳା ସମିତିରେ ସମାଜସେବୀ ଶାନ୍ତିଲତା ସେନାପତି, ବାସୁଦେବ ଶକ୍ତି ସଦନରେ ପରିଚାଳିକା ସ୍ମୃତିରେଖା ଚୌଧୁରୀ, ପାଟକୁରା ପ୍ରେସ କ୍ଲବ ବରିଷ୍ଠ ସାମ୍ବାଦିକ ବିଚିତ୍ର ମୋହନ ପଟ୍ଟନାୟକ, ବ୍ଲକ୍ ବିଜେପି କାର୍ଯ୍ୟାଳୟରେ ରିଷ୍ଠ ନେତା ପ୍ରସନ୍ନ ପଣ୍ଡା, ଗରଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ଏବଂ ପାଟକୁରା ଥାନାରେ ଥାନାଧିକାରୀ ସୌମ୍ୟରଂଜନ ବିଶ୍ୱାଳ, କୁଦାନଗରୀ ଥାନାରେ ଥାନାଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ଲୋକନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିଜୟ କୁମାର ନାୟକ, କୋରୁଆ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅମୀୟ ରଂଜନ ବେହେରା, ଚିତ୍ରୋତ୍ପଳା ମହିଳା ସ୍ନାତକ ମହାବିଦ୍ୟାଳୟ, କୋରୁଆରେ ଅଧ୍ୟକ୍ଷ ଡ. ବସନ୍ତ ବେଦବ୍ରତ, ମାନବ ସମ୍ବଳ ବିକାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପଣ୍ଡା, ଦିବ୍ୟ ଜ୍ୟୋତି ବିଦ୍ୟା ମନ୍ଦିରରେ ପୂର୍ବତନ ଅଧ୍ୟକ୍ଷ ଭିକାରୀ ଚରଣ ଜେନା, ପିଏମଶ୍ରୀ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମଲ୍ଲ, ଚିତ୍ରୋତ୍ପଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରୁଆରେ ପ୍ରଧାନଶିକ୍ଷକ ନୃସିଂହ ଚରଣ ସ୍ୱାଇଁ, ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରୀନାବାଳା ମହାନ୍ତି, ହୁରାସାହି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ନାୟକ ପତାକା ଉତ୍ତୋଳନ କରିଥିଲେ। ପରିବେଶ ଅନୁଷ୍ଠାନ ଗ୍ରୀନ ଡେଭେଲପମେଣ୍ଟ୍ ଫା ଉ ଣ୍ଡେ ସ ନ ରେ ପ୍ରକୃତିବନ୍ଧୁ ସନ୍ତୋଷ ଜେନା, ଜ୍ଞାନଦେବୀ ନର୍ସିଂ ସ୍କୁଲ୍‌ରେ ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶିଶିର କୁମାର ରାଉତରାୟ, ଅନନ୍ତ ତୁଳସୀ ପରିବେଶ ସୁରକ୍ଷା ପରିଷଦରେ ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି, ସେହ୍ନ ସାମାଜିକ ଅନୁଷ୍ଠାନରେ ରମାକାନ୍ତ ସ୍ୱାଇଁ, ନଡିଆବରାଇ ସରସ୍ୱତୀ ଶିଶୁ ମନ୍ଦିରରେ ସଂପାଦକ ନୃସିଂହ ମହାନ୍ତି, ନଡିଆବରାଇ ସେବା ସମବାୟ ସମିତିରେ ସଭାପତି ପ୍ରମୋଦ ମହାପାତ୍ର, ବସନ୍ତପୁର ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟରେ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି, କୋରୁଆ ସତ୍‌ସଙ୍ଗ ବିହାରରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ କୁମାର ସ୍ୱାଇଁ, ସାପ୍ତାହିକ ସମ୍ବାଦପତ୍ର ଉଦ୍ଦେଶ୍ୟ ଓ ସାଉଁଟାଫୁଲ କାର୍ଯ୍ୟାଳୟରେ ପରିକ୍ଷିତ ଚନ୍ଦ୍ର ନାୟକ, କାର୍ତ୍ତିକ ନାୟକ ସ୍ମୃତି ପାଠାଗାରରେ ଉର୍ମିଳା ସ୍ୱାଇଁ, ପାଖଡ ଦିବ୍ୟଶକ୍ତି ପାଠାଗାରରେ ପରିକ୍ଷିତ ଦାଶ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାଛଡା ବ୍ଲକରେ ଥିବା ମହାବିଦ୍ୟାଳୟ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ସରସ୍ୱତୀ ଶିଶୁମନ୍ଦିର, ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଭାରତମାତା, ମହାତ୍ମା ଗାନ୍ଧୀ ଇତ୍ୟାଦି ବେଶ ହୋଇ ଜାତୀୟ ପତାକା ଧରି ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହିତ ପ୍ରଭାତ ଫେରି ରାଲିରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସେହିପରି ସମସ୍ତ ପଞ୍ଚାୟତରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିବାବେଳେ ଜନସେବା କେନ୍ଦ୍ର, ବିଭିନ୍ନ ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯୁବକ ସଂଘ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବ୍ୟବସାୟିକ ପ୍ରତିଷ୍ଠାନରେ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା।




## ଶଶିକାନ୍ତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ଡେରାବିଶ,୧୬।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ନରଣପଡ଼ା ଗ୍ରାମରେ ଗତ ଜୁଲାଇ ମାସ ୫ ତାରିଖ ସନ୍ଧ୍ୟାରେ ପ୍ରଦିପ୍ତ କିଶୋର ଦାଶ ଓ ତାଙ୍କ ପୁଅ ନିଳାଦ୍ରୀ ଦାଶଙ୍କ ଶାବଳ ଆକ୍ରମଣରେ ଗ୍ରାମର ଶଶିକାନ୍ତ ଦାଶଙ୍କ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୮ ତାରିଖରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଚହଳ ପକାଇଥିବା ବେଳେ ପୋଲିସ୍ ଆକ୍ରମଣକାରୀ ପ୍ରଦିପ୍ତଙ୍କୁ ଗିରଫ କରିଥିଲା ବେଳେ ମୁଖ୍ୟ ଅଭିଯୁକ୍ତ ପୁଅ ନିଳାଦ୍ରୀ ଗତ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପୋଲିସ୍ ଆଖିରୁ ଧୁଳିଦେଇ ଫେରାର ହୋଇ ବୁଲୁଥିଲା। ହେଲେ ଆଜି ସଦର ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମୁଖ୍ୟ ଅଭିଯୁକ୍ତ ନିଳାଦ୍ରୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। )

● ମହିଳା ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣା

## କାର୍ଯ୍ୟାନୁଷ୍ଠାନ ପାଇଁ କର୍ମଚାରୀ ସଂଘର ଦାବି

ଡେରାବିଶ,୧୬।୮ (ସମିସ): ଡେରାବିଶ ବ୍ଲକରେ କାର୍ଯ୍ୟରତ ଥିବା ମହିଳା ବିଡିଓ ନମିତା ବାରିକଙ୍କୁ ଗତ ଶୁକ୍ରବାର ଅପରାହ୍ନରେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକ ମାନେ ଅଚାନକ ଧସେଇ ପଶିବା ଓ ମହିଳା ବିଡିଓଙ୍କୁ ଦୁର୍ବ୍ୟବହାର ସହ ଅଶାଳୀନ ଭାଷାରେ ମନ୍ତବ୍ୟ ଦେବା ଘଟଣାରେ ବିଡ଼ିଓ ଶ୍ରୀମତୀ ବାରିକ ନିଜ ଚେୟାରରେ ଅଚେତ ହୋଇପଡ଼ିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏହି ଘଟଣାଟି ନେଇ ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଓ ବ୍ଲକ କର୍ମଚାରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଥିଲା। ତେବେ ଶନିବାର ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଏହି ଅଭିଯୋଗରେ ବିଡ଼ିଓଙ୍କ ଚାମ୍ବର ଭିତରକୁ ବିନା ଅନୁମତିରେ ଉମାକାନ୍ତ ଓ ତାଙ୍କ ସମର୍ଥକ ଧସେଇ ପଶି ଜଣେ ମହିଳା ଅଧିକାରୀଙ୍କୁ ଅଶାଳୀନ କଟୁମନ୍ତବ୍ୟ ଦେବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି। ଏଭଳି ଆତଙ୍କରାଜକୁ ନେଇ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବ୍ଲକର ସମସ୍ତ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି। ତୁରନ୍ତ ଏ ଦିଗରେ ଆଇନଗତ ପଦକ୍ଷେପ ନେବାକୁ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏଥିସହିତ ଏହାର ଏକକିତା ନକଲ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯିବା ସହ କେନ୍ଦ୍ରାପଡ଼ା ସଦର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ତେବେ ବିଡ଼ିଓ ଅସୁସ୍ଥ ଥିବାରୁ ବ୍ୟକ୍ତିଗତ ଭାବେ କୌଣସି ଅଭିଯୋଗ କରିନଥିବା ଜଣାଯାଇଛି।

ସକାଳ THE SAKALA



www.sakalaepaper.com

## ଆନନ୍ଦପୁର ରିଂରୋଡରେ ଘାଇହେବା ଘଟଣା

# ଜଳସମ୍ପଦ ବିଭାଗ ନାମରେ ଏତଲା

ଆନନ୍ଦପୁର,୧୬।୮ (ସମିସ)




ବୈତରଣୀ ନଦୀର ଉପରେ ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରି ଜୁଲାଇ ୨୮ ତାରିଖ ବିଳମ୍ବିତ ରାତିରେ ଆନନ୍ଦପୁର ରିଂରୋଡରେ ୫୦ ଫୁଟରୁ ଅଧିକ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପୌରାଞ୍ଚଳର ୩ଟି ୱାର୍ଡ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘାଇରେ ଗାଡ଼ି ଭାସିଯାଇ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପ ଗୁରୁତର ହୋଇଥିଲେ। ଏହି ଘଟଣା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହେବାସହ ଚଳିତ ବୈତରଣୀ ବନ୍ୟା ପ୍ରଥମ ମୁଣ୍ଡ ନେଇଥିଲା। ବନ୍ଧ ଭାଙ୍ଗିବା ପରେ ଏକପ୍ରକାର ସ୍ପଷ୍ଟ ହୋଇଛି ଯେ, କେବଳ କାଗଜପତ୍ରରେ ନଦୀ ବନ୍ଧ ମରାମତି ହେଉଥିଲା ବୋଲି ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଏନେଇ ଆନନ୍ଦପୁର ଥାନାରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଏତଲା ଦେଇ ଶ୍ରୀ ସାହୁ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଜୁଲାଇ ୨୮ ତାରିଖ ବନ୍ଧ ଭାଙ୍ଗିବା ପରେ ବିଭାଗ ଏହାର ମରାମତି ପାଇଁ ଆଦୌ ତତ୍ପର ନ ଥିଲା। ଅଗଷ୍ଟ ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ୭ ଦିନ ମଧ୍ୟରେ ଏହାର ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଘାଇସ୍ଥଳ ପରିଦର୍ଶନ କରି ତୁରନ୍ତ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଗତ ୫ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତୁରନ୍ତ ଘାଇ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ଘଟିବାର ୧୫ ଦିନ ପରେ ଘାଇ ମରାମତି ହୋଇ ନଥିବା କାରଣରୁ ଗତ ୧୩ ତାରିଖ ରାତି ୭ଟା ପରେ ପୁଣି ଆନନ୍ଦପୁର ସହରକୁ ବନ୍ୟା ପାଣି ପଶିଥିଲା। ଏଥିରେ ଦ୍ୱିତୀୟ ଥର ଧନ, ସମ୍ପତି ନଷ୍ଟ ହୋଇଥିଲା। ଶାସକ ଗୋଷ୍ଠି ନେତା ଙ୍କ ପ୍ରରୋଚନା ରେ ଦଳୀୟ କର୍ମୀଙ୍କ ଦ୍ୱାରା ଘାଇ ମରାମତି ମହଙ୍ଗା ପଡିଲା ଏବଂ ଏହି ଘାଇ ବିଭାଗୀୟଅଧିକାରୀ କୃତ ବୋଲି ଶ୍ରୀ ସାହୁ କଟାକ୍ଷ କରି କହିଛନ୍ତି। ପୌରାଂଚଳର ଯେଉଁ ୩ଟି ୱାର୍ଡ ଏହି ଘାଇ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ବିଭାଗୀୟ ଅଧିକାରୀଙ୍କୁ ମୌସୁମୀ ଆସିବା ଓ ବନ୍ୟା ସମ୍ପର୍କରେ ଢେର୍ ପୂର୍ବରୁ ସୂଚନା ଥିଲା। ତେବେ କାର୍ଯ୍ୟରେ ଅବହେଳା ଓ ସୂଚନାକୁ ଅଣଦେଖା କରିବା ଯୋଗୁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ଧର ସୁରକ୍ଷା କଥା ଚିନ୍ତା ନକରି କାର୍ଯ୍ୟରେ ଅବହେଳା କରିଥିବାରୁ ଅଭିଯୁକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି। ନିଜେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ୭ ଦିନର ମହଲତ ନେଇଥିବା ବେଳେ କାର୍ଯ୍ୟ ଆଶାନୁରୂପକ ଭାବେ ଆରମ୍ଭ ହୋଇ ନଥିଲା। ଯେଉଁଥିପାଇଁ ପୁନର୍ବାର ଏଭଳି ଅବସ୍ଥା ଆନନ୍ଦପୁର ସହରବାସୀଙ୍କୁ ଭୋଗିବାକୁ ପଡ଼ିଲା। ଅପରପକ୍ଷରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ଅମାନ୍ୟ କରିବା ସେମାନଙ୍କ ପାରିବାପଣିଆକୁ ପଦାରେ ପକାଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ମୋରଡା,୧୬।୮ (ସମିସ): ଲଗାଣ ବର୍ଷାରେ ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକର ବହୁ ଲୋକଙ୍କ ଘରେ ପାଣି ପଶି ଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୋରଡା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପୂର୍ବତନ ବିଧାୟକ ରାଜକିଶୋର ଦାସ ମୋରଡା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ହଳଦୀପାଳ ପଞ୍ଚାୟତର ସମାଇଡ଼ିହିରେ ବହୁ ପରିବାର କେନାଲ ପାଣି ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ରାସ୍ତାରେ ପାଲ ଟାଙ୍ଗି ରହିଥିଲେ। ଶ୍ରୀ ଦାସ ସମାଇଡ଼ିହି ଗାଁକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବାବେଳେ ବିଡିଓଙ୍କୁ କହି ରନ୍ଧା ଖାଦ୍ୟ ଯୋଗାଇଛନ୍ତି। ଶ୍ରୀ ଦାସ ଙ୍କ ସହିତ କ୍ଷିତୀଶ ମହାନ୍ତ, ରାମାଇ ମାରାଣ୍ଡି, ଅମ୍ବୁଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କର୍କଟ ରୋଗୀଙ୍କ ପାଇଁ ପ୍ଲେଟଲେଟ ଦାନ

ବାରିପଦା, ୧୬।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସେ ନିଜର ପ୍ଲେଟଲେଟ ଦାନ କରିଛନ୍ତି। ଡଃ ନିର୍ମଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବେଧାନରେ ସୌଭାଗ୍ୟ ମଞ୍ଜରୀ ଦ୍ୱିବେଦୀଙ୍କ ଦ୍ୱାରା ଏହି ପ୍ଲେଟଲେଟ ସଂଗ୍ରହ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଏ ସମୟରେ କଟକର ବିଶିଷ୍ଟ ସମାଜସେବୀ ଲଳିତ ରାୟ, ଦେବୀ ପ୍ରସନ୍ନ ଜେନା ଓ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଡଃ ପୋଥାଳଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ। ଡଃ ପୋଥାଳ ପୂର୍ବରୁ ବହୁବାର ବାରିପଦାରୁ କଟକ ଓ ଭୁବନେଶ୍ୱର ଆସି ଡେଙ୍ଗୁ, କ୍ୟାନ୍ସର ଓ ବୋନ୍-ମେରୋ ରୋଗରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କ ପାଇଁ ନିୟମିତ ଭାବେ ପ୍ଲେଟଲେଟ ଓ ରକ୍ତ ଦାନ କରିଆସୁଛନ୍ତି।




## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ



ରାସଗୋବିନ୍ଦପୁର, ୧୬।୮ (ସମିସ): ଲଗାଣ ବର୍ଷା ଓ ବନ୍ୟାରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ରବିବାର ଅପରାହ୍ନରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ପ୍ରଥମେ ମୋରଡ଼ା ନିର୍ବାଚନମଣ୍ଡଳୀର ମୋରଡ଼ା ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରିବା ପରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚିଥିଲେ। ସାନନଦୀର ବନ୍ୟାରେ ପ୍ରଭାବିତ ସାରୁମୂଳ, ପାରୁଳିଆ, ପୁରୁଣାପାଣି, ରାଇଡିହା, ଚିଙ୍ଗଡ଼ାବନ୍ଧ ଗୋବରା ଓ ପରମା ଖାଲ ଅଞ୍ଚଳର ସମେତ ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଥିଲେ।"ସେହିପରି ଜାମ୍ବୀରା ନଦୀର ବନ୍ୟା ଯୋଗୁଁ ପ୍ରଭାବିତ ରାଘବପୁର ପଞ୍ଚାୟତର ଏକତାଲି, ଭଇରଙ୍ଗୀ, ତୁଟାପଡ଼ା ପଞ୍ଚାୟତର ହାଣ୍ଡିଧୁଆ, ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ଓ ଖୁଣ୍ଟାପାଳ ପଞ୍ଚାୟତର ଗମ୍ଭାରିଆ ଆଦି ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ଅବସରରେ ବନ୍ୟାରେ କ୍ଷତିଗ୍ରସ୍ତ ପରିବାର ଓ ସ୍ଥାନୀୟ ଲୋକଙ୍କ ସହ ମନ୍ତ୍ରୀ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ସହ ବନ୍ୟାରେ ଭାଙ୍ଗିଯାଇଥିବା ଘାଇ ଓ ରାସ୍ତାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ବୋଲି ସେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ସମୟରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସଙ୍କ ସମେତ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ରାସ୍ତାଘାଟ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ମନ୍ତ୍ରୀ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଉଦଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ବାଲିଆପାଳଠାରୁ ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଦାବି




ଉଦଳା,୧୬।୮ (ସମିସ): ବାଲିଆପାଳଠାରୁ ବିଜୟୱାଡ଼ା ୧୦୫୦ କିମି ନୂତନ ରେଳପଥ ନିର୍ମାଣ ନିମନ୍ତେ ଆଜି ଉଦଳା ବିଜୁ ଜନତା ଦଳ ପକ୍ଷରୁ ଉଦଳା ବିଜୁ ଜନତା କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସରେନଙ୍କ ନେତୃତ୍ୱରେ ହୋଇଥିବାବେଳେ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ରେଳପଥ ଓଡ଼ିଶାର ବାଲିଆପାଳଠାରୁ ଭାୟା ବସ୍ତା, ହରିପୁର, ମେରଦା, ବେତନଟୀ, ବଡ଼ସାହି, ଉଦଳା, କପ୍ତିପଦା, ଶରତ, ଦେିତାରୀ, ଘଟଗାଁ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡ୍ଡୁ, ଟି. ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ନେଇ ସରକାରଙ୍କ ଦୃଷ୍ଟି ଗୋଚର କରିବା ସହିତ କେମିତି ସମ୍ଭବପର ହେଇପାରିବ ଆଲୋଚନା କରାଯାଇଥିଲା। ଉକ୍ତ ରେଳପଥ ଦ୍ୱାରା ଆମ ରାଜ୍ୟ ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ୍ ନ ଥିବା ଦୁର୍ଭାଗ୍ୟଜନକ। କେନ୍ଦ୍ରୀୟ ଓଡ଼ିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ର କୂଳ)ଠାରୁ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇଆଇଟି, ଏଆଇଆଇଏମଏସ, ଇଂଜିନିୟରିଂ କଲେଜ, ସରକାରୀ ଓ ବେସରକାରୀ +୨, +୩ କଲେଜ, ବିଶ୍ୱବିଦ୍ୟାଳୟ, ଡିପ୍ଲୋମା, ନର୍ସି କଲେଜ, ଜଙ୍ଗଲଜାତ ଦ୍ରବ୍ୟର ବଜାର, ପାହାଡ଼ ପର୍ବତମାଳା, ଝରଣା, ଖଣି, ପାଣି, ଜଙ୍ଗଲ, ବନ୍ଦର, ବିମାନ ବନ୍ଦରର ସଂଯୋଗ, ଛୋଟ ବଡ଼ ସହର ଗଢି ଉଠିବା, ଅଭୟାରଣ୍ୟ, ଜୀବ ସଂରକ୍ଷଣ ବ୍ୟବସ୍ଥା, ଜଳ ପ୍ରପାତ, ଜଳ ଭଣ୍ଡାର, ଗମନାଗମନର ସୁବିଧା ଓ ସୁଯୋଗ ସୃଷ୍ଟି ହେବ। ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେବ। ତେଣୁ ବାଲିଆପାଳରୁ ବିଜୟୱାଡା ରେଳ ଲାଇନ ନିର୍ମାଣ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

## ବନ୍ୟାଞ୍ଚଳରେ ଇନରହୁଇଲ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟନ

ବାରିପଦା, ୧୬।୮ (ସମିସ): ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ବାରିପଦା ସହରାଞ୍ଚଳର ତଳି ଅଞ୍ଚଳରେ ବାରିପଦା ଇନରହୁଇଲ କ୍ଲବ ସଦସ୍ୟା ପ୍ରଶାସନ ସହଯୋଗର ରନ୍ଧା ଖାଦ୍ୟ ସହ ପାଉଁରୁଟି, ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଥିଲେ। ସଭାପତି ସୁପ୍ରୀତି ଦଳବେହେରାଙ୍କ ନେତୃତ୍ୱରେ ସଂପାଦିକା ସଂଯୁକ୍ତା ଚାନ୍ଦ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, ଉପସଭାପତି ନର୍ମଦା ନାୟକ, ଦୁର୍ଗାବତୀ ମହାପାତ୍ର, ପ୍ରାକ୍ତନ ସଭାପତି ପ୍ରଭାତି ମହାପାତ୍ର, ସଂଯୁକ୍ତା ଦାଶ, ସୁମନ ଅଗ୍ରୱାଲ, କବିତା ଦାସ ପ୍ରମୁଖ ଦେଉଳସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ବଣ୍ଟନ କରିଥିଲେ।



## ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ ବଣ୍ଟନ



ତୁରୁମୁଙ୍ଗା,୧୬।୮ (ସମିସ): ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳର ମଙ୍ଗଳପୁର, ଏରେଣ୍ଡେଇ ଓ କୁଆପଶି ଗ୍ରାମରେ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ଅନୁକମ୍ପା ଆପ୍ ମାଧ୍ୟମରେ ହାତୀପଲଙ୍କ ଦ୍ୱାରା ହୋଇଥିବା ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରାଯାଇଛି। ହାତୀ ଉପଦ୍ରବ ଅଞ୍ଚଳରେ ରାତି ସମୟରେ ଲୋକଙ୍କ ସୁରକ୍ଷା ପାଇଁ ଟର୍ଚ୍ଚ ଲାଇଟ୍ ଯୋଗାଇଦେବା ଦାବିରେ ଗତ ଶୁକ୍ରବାର ଉତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ସେତେବେଳେ ବନ ବିଭାଗ ପକ୍ଷରୁ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ରବିବାର କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଛି। ସେହିପରି ହାତୀ ଆକ୍ରମଣରେ ରଜନୀ ମହାରଣାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ତାଙ୍କୁ ଆଶ୍ରୟ ପାଇଁ ବନ ବିଭାଗ ପକ୍ଷରୁ ପଲିଥିନ୍ ପ୍ରଦାନ କରାଯାଇଛି। ସାଂସଦ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ସହାୟତା ପ୍ରଦାନ କରାଯାଇଥିଲା। ପାଟଣା ବନପାଳ ନିରଞ୍ଜନ ସେଠୀ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଗୋରାଣ୍ଡିଯୋଡି ବନରକ୍ଷୀ ସାଗରିକା ବେଜ୍ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରିଥିଲେ। ହାତୀ ଉପଦ୍ରବ ଯୋଗୁଁ ଭୟଭୀତ ହୋଇ ରହୁଥିବା ଗ୍ରାମବାସୀଙ୍କ ସୁରକ୍ଷା ଓ ରାତ୍ରିକାଳୀନ ଯାତାୟାତରେ ଏହି ଟର୍ଚ୍ଚ ଲାଇଟ୍ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବିପଦ ସଙ୍କେତ ଉପରେ ଜମ୍ବୀରା ନଦୀ

# ପୁଣି ବନ୍ୟା ଆଶଙ୍କା, ଆତଙ୍କିତ ତଳି ଅଞ୍ଚଳବାସୀ



ରାସଗୋବିନ୍ଦପୁର,୧୬।୮ (ସମିସ): ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ପ୍ରବାହିତ ଜମ୍ବୀରା ନଦୀର ଜଳସ୍ତର ପୁଣି ବିପଦ ସଂକେତ ଉପରରେ ପ୍ରଭାବିତ ହେଉଛି। ମାଥାନୀଠାରେ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ଖବର ମିଳିବା ପରେ ନଦୀକୂଳ ଓ ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି। ଗତ ୧୩ ତାରିଖରେ ଜମ୍ବୀରା ନଦୀରେ ଆସିଥିବା ବନ୍ୟା ପରିସ୍ଥିତିରୁ ଲୋକେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୁକୁଳି ପାରିନଥିବା ବେଳେ ପୁଣି ଲଗାଣ ବର୍ଷା ଆରମ୍ଭ ହୋଇଛି। ଫଳରେ ତଳି ଅଞ୍ଚଳବାସୀ ପୁଣି ଏକ ବଡ଼ ବନ୍ୟାର ଆଶଙ୍କାରେ ପ୍ରମାଦ ଗଣୁଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବ ସୂଚନା ଜାରି ହୋଇଥିବା ବେଳେ ରାସଗୋବିନ୍ଦପୁର ଅଞ୍ଚଳରେ ମଧ୍ୟ ତୁହାକୁ ତୁହା ବର୍ଷା ଲାଗିରହିଛି। ଏହି ବର୍ଷା ଜାରି ରହିଲେ ଜମ୍ବୀରା ନଦୀର ଜଳସ୍ତର ଆହୁରି ବଢ଼ି ଆଉ ଏକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ, ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ବିଡିଓ ଅନନ୍ତ ହାଁସଦା ସୂଚନା ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତଳି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା କୁହାଯାଇଛି। ଜମ୍ବୀରା ନଦୀର ଜଳସ୍ତର ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ବେଳେ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

## ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା,୧୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିଶ୍ରାନ୍ତ ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ମାଟି ଓ ଟାଇଲି ଘର ଭାଙ୍ଗିବା ସହବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମର ନୀର ମହାନ୍ତଙ୍କ ଟାଇଲ ଘରଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ମୁରୁସୁଆଁ ପଞ୍ଚାୟତ ଅନ୍ତର୍ଗତ ଡେଣୁଆଁ ଗ୍ରାମର ସୁରେଶ ମାଟିଆଙ୍କ ଗୁହାଳ ଘରଟି ମଧ୍ୟ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ପାଟଣା ତହସିଲ ଅଞ୍ଚଳରେ ସମୁଦାୟ ୧୮ ଟି ଘର ଭାଙ୍ଗିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ଜାରି ରହିଥିବା ସହ ଆସନ୍ତା କାଲି କେନ୍ଦୁଝର ଜିଲ୍ଲାକୁ ପ୍ରବଳ ବର୍ଷା ହେବାନେଇ ପାଣି ପାଗ ବିଭାଗ ପକ୍ଷରୁ ରେଡ଼ ୱାର୍ଣ୍ଣିଂ ଜାରି କରାଯାଇଥିବାରୁ ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଘରବାଡ଼ି ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ସମସ୍ତ ପ୍ରକାର ସ୍ଥିତି ପାଇଁ ପ୍ରଶାସନ ସଜାଗ ହେବା ସହ ଲୋକଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛି।



## ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ସ୍ମୃତିସଭା



ତୁରୁମୁଙ୍ଗା,୧୬।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ରବିବାର ତୁରୁମୁଙ୍ଗାସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଉପସ୍ଥିତ ନେତା ଓ କର୍ମୀମାନେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମାଜସେବୀ ଅନିଲ ଚାୱାଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଜେପି କର୍ମୀ ଯୋଗଦେଇଥିଲେ।

## ବିଶୋଇ ବଜାରରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ

ବିଶୋଇ,୧୬।୮ (ସମିସ): ବିଶୋଇ ପଞ୍ଚାୟତ କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ଓ କାଦୁଆଣି ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ ସହିତ ଏହାର ଶୁଭ ଉଦଘାଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ଦିବସ ଅବସରରେ ବିଶୋଇ ବଜାରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶୋଇ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତରେ ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି ଏହି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ସୁଇଚ ଟିପି ଏହାର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବରିଷ୍ଠ ଆଇନଜିବୀ ସଞ୍ଜୀବ ମାହାନ୍ତି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ସମେତ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଜନ ସାଧାରଣ ଉପସ୍ଥିତ ଥିଲେ। ବିଶୋଇ ବଜାରକୁ ସମ୍ପୂର୍ଣ୍ଣ ଆଲୋକୀକରଣ କରିବା ପାଇଁ ଜନସାଧାରଣଙ୍କ ବହୁତ ଦିନର ଦାବି ରହି ଆସୁଥିବାବେଳେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡିଙ୍କ ଉଦ୍ୟମକ୍ରମେ ପଞ୍ଚାୟତ ପାଣ୍ଠି ବିନିଯୋଗରେ ଏହି ଆଲୋକୀକରଣ ବ୍ୟବସ୍ଥା ସମ୍ଭବ ହୋଇପାରିଛି। ଏହି ପ୍ରକଳ୍ପରର ବିଶୋଇ ବଜାର, ବିଶୋଇ ବଜାର ଠାରୁ ବିଶୋଇ ଗାଁ ମିନି ଷ୍ଟାଡିୟମ ଏବଂ ଆଦର୍ଶ ଗ୍ରାମ ମାନ୍ୟତା ପାଇଥିବା କାଦୁଆଣି ଗ୍ରାମରେ ଷ୍ଟ୍ରିଟ ଲାଇଟ ଦ୍?ାରା ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତର ଅନ୍ୟ ଗ୍ରାମ ରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯିବ ବୋଲି ସରପଞ୍ଚ କହିଛନ୍ତି।



# ବଉଳା ନାଳ ଉପରେ ବାଉଁଶ ପୋଲ ନିର୍ମାଣ କଲେ ଗାଁ ଯୁବକ

ହାଟଡ଼ିହୀ,୧୬।୮ (ସମିସ)

## ପୋଲ ନିର୍ମାଣ କରିବାରେ ଫେଲ୍ ମାରିଲା ପ୍ରଶାସନ



ଦୀର୍ଘମାସ ବିତିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ବଉଳା ନାଳ ଉପରେ ପୋଲଟିଏ ନିର୍ମାଣ ହୋଇ ନ ପାରିବାରୁ ମଲ୍ଲିପଶି ଓ ବଉଳା ଗାଁର ଉଭୟ ଯୁବଗୋଷ୍ଠୀ ମିଶି ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ପ୍ରଶାସନର ଅବହେଳାକୁ ନିନ୍ଦା କରିଛନ୍ତି। ପ୍ରତିବର୍ଷ ଏହି ବର୍ଷାଋତୁରେ ବଉଳା ନାଳ ଜଳପୂର୍ଣ୍ଣ ହୋଇଯାଏ। ବଢ଼ିଲା ନାଳରେ ପଶି ଯା'ଆସ କରିବାରେ ଗାଁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିଥା'ନ୍ତି। ନାଳ ଉପରେ ପୋଲ ନିର୍ମାଣ ପାଇଁ ଗତ ଦୁଇବର୍ଷ ପୂର୍ବରୁ ଟେଣ୍ଡର ସରିଥିଲେ ସୁଦ୍ଧା ବନବିଭାଗର ଅନୁମତି ଅଭାବରୁ ତାହା ନିର୍ମାଣ ହୋଇପାରୁନି। ଯାହାକି, କେନ୍ଦୁଝର ଜିଲ୍ଲାର ମଲ୍ଲିପଶି ଓ ମୟୁରଭଞ୍ଜ ଜିଲ୍ଲାର ବଉଳା ଗାଁ ଲୋକେ ବିଶେଷ ଭାବେ ହଇରାଣ ହେଉଛନ୍ତି। ହାଟଡ଼ିହୀ ବ୍ଲକର ଶେଷସୀମାରେ ରହିଥିବା କେ.ବାଲିପାଳ ପଞ୍ଚାୟତର ଅପହଞ୍ଚ ଇଲାକାରେ ଏହି ମଲ୍ଲିପଶି ଗାଁ ଅବସ୍ଥିତ। ସେଠାକୁ ଯିବା ହେଲେ ଭଲ ରାସ୍ତାଟିଏ ନ ଥିବାବେଳେ ବିନା ପୋଲର ବଉଳା ନାଳ ଗାଁ ଲୋକଙ୍କ ପାଇଁ ଅସୁବିଧାର ମୁଖ୍ୟ କାରଣ ସାଜିଛି। ଏହି ମଲ୍ଲିପଶି ଗାଁରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନେ କୌଣସି କାର୍ଯ୍ୟନେଇ ନିଜ ପଞ୍ଚାୟତ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ଚାହିଁଲେ ବାମପାଶ୍ୱର୍ରେ ରହିଥିବା ବଉଳା ନାଳ ଏବଂ ଦକ୍ଷିଣ ପାଶ୍ୱର୍ରେ ମାଟିଆଚୁଆ ନାଳ ସେମାନଙ୍କ ଦୁଃଖର କାରଣ ସାଜିଛନ୍ତି। ଜରୁରୀକାଳୀନ ସ୍ଥିତିରେ ରୋଗୀକୁ ମେଡିକାଲ ନେବା ପାଇଁ ନାଳ ପାର କରି ଖଟିଆ ସାହାଯ୍ୟରେ ବୁହା ହୋଇ ଭଲ ରାସ୍ତାଯାଏଁ ନିଆ ହୋଇଥାଏ କ୍ଷ ଜଙ୍ଗଲିଆ ରାସ୍ତାରେ ଜୀବଜନ୍ତୁଙ୍କ ଭୟ ଲାଗି ରହୁଥିବା ବେଳେ ଏଭଳି ଦୁଃଖ ସେମାନଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଏଭଳି ଅସୁବିଧାକୁ ଲକ୍ଷ୍ୟକରି ଉଭୟ ଜିଲ୍ଲାର ଗାଁ ଯୁବଗୋଷ୍ଠୀଙ୍କ ମଧ୍ୟରେ କାହ୍ନୁ କଶିମାଳ, ପଦ୍ମଲୋଚନ ବିନିଶିଆ, ବାପି ନାଏକ, ଦେବ ବିନିଶିଆ, ଆଦିତ୍ୟ ବିନିଶିଆ, ବନ୍ଧୁଆ ନାଏକ, ସତ୍ୟବାନ ବିନିଶିଆଙ୍କ ସମେତ ଗାଁର ଅନ୍ୟ ଯୁବକମାନେ ଏହି ବଉଳା ନାଳ ଉପରେ ବାଉଁଶ ଦ୍ୱାରା ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ସେମାନଙ୍କ ପ୍ରତି ପ୍ରଶାସନର ଅବହେଳାକୁ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ଘୋର ନିନ୍ଦା କରିଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଏହି ନାଳ ଉପରେ ପୋଲଟିଏ ନିର୍ମାଣ ନହେଲେ ଭୋଟ୍ ବର୍ଜନ ଭଳି ନିଷ୍ପତ୍ତି ଗ୍ରହଣ କରିବାକୁ ସେମାନେ ବାଧ୍ୟ ହେବେ ବୋଲି କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୮ - ହାୱାଇରେ ପ୍ରଥମ ବ୍ୟାଙ୍କ ଖୋଲାଗଲା।
- ୧୯୧୭- ଇଟାଲୀ ତୁର୍କୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୮ - ତିନିଜଣ ଆମେରିକୀୟ ହଟ୍ ଏୟାର୍ ବେଲୁନ୍‌ରେ ଆଟ୍‌ଲାଣ୍ଟିକ୍ ସାଗର ପାର୍ ହେଲେ।
- ୧୯୮୨- ସର୍ବପ୍ରଥମେ ଜର୍ମାନୀରେ ସିଡି କମ୍ପାକ୍ଟ ଡିସ୍କ ଉପଲବ୍ଧ ହେଲା।
- ୧୯୯୩- ପ୍ରଥମ ଥର ସାଧାରଣ ଲୋକଙ୍କୁ ବକିଂହାମ୍ ପ୍ୟାଲେସ୍ ଭିତରକୁ ଯିବା ପାଇଁ ଅନୁମତି ଦିଆଗଲା।

## ପୋଖରୀରେ ପାଞ୍ଚବର୍ଷ



ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲାର ୧୬ ବର୍ଷ ବୟସ୍କ ଇକବାଲ ଶେଖ୍ ଏକ ବିରଳ ରୋଗରେ ପୀଡ଼ିତ, ଯେଉଁଥିପାଇଁ ତାଙ୍କୁ ବିଗତ ପାଞ୍ଚ ବର୍ଷ ହେଲାଣି ପୋଖରୀରେ ରହିବାକୁ ପଡୁଛି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ପ୍ରବଳ ଜଳାପୋଡ଼ା ଅନୁଭୂତ ହୁଏ। ଅପରପକ୍ଷରେ ଦୀର୍ଘ ସମୟ ଧରି ସେ ପାଣିରେ ରହୁଥିବାରୁ ତାଙ୍କ ଆଙ୍ଗୁଠିଗୁଡ଼ିକ ପଚିବାକୁ ଲାଗିଲାଣି ଏବଂ ଚର୍ମ ଧଳା ପଡ଼ିଯାଇଛି। ତାଙ୍କ ପରିବାରର ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବାରୁ ଇକବାଲଙ୍କର ଚିକିତ୍ସା ମଧ୍ୟ ହୋଇପାରୁନାହିଁ। ଇକବାଲ ଏକ ରୋଗ ଯୋଗୁଁ ପୋଖରୀରେ ରହିବାକୁ ବାଧ୍ୟ ହେଉଛନ୍ତି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ଅସହ୍ୟ ଜଳାପୋଡ଼ା ହୁଏ, ଯେଉଁଥିପାଇଁ ସେ ନିଜ ଘରଦ୍ୱାର ଛାଡ଼ି ପୋଖରୀ ଭିତରେ ଜୀବନ ବିତାଉଛନ୍ତି। ପାଣିରୁ ବାହାରିଲେ ତାଙ୍କର ମୃତ୍ୟୁ ହୋଇଯିବ ବୋଲି ସେ କହୁଛନ୍ତି। ଯେଉଁ ବୟସରେ ପିଲାମାନେ ସ୍କୁଲ୍ ଯାଆନ୍ତି ଏବଂ ଖେଳକୁଦ କରନ୍ତି, ସେହି ବୟସରେ ଇକବାଲ୍ ଘଣ୍ଟା ଘଣ୍ଟା ଧରି ପୋଖରୀରେ ପହଁରୁଥାନ୍ତି। ତାଙ୍କ ପରିବାର ଲୋକେ କୁହନ୍ତି ଯେ, ଯଦି ସେ ପାଣିରୁ ସାମାନ୍ୟ ମଧ୍ୟ ବାହାରକୁ ଆସେ, ତେବେ ତାଙ୍କ ଶରୀରରେ ଜଳାପୋଡ଼ା ଆରମ୍ଭ ହୋଇଯାଏ। ସେ କେବଳ ୪-୫ ଘଣ୍ଟା ନୁହେଁ, ବରଂ ସପ୍ତାହ ସାରା ପାଣି ଭିତରେ ହିଁ ରହିଥାଏ। କେହି ଗୁଣି ଗାରେଡ଼ି କରି ତାଙ୍କର ଏପରି ପରିସ୍ଥିତି କରିଥିବା ଇକବାଲ କୁହନ୍ତି। ଅନ୍ୟ ପକ୍ଷରେ ଡାକ୍ତରଙ୍କ କହିବା କଥା, ଏହା ଏକ ଗୁରୁତର ଏବଂ ବିରଳ ଚର୍ମ ରୋଗ। ୨୪ ଘଣ୍ଟା ପାଣିରେ ରହିବା ହେତୁ ଇକବାଲ୍‌ଙ୍କ ହାତ-ଗୋଡ଼ ଏବଂ ସମଗ୍ର ଶରୀରର ଚର୍ମ ପଚି ଯାଇ ଧଳା ପଡ଼ିଯାଇଛି। ଦିନରାତି ପାଣିରେ ରହିବା ଯୋଗୁଁ ତାଙ୍କର ସର୍ଦ୍ଦିକାଶ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି। ଯେଉଁ ପାଣିରୁ ଗୋଟିଏ ପଟେ ତାଙ୍କୁ ଆଶ୍ୱାସନା ମିଳୁଛି, ଅନ୍ୟପଟେ ସେହି ପାଣି ହିଁ ତାଙ୍କ ପାଇଁ ସମସ୍ୟା ପାଲଟିଛି। ଏହାସତ୍ତ୍ୱେ ମଧ୍ୟ ସେ ପାଣିରୁ ସାମାନ୍ୟ ସମୟ ପାଇଁ ବି ବାହାରେ ରହିପାରୁନାହାଁନ୍ତି। ଇକବାଲ୍‌ଙ୍କ ଏହି ଖବର ଧୀରେ ଧୀରେ ଆଖପାଖ ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ଲୋକେ ତାଙ୍କୁ ଦେଖିବା ପାଇଁ ଆସୁଛନ୍ତି ଏବଂ ପୋଖରୀ ନିକଟରେ ଭିଡ଼ ଜମୁଛି। ଅନେକ ଲୋକ ତାଙ୍କୁ ଖାଇବା ପାଇଁ ଚୁଡ଼ା କିମ୍ବା ବିସ୍କୁଟ୍ ଦେଇଦିଅନ୍ତି, ଯାହାକୁ ସେ ପୋଖରୀ ଭିତରେ ଥାଇ ଖାଇଥାନ୍ତି। ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ ସେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଯାଇଥିଲେ, ହେଲେ ସେଠାରେ ତାଙ୍କୁ କୌଣସି ସମାଧାନ ମିଳିଲା ନାହିଁ। ଇକବାଲ୍ କୁହନ୍ତି ଯେ, ତାଙ୍କ ଘରର ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନୁହେଁ ଯେ, ସେ କୌଣସି ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସା କରାଇପାରିବେ। ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଧ୍ୟ ତାଙ୍କୁ କୌଣସି ବିଶେଷ ଆଶ୍ୱାସନା ମିଳିଲା ନାହିଁ। ଏବେ କିଛି ସ୍ଥାନୀୟ ଲୋକ ତାଙ୍କୁ ସାହାଯ୍ୟ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି, ଏଥିସହିତ ପ୍ରଶାସନ ନିକଟରେ ମଧ୍ୟ ତାଙ୍କ ଚିକିତ୍ସା ପାଇଁ ଗୁହାରି କରୁଛନ୍ତି।

## ବନ୍ଦ ହୋଇନି ଭି. ଶାନ୍ତାରାମଙ୍କ ବାୟୋପିକ୍





ଗତ ବର୍ଷ ଡିସେମ୍ବରରେ ହିନ୍ଦୀ ସିନେମା ଜଗତର ଦିବଂଗତ ଫିଲ୍ମ ନିର୍ମାତା ଭି. ଶାନ୍ତାରାମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ଫିଲ୍ମର ଟାଇଟଲ୍ ରହିଥିଲା 'ଭି. ଶାନ୍ତାରାମ: ଦି ରିବେଲ୍ ଅଫ୍ ଇଣ୍ଡିଆନ୍ ସିନେମା'। ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ଏଥିରେ ମୁଖ୍ୟ ଭୂମିକା ପାଇଁ ଚୟନ କରାଯାଇଥିଲା | ଏପ୍ରିଲ୍ ୨୦୨୬ ମସିହାରେ ଏହି ସିନେମାର ସୁଟିଂ ଆରମ୍ଭ ହେବାର ଥିଲା, ହେଲେ ତାହା ଏଯାବତ୍ ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଫିଲ୍ମଟିକୁ ଆଉ ନିର୍ମାଣ କରାଯିବ ନାହିଁ ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଏବେ ଖୋଦ୍ ନିର୍ଦ୍ଦେଶକ ଅଭିଜିତ୍ ଶିରୀଶ ଏହି ଚଳଚ୍ଚିତ୍ର ବନ୍ଦ ହୋଇଯିବା ଖବରକୁ ଖଣ୍ଡନ କରିଛନ୍ତି। ଏନେଇ ଅଭିଜିତଙ୍କ କହିବା କଥା, "ଫିଲ୍ମ ନିର୍ମାଣ ସାମାନ୍ୟ ବିଳମ୍ବ ହୋଇଛି। ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ। ଆମେ ପ୍ରଥମେ ଏପ୍ରିଲରେ ସୁଟିଂ ଆରମ୍ଭ କରିବାକୁ ଯୋଜନା କରିଥିଲୁ। ଆମର ଯୋଜନା ଥିଲା ଯେ ଯଦି ବର୍ଷା ହୁଏ, ତେବେ ଇନଡୋର ସୁଟିଂ କରିବୁ। ଆମର ଦୁଇ ମାସ ବିଳମ୍ବ ହୋଇଗଲା ଏବଂ ସମ୍ପୂର୍ଣ୍ଣ ସେଡ୍ୟୁଲ୍ ବିଗିଡ଼ିଗଲା। ଆମେ ଏକ ନୂଆ ତାରିଖରେ ଆସନ୍ତା ବର୍ଷ ସୁଟିଂ ଆରମ୍ଭ କରିବାକୁ ଯୋଜନା କରୁଛୁ।" ଏବେ ନିର୍ମାତାମାନେ ସୁଟିଂ ଆରମ୍ଭ ହେବା ମାତ୍ରେ ପ୍ରଥମେ ଆଉଟଡୋର ସୁଟିଂ କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ବର୍ଷା ଦିନ ଆସିଲେ, ସେହି ସମୟରେ ଇନଡୋର ସୁଟିଂ ହେବ। ସିଦ୍ଧାନ୍ତଙ୍କ ବିପକ୍ଷରେ ଏଥିରେ ତମନ୍ନା ଭାଟିଆ ନଜର ଆସିବେ। ନିର୍ଦ୍ଦେଶକ ଏହା ମଧ୍ୟ କହିଛନ୍ତି ଯେ, ଫିଲ୍ମରେ ସିଦ୍ଧାନ୍ତ ଏବଂ ତମନ୍ନା ଭାଟିଆଙ୍କ ବ୍ୟତୀତ ଆଉ କିଛି ବଡ଼ କଳାକାର ମଧ୍ୟ ସାମିଲ ହେବେ। ତେବେ ସେ ଅନ୍ୟ କଳାକାରଙ୍କ ନାଁ ପ୍ରକାଶ କରି ନାହାନ୍ତି। ସିଦ୍ଧାନ୍ତଙ୍କ କାମ କଥା କହିବାକୁ ଗଲେ ଚଳିତ ବର୍ଷ ଫେବୃଆରୀ ମାସରେ ତାଙ୍କ ଫିଲ୍ମ 'ଦୋ ଦିୱାନେ ସହର ମେଁ' ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ମୃଣାଳ ଠାକୁର ନଜର ଆସିଥିଲେ।

## ପିଲାଙ୍କ ଫୋନ୍ ନିଶା ଦୂର ପାଇଁ...



ଆଜିକାଲି କୁନି କୁନି ପିଲାମାନେ ବି ଘଣ୍ଟା ଘଣ୍ଟା ଧରି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାର ଦେଖାଯାଉଛି। ପିଲାମାନଙ୍କର ଏଭଳି ଅଭ୍ୟାସ ଯୋଗୁ ଅଭିଭାବକମାନେ ବେଶ୍ ଚିନ୍ତାରେ ରୁହନ୍ତି। ସୋସିଆଲ ମିଡିଆରେ 'ଅଙ୍କଲ ଏ ଜୁନ୍' ନାମରେ ଜଣାଶୁଣା ୟାନ୍ ଝେଙ୍ଗଜୁନ୍ ଏବେ ଚୀନ୍‌ର ଅଭିଭାବକମାନଙ୍କର ପ୍ରିୟ ମଣିଷ ପାଲଟି ଯାଇଛନ୍ତି। ୟାନ୍ ନିଜର ଏକ ନିଆରା ଭିଡିଓ ସିରିଜ୍ ଯୋଗୁଁ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ୍ ହୋଇଛନ୍ତି। ସେ ପୁରୁଣା ଓଭରକୋଟ୍ ପିନ୍ଧି, ହାତରେ ଲାଉଡସ୍ପିକର୍ ଏବଂ ଏକ ଠେଲାଗାଡ଼ି ଧରି ଗଳିଗଳି ବୁଲନ୍ତି। ସେ ଲାଉଡ୍‌ସ୍ପିକର୍‌ରେ ଯେଉଁ ପିଲାମାନେ ଜିଦ୍ କରୁଛନ୍ତି, କାନ୍ଦୁଛନ୍ତି କିମ୍ବା ଘଣ୍ଟା ଘଣ୍ଟା ଧରି ମୋବାଇଲ ବ୍ୟବହାର କରୁଛନ୍ତି, ସେମାନଙ୍କୁ ସେ 'ରିସାଇକଲ୍' ପାଇଁ ନେଇଯିବେ ବୋଲି ଘୋଷଣା କରନ୍ତି। ୟାନ୍ ଯେତେବେଳେ ଏହି ଅଭିନୟର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କଲେ, ତାହା ଚୀନ୍‌ର ଅଭିଭାବକମାନଙ୍କୁ ଖୁବ୍ ପସନ୍ଦ ଆସିଲା। କାରଣ ପ୍ରତ୍ୟେକ ବାପାମାଆ ନିଜ ପିଲାଙ୍କ ମୋବାଇଲ୍ ଅଭ୍ୟାସକୁ ନେଇ ଚିନ୍ତିତ ଥିଲେ। ଦେଖୁଦେଖୁ ସାରା ଦେଶରେ ବାପାମାଆମାନେ ନିଜ ପିଲାଙ୍କୁ ସୁଧାରିବା ପାଇଁ ତାଙ୍କ ଭିଡିଓ ଦେଖାଇ ଡରାଇବା ଆରମ୍ଭ କଲେ। ସମୟକ୍ରମେ ସେ ଇଣ୍ଟରନେଟ୍‌ରେ ଏକ ବଡ଼ ପ୍ୟାରେଣ୍ଟିଂ ଟ୍ରେଣ୍ଡ ପାଲଟିଗଲେ। ତାଙ୍କର ଫଲୋଅର୍ସ ସଂଖ୍ୟା ମଧ୍ୟ ବଢ଼ି ପ୍ରାୟ ୧୬ ଲକ୍ଷ ହୋଇଗଲା। ପିଲାମାନେ ତାଙ୍କୁ ନିଜର ଶତ୍ରୁ ବୋଲି ଭାବନ୍ତି। ଏହି ଉପାୟ ବାପାମାଆଙ୍କୁ ତୁରନ୍ତ ଆଶ୍ୱସ୍ତି ଦେଉଥିଲେ ମଧ୍ୟ ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ଶିକ୍ଷକମାନେ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ ମତରେ, ପିଲାଙ୍କୁ ଏଭଳି ଭୟଭୀତ କରିବା ଦ୍ୱାରା ଏହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ।

## ସ୍ତୁତି

## ସକାଳର ୭ କାମ



**ସନାତନ ଧର୍ମ ଓ ଜ୍ୟୋତିଷ ଶାସ୍ତ୍ରରେ ସକାଳ ସମୟ ଅର୍ଥାତ୍ ବ୍ରାହ୍ମ ମୁହୂର୍ତ୍ତକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଦିନର ଆରମ୍ଭ ଯେମିତି ହୁଏ, ଏହାର ପ୍ରଭାବ ପୂରା ଦିନର ଶକ୍ତି, ଚିନ୍ତାଧାରା ଓ କାର୍ଯ୍ୟ ଉପରେ ପଡ଼ିଥାଏ। ବାସ୍ତୁ ଅନୁସାରେ, ସକାଳୁ ଉଠି କିଛି ବିଶେଷ କାମ ନିୟମିତ କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଢ଼େ ଓ ଉନ୍ନତିର ମାର୍ଗ ଖୋଲିଥାଏ।**

- ସକାଳୁ ଆଖି ଖୋଲିବା ମାତ୍ରେ ପ୍ରଥମେ ନିଜ ହାତକୁ ଦର୍ଶନ କରନ୍ତୁ। ମାନ୍ୟତା ଅଛି କର ଦର୍ଶନରେ ମା' ଲକ୍ଷ୍ମୀ, ମା' ସରସ୍ୱତୀ, ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ଏହି ଛୋଟ ପ୍ରାରମ୍ଭ ଦିନର ଆରମ୍ଭକୁ ପବିତ୍ର କରିଥାଏ। ନିୟମିତ ଏହାକୁ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଶଯ୍ୟାରୁ ଓହ୍ଲାଇ ଭୂମିରେ ପାଦ ରଖିବା ପୂର୍ବରୁ ଧରିତ୍ରୀ ମାତାଙ୍କୁ କ୍ଷମା ମାଗି ପ୍ରଣାମ କରନ୍ତୁ। ଏହା ପ୍ରକୃତି ପ୍ରତି ସମ୍ମାନର ପ୍ରତୀକ। ଏହା ଦ୍ୱାରା ଅହଂକାର କମେ ଏବଂ ଦିନ ବିନମ୍ର ଭାବ ସହିତ ଆରମ୍ଭ ହୋଇଥାଏ।
- ସ୍ନାନ ପରେ ସୂର୍ଯ୍ୟ ଦେବଙ୍କୁ ତମ୍ବା ପାତ୍ରରେ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ। ଧାର୍ମିକ ମାନ୍ୟତା ଅଛି ଯେ, ଏହା ଦ୍ୱାରା ଆତ୍ମବିଶ୍ୱାସ, ଉର୍ଜା ଓ ମାନସମ୍ମାନ ବୃଦ୍ଧି ପାଏ। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସ୍ୱାସ୍ଥ୍ୟ ଲାଗି ଉତ୍ତମ।
- ଦିନର ଆରମ୍ଭ ଇଷ୍ଟ ଦେବଙ୍କ ନାଁରୁ କରିବା ଉଚିତ। କିଛି ମିନିଟ୍ ଧ୍ୟାନ ଓ ମନ୍ତ୍ର ଜପ କରିବା ଦ୍ୱାରା ମନ ଶାନ୍ତ ରହେ ଏବଂ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ। ଏହାଦ୍ୱାରା ଅନାବଶ୍ୟକ ଚିନ୍ତା ମଧ୍ୟ କମ୍ ହୁଏ। କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୋଇଯାଏ।
- ତୁଳସୀ ଗଛକୁ ଶୁଦ୍ଧ ଓ ପବିତ୍ର ବୋଲି ବିବେଚନା କରାଯାଏ। ଘରେ ତୁଳସୀ ଗଛ ଥିଲେ ସକାଳେ ତୁଳସୀ ମାତାଙ୍କୁ ସ୍ମରଣ ପୂର୍ବକ ଜଳ ଅର୍ପଣ କରନ୍ତୁ। ଏହା ଦ୍ୱାରା ଘରେ ସୁଖ-ଶାନ୍ତି ଓ ସକାରାତ୍ମକ ପରିବେଶ ବଜାୟ ରହେ।
- ମାତା-ପିତା ଓ ଗୁରୁଙ୍କ ଆଶୀର୍ବାଦ ଜୀବନରେ ଉନ୍ନତିର ମାର୍ଗକୁ ପ୍ରଶସ୍ତ କରିଥାଏ। ସକାଳୁ ଏମାନଙ୍କ ଆଶୀର୍ବାଦ ନେବା ଶୁଭ ବୋଲି କୁହାଯାଏ। ଏହା ଦ୍ୱାରା ଆତ୍ମବିଶ୍ୱାସ ଓ କାର୍ଯ୍ୟ କ୍ଷମତା ବୃଦ୍ଧି ପାଏ।
- ସକାଳୁ କେବେ ବି ନକାରାତ୍ମକ ଚିନ୍ତାଧାରା ମନରେ ଆଣନ୍ତୁ ନାହିଁ। କ୍ରୋଧ ତଥା ବିବାଦରୁ ଦିନର ଆରମ୍ଭ କରନ୍ତୁ ନାହିଁ। ସ୍ନାନ ବିନା ପୂଜା କରନ୍ତୁ ନାହିଁ।

## କେଉଁମାନଙ୍କୁ ସୁନା ମନା



**ଜ୍ୟୋତିଷ ଶାସ୍ତ୍ରରେ ସୁନା ଧାରଣକୁ ନେଇ କିଛି ନିୟମ ଅଛି। ମାନ୍ୟତା ଅଛି ଯେ, ଏହି ନିୟମକୁ ପାଳନ କରିବା ଦ୍ୱାରା ଶୁଭ ପରିଣାମ ମିଳେ। ଜ୍ୟୋତିର୍ବିଦଙ୍କ ମତରେ, ସୁନାକୁ ଆବଶ୍ୟକତା ଓ ଲାଭ ଅନୁସାରେ ପିନ୍ଧିବା ଉଚିତ। କାରଣ ସୁନା ଶରୀର, ଚିନ୍ତାଧାରା ଓ ସ୍ୱାସ୍ଥ୍ୟକୁ ସିଧାସଳଖ ପ୍ରଭାବିତ କରେ।**

ଯେଉଁମାନଙ୍କ ଜାତକରେ ଗୁରୁ ଗ୍ରହ ସ୍ଥିତି ଅଶୁଭ ଓ ଖରାପ ହୋଇଥାଏ, ସେମାନଙ୍କୁ ସୁନା ଧାରଣ କରିବାକୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବାରଣ କରାଯାଇଛି। ଜାତକରେ ଗୁରୁ ସ୍ଥିତି ଖରାପ ଥିଲେ ଓ ସୁନା ଧାରଣ କଲେ ଗମ୍ଭୀର ପରିଣାମ ପ୍ରାପ୍ତ ହେବା କୁହାଯାଏ। ସେହିପରି ଯେଉଁମାନେ ଲୁହା, କୋଇଲା, ଶନି ସମ୍ବନ୍ଧିତ ଜିନିଷ କାରବାର କରନ୍ତି, ସେମାନଙ୍କୁ ସୁନା ସୁଟ୍ କରି ନ ଥାଏ। ଏଭଳି ଲୋକ ସୁନା ଧାରଣରୁ ଦୂରତ୍ୱ ରକ୍ଷା କରିବା ଉଚିତ। ଏହାବାଦ୍ ସୁନାକୁ ଅଣ୍ଟାରେ ଧାରଣ କରିବା ଅନୁଚିତ। ନାଳି ସୂତାରେ ପିଲାଙ୍କୁ ସୁନା ଘୁଙ୍ଗୁର ପିନ୍ଧାଇ ହେବ। ସୁନା ଧାରଣ କରୁଥିବା ଲୋକେ ସ୍ୱଚ୍ଛତା ଓ ପବିତ୍ରତା ଉପରେ ବିଶେଷ ଧ୍ୟାନ ରଖିବା ଉଚିତ। ସୁନା ଧାରଣ କରୁଥିବା ବ୍ୟକ୍ତି ତାମସିକ ଜିନିଷରୁ ଦୂରେଇ ରହିବା ଉଚିତ। ସୁନା ଧାରଣ କରି ମାଂସ ତଥା ନିଶା ସେବନ କଲେ ଦେବଗୁରୁ ବୃହସ୍ପତି ଅଶୁଭ ଫଳ ପ୍ରଦାନ କରନ୍ତି।

ମେଷ, କର୍କଟ, ସିଂହ ଓ ଧନୁ ରାଶି ପାଇଁ ସୁନା ଧାରଣ ଶୁଭ। ବିଛା ଓ ମୀନ ରାଶି ବ୍ୟକ୍ତି ବିଶେଷ ସୁନା ଧାରଣ କଲେ ମଧ୍ୟମ ଫଳ ମିଳେ। ସେହିପରି ବୃଷ, ମିଥୁନ, କନ୍ୟା, କୁମ୍ଭ ରାଶିକୁ ସୁନା ସୁଟ୍ କରି ନ ଥାଏ। ତୁଳା ଓ ମକର ରାଶି ପାଇଁ ସୁନା ଧାରଣ ଭଲ ନୁହେଁ ବୋଲି କୁହାଯାଏ। ତେବେ ଯେଉଁମାନଙ୍କ ଜାତକରେ ବୃହସ୍ପତି ଅନୁକୂଳ ଥାନ୍ତି, ସେମାନଙ୍କ ପାଇଁ ସୁନା ଧାରଣ ଲାଭକାରୀ।

## ମନିପ୍ଲାଣ୍ଟ ଶୁଖି ଯାଉଥିଲେ...



**ବାସ୍ତୁ ଶାସ୍ତ୍ରରେ କିଛି ଗଛକୁ ଶୁଭ ବୋଲି କୁହାଯାଇଛି। ସେଥିରୁ ଅନ୍ୟତମ ମନିପ୍ଲାଣ୍ଟ। ତେବେ ମନିପ୍ଲାଣ୍ଟ ଶୁଖିଗଲେ ଏହାକୁ ଅଣଦେଖା କରିବା ଅନୁଚିତ। ମନପ୍ଲାଣ୍ଟ ଶୁଖିଯିବାକୁ ଶୁଭ ସଙ୍କେତ ବୋଲି କୁହାଯାଏ ନାହିଁ।**

ବାସ୍ତୁ ମାନ୍ୟତାନୁସାରେ, ଶୁଖିଲା ମନିପ୍ଲାଣ୍ଟ ଆଗାମୀ ଦିନରେ ଆର୍ଥିକ ସମସ୍ୟା ଦେଖା ଦେବାକୁ ଇଙ୍ଗିତ କରେ। ଏହାଦ୍ୱାରା ଅଯଥା ଖର୍ଚ୍ଚ ବଢ଼ିବା ଆଶଙ୍କା ଥାଏ। ବାସ୍ତୁ ଅନୁସାରେ ଶୁଖିଲା ତଥା ଝାଉଁଳି ପଡ଼ିଥିବା ମନିପ୍ଲାଣ୍ଟ ରହିବା ଭଲ ନୁହେଁ। ଏହା ଉନ୍ନତିକୁ ରୋକିଥାଏ। ଏହାସହ ବ୍ୟବସାୟ ଓ ଚାକିରିକୁ ନେଇ କିଛି ସମସ୍ୟା ଦେଖା ଦେବା ଦିଗକୁ ବି ଏହା ଇଙ୍ଗିତ କରେ। ବାସ୍ତୁ ଶାସ୍ତ୍ର ଅନୁସାରେ, ଶୁଖିଲା ମନିପ୍ଲାଣ୍ଟର ଅର୍ଥ ଆଗାମୀ ଦିନରେ ଘରେ କଳି ଝଗଡ଼ା ପରିବେଶ ବି ସୃଷ୍ଟି କରିପାରେ। ଫଳରେ ଘରେ ଚାପ ଓ ଅଶାନ୍ତିର ପରିବେଶ ସୃଷ୍ଟି ହୁଏ। ସେହିପରି ମନିପ୍ଲାଣ୍ଟର ପତ୍ର ଶୁଖିଗଲେ ଘରର ଉନ୍ନତି ଉପରେ ଏହା ବାଧା ପକାଏ ବୋଲି ଜଣାପଡ଼େ। ତେଣୁ ମନିପ୍ଲାଣ୍ଟ ଶୁଖିବାକୁ ଅଣଦେଖା କରିବା ଅନୁଚିତ।

## ବ୍ୟବସାୟରେ ବାଧା ଦୂରର ଉପାୟ



**ପ୍ରତ୍ୟେକ ବ୍ୟବସାୟୀ ନିଜ ବ୍ୟବସାୟରେ ଉନ୍ନତି ଚାହାନ୍ତି। ଏନେଇ ଅନେକ କିଛି ଉପାୟ ମଧ୍ୟ ଗ୍ରହଣ କରିଥାନ୍ତି। ସେହିପରି ବେଳେ ବେଳେ ବ୍ୟବସାୟରେ ବାଧା ମଧ୍ୟ ଦେଖା ଦିଏ। ଏହାକୁ କିଭଳି ଦୂର କରି ହେବ, ସେ ସମ୍ପର୍କରେ ଜାଣିବା।**

- ପ୍ରତି ବୁଧବାର ଗଣେଶଙ୍କ ପୂଜା କରନ୍ତୁ। ଦୋକାନ ଖୋଲିବା ପୂର୍ବରୁ ଗଣେଶ ମନ୍ତ୍ର ଜପ କରନ୍ତୁ। ୧୦୮ ଥର ମନ୍ତ୍ର ଜପକୁ ଶୁଭ ବୋଲି କୁହାଯାଏ। ଏହାସହ ବ୍ୟବସାୟରେ ବାଧା ଦୂର କରିବାର ପ୍ରାର୍ଥନା କରନ୍ତୁ।
- ପ୍ରତି ମାସ ୧ ତାରିଖରେ ମୁଖ୍ୟ ପ୍ରବେଶ ଦ୍ୱାରରେ ହଳଦୀ ତଥା ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାପରେ ଦୀପକୁ ମା' ଲକ୍ଷ୍ମୀ ଏବଂ ଭଗବାନ ଗଣେଶଙ୍କ ନାମ ସ୍ମରଣ କରନ୍ତୁ। ଏହାସହ ବ୍ୟବସାୟରେ ନିରନ୍ତର ଉନ୍ନତି ହେବା ପ୍ରାର୍ଥନା କରନ୍ତୁ।
- ସକାଳୁ ଦୋକାନ ଖୋଲିବା ପରେ କର୍ପୂର ଓ ଧୂପକୁ ପୂରା ଦୋକାନ ପରିସରରେ ବୁଲାନ୍ତୁ। ଏହାଦ୍ୱାରା ସକାରାତ୍ମକ ଶକ୍ତି ସଂଚାର ହୁଏ।
- ଶନିବାର କଳା ରାଶି, ସୋରିଷ ତେଲ ଶନିଦେବଙ୍କୁ ଅର୍ପଣ କରନ୍ତୁ। ଏହାସହ ଶନିଦେବଙ୍କୁ ସ୍ମରଣ କରନ୍ତୁ।
- ପ୍ରତିଦିନ ଦୋକାନରେ ମହାଲକ୍ଷ୍ମୀଙ୍କ ମନ୍ତ୍ରର ଏକ ମାଳା ଜପ କରନ୍ତୁ। ସଚ୍ଚୋଟତା ଓ ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରନ୍ତୁ।

## ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଶୀର୍ଷସ୍ଥାନ ଲାଗି ଭାରତ-ଇଂଲଣ୍ଡ ମୁକାବିଲା



ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି)

ଦୁର୍ବଳ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରି ଭାରତ ଏଠାରେ ଶନିବାର ଆରମ୍ଭ ହୋଇଥିବା ହକି ବିଶ୍ୱକପ୍ର ପୁରୁଷ ବିଭାଗରେ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂ ଡବଲ ଗୋଲ ସ୍କୋର କରିଥିଲାବେଳେ ସଞ୍ଜୟ ରାଣା ଗୋଟିଏ ଗୋଲ ଦେଇଥିଲେ। କିନ୍ତୁ ଏହି ମ୍ୟାଚ୍ରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ହୋଇନାହିଁ। ଆସନ୍ତାକାଲି ପୁଲ୍-ଡି'ରେ ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଭାରତ ଓ ଇଂଲଣ୍ଡ ପରସ୍ପର ସହ ମୁକାବିଲା କରିବେ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପୁଲ୍ରେ ଶୀର୍ଷସ୍ଥାନ ହାସଲ କରିବ। କିନ୍ତୁ ନୂଆ ଫର୍ମାଟ ଅନୁଯାୟୀ ଉଭୟ ଦଳ ଯଦି ପୁଲ୍ରୁ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ, ତେବେ ବିଜୟୀ ଦଳର ସେମିଫାଇନାଲ ଖେଳିବା ସୁଯୋଗ ରହିବ। ନୂଆ ନିୟମ ଅନୁଯାୟୀ ବିଜୟୀ ଦଳ କ୍ରସ୍ ଓଭରରେ ଗୋଟିଏ ବିଜୟରୁ ଖେଳ ଆରମ୍ଭ କରିବ। ଅର୍ଥାତ ଦଳ କୌଣସି ମ୍ୟାଚ୍ ନ ଖେଳି ଗୋଟିଏ ବିଜୟର ପୂରା ପଏଂଟ ସହ ଖେଳିବ।

ଏଥର ପ୍ରତ୍ୟେକ ପୁଲ୍ରୁ ୨ଟି ଲେଖାଏଁ ଦଳ କ୍ରସ୍ ଓଭରରୁ ଯିବେ। କ୍ରସ୍ ଓଭରରୁ ଉନ୍ନୀତ ହୋଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍ରେ ଭାଗକରାଯିବ। ଗୋଟିଏ ପୁଲରୁ ଯୋଗ୍ୟତା ଅର୍ଜନ କରିଥିବା ଦଳ ମଧ୍ୟରୁ ବିଜୟୀ ଦଳକୁ କ୍ରସ୍ ଓଭରରେ ଗୋଟିଏ ବିଜୟର ପୂରା ପଏଂଟରୁ ଖେଳ ଆରମ୍ଭ କରିବେ। ଏହାର ଅର୍ଥ ଭାରତ ଓ ଇଂଲଣ୍ଡ ଗୋଟିଏ ପୁଲ୍ରୁ ଯୋଗ୍ୟତା ଅର୍ଜନ କରିବେ। ଏମାନଙ୍କ ମଧ୍ୟରେ ହୋଇଥିବା ପୁଲ୍ ମୁକାବିଲାରେ ବିଜୟୀ ଦଳ କ୍ରସ୍ ଓଭର ଗ୍ରୁପରେ ପୂରା ପଏଣ୍ଟରୁ ଖେଳ ଆରମ୍ଭ କରିବ। ଏହି କାରଣ ଯୋଗୁଁ ଇଂଲଣ୍ଡ ବିପକ୍ଷ ମୁକାବିଲା ଭାରତ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ପକ୍ଷରେ ଦୀର୍ଘ ୩୨ ବର୍ଷ ହେଲା ବିଶ୍ୱକପ୍ରେ ଇଂଲଣ୍ଡକୁ ହରାଇ ନାହିଁ ଭାରତ। ଇଂଲଣ୍ଡ ମଧ୍ୟ ପ୍ରଥମ ରାଉଣ୍ଡରେ ପାକିସ୍ତାନକୁ ୪-୧ ଗୋଲରେ ହରାଇ ଚଳିତବର୍ଷ ୧୮ଟି ମ୍ୟାଚ୍ରେ ଅପରାଜେୟ ରହିଛି। ଏଣୁ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ତାହାର ଖେଳରେ ଉନ୍ନତି ଆଣିବାକୁ ହେବ। ୱେଲ୍ସ ବିପକ୍ଷରେ ଭାରତ ଗୋଲ ଦେବାକୁ ବିଶେଷ ସୁଯୋଗ ସୃଷ୍ଟି କରିପାରି ନାହିଁ। ଯଦିବି ସୁଯୋଗ ଅଭିଷେକ ଓ ସୁଖଜିତ ସୁଯୋଗ ସୃଷ୍ଟି କରିଥିଲେ ତାହାକୁ ଗୋଲରେ ପରିଣତ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ହୋଇ ନାହିଁ। ଏଭଳି ସ୍ଥଳେ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ନିଶ୍ଚିତ ଭାବେ ଉନ୍ନତ ଖେଳିବାକୁ ହେବ।

## ମହିଳା ଦଳର ଚୀନ୍ ସହ ଡ୍ର



ଆଜି ଖେଳାଯାଇଥିବା ମହିଳା ବିଶ୍ୱକପ୍ର ପୁଲ-ଡି'ର ଏକ ମୁକାବିଲାରେ ଚୀନ୍ ସହ ଭାରତ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଭାରତ ପକ୍ଷରୁ ନବନୀତ କୌର ଓ ପେନାଲ୍ଟି କର୍ଣ୍ଣରରୁ ଦୀପିକା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦଳ ଆଗୁଆ ଗୋଲ କରିଥିଲେ ମଧ୍ୟ ଏହି ମୁକାବିଲାକୁ ଜିତି ପାରି ନ ଥିଲା। ଚୀନ୍ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍ରୁ ଝାଙ୍ଗ ୟିଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ ମା ନିଙ୍ଗ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତା ୧୮ ତାରିଖରେ ଭାରତ ତାହାର ଦ୍ୱିତୀୟ ମୁକାବିଲା ଦକ୍ଷିଣ ଆଫ୍ରିକା ସହ ଖେଳିବ। ପୁଲ୍ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ କ୍ରସ୍ ଓଭରକୁ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଇଂଲଣ୍ଡ ନିକଟରୁ ପାକିସ୍ତାନ ପରାସ୍ତ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ପୁରୁଷ ହକି ବିଶ୍ୱକପ୍ର ପ୍ରଥମ ଦିନରେ ୪ଥରର ବିଶ୍ୱ ଚାମ୍ପିଅନ ପାକିସ୍ତାନ ୧-୪ ଗୋଲରେ ଇଂଲଣ୍ଡ ନିକଟରୁ ପରାଜିତ ହୋଇଛି। ଏହି ଦିନ ବେଲଜିୟମର ୱାଭରେଠାରେ ପୁଲ-ବି'ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ୫-୧ ଗୋଲରେ ମାଲେସିଆକୁ ଏବଂ ଆୟୋଜକ ତଥା ଟାଇଟଲ ହଟ ଫେବରାଇଟ ବେଲଜିୟମ ୩-୨ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛନ୍ତି। ଆଜି ଦ୍ୱିତୀୟ ଦିନରେ ଖେଳାଯାଇଥିବା ପୁଲ୍-ସି'ର ପ୍ରଥମ ମ୍ୟାଚ୍ରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।



■ ମହିଳା ବିଶ୍ୱକପ୍ ହକି

## ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡସର ବିଜୟ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ମହିଳା ବିଶ୍ୱକପ୍ ହକିର ପ୍ରଥମ ଦିନ ଖେଳରେ ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସ ପରି ଶକ୍ତିଶାଳୀ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଆମଷ୍ଟଲଭିନ୍ଠାରେ ଶନିବାର ଖେଳାଯାଇଥିବା ପୁଲ୍-ବି'ରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଜାପାନକୁ ଓ ନେଦରଲ୍ୟାଣ୍ଡସ ୨-୦ ଗୋଲରେ ଚିଲିକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି'ର ପ୍ରଥମ ମ୍ୟାଚ୍ରେ ଜର୍ମାନୀ ୩-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହି ପୁଲ୍ରେ ଆର୍ଜେଣ୍ଟିନା ଓ ଆମେରିକା ମଧ୍ୟରେ ଖେଳ ୧-୧ ଗୋଲରେ ଡ୍ର ରହିଛି। ଆଜି ପୁଲ-ସି ଓ ଡି'ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯାଉଛି। ପୁଲ୍-ଡି'ର ପ୍ରଥମ ମ୍ୟାଚ୍ରେ ଇଂଲଣ୍ଡ ୪-୦ ଗୋଲର ବଡ଼ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ପୁଲ୍ରେ ଭାରତ ସହ ଚୀନ୍ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ବେଲଜିୟମ୍ର ୱାଭରେ ଠାରେ ପୁଲ୍-ସି'ରେ ବେଲ୍ଜିୟମ ସହ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହ ଆୟର୍ଲାଣ୍ଡର ମୁକାବିଲା ଜୋରଦାର ହୋଇଛି।

## ଆଜିଠାରୁ ବ୍ୟାଡ୍ମିଣ୍ଟନ ବିଶ୍ୱକପ୍

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧି ଆରେନାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ ବା ବ୍ୟାଡ୍ମିଣ୍ଟନ ବିଶ୍ୱକପ୍। ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବାକୁ ଥିବା ୭ ଦିନିଆ ପ୍ରତିଯୋଗିତା ଦୀର୍ଘ ୧୭ ବର୍ଷ ପରେ ଭାରତରେ ଅନୁଷ୍ଠିତ ହେବ। ପୁରୁଷ ବିଭାଗ ଏକକରେ ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍ର ୩୦ ବର୍ଷୀୟ ଶି ୟୁ କିଂଙ୍କୁ ଫେବରାଇଟ ଅଛନ୍ତି। ୨୦୨୩ର ଚାମ୍ପିଅନ ତଥା ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଥାଇଲାଣ୍ଡର କୁନ୍ଲାଭଟ ବିଦିତସର୍ଣ୍ଣ ତାଙ୍କୁ ଟକ୍କର ଦେବେ। ୨୪ ବର୍ଷୀୟ ଭାରତର ଲକ୍ଷ୍ୟ ସେନ୍ ମଧ୍ୟ ପଦକ ଦୌଡ଼ରେ ରହିଛନ୍ତି। ମହିଳା ଏକକରେ ପୂର୍ବତନ ବିଶ୍ୱଚାମ୍ପିଅନ ତଥା ୫ଥରର ପଦକ ବିଜେତା ଭାରତର ପିଭି ସିନ୍ଧୁ ଟାଇଟଲ ଦୌଡ଼ରେ ରହିଛନ୍ତି। ଦକ୍ଷିଣ କୋରିଆର ଡିଫେଣ୍ଡିଂ ଅଲିମ୍ପିକ୍ ତଥା ୨୦୨୩ର ବିଶ୍ୱ ଚାମ୍ପିଅନ ଆନ୍ ସେ ୟଙ୍ଗ ମଧ୍ୟ ଟାଇଟଲର ଦାବିଦାର ଅଛନ୍ତି। ୩ଥରର ବିଶ୍ୱଚାମ୍ପିଅନ ଜାପାନର ଆକାନେ ୟାମାଗୁଚି, ଚୀନ୍ର ଦୁଇ ଖେଳାଳି ତଥା ପୂର୍ବତନ ନଂ-୧ ଓ ଚଳିତବର୍ଷର ଅଲ୍ ଇଂଲଣ୍ଡ ଚାମ୍ପିଅନ ୱାଙ୍ଗ ଝି ୟି ଏବଂ ଗତଥରର ରନର୍ସ ଅପ୍ ଚେନ୍ ୟୁଫେଇ ମଧ୍ୟ ଟାଇଟଲ ଦୌଡ଼ରେ ରହିଛନ୍ତି। ଏହି ପ୍ରତିଯୋଗିତାର ସମସ୍ତ ୫ଟି ବିଭାଗରେ ଭାରତରୁ ୧୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ଗଲ୍ ଲଢ଼େଇ: ପାଡିକଲଙ୍କ ପ୍ରଥମ ଟେଷ୍ଟ ଶତକ

ଗଲ୍, ୧୬।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମୁକାବିଲାର କ୍ରମାଗତ ୨ୟ ଦିନରେ ବର୍ଷା ବାଧକ ସାଜିଛି। ବର୍ଷା, ଅସହ୍ୟ ଗରମ ଓ ଶ୍ରୀଲଙ୍କା ସ୍ପିନରଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ଭାରତ ୯ ୱିକେଟ୍ ହରାଇ ୪୬୦ ରନ୍ର ବିଶାଳ ସ୍କୋର୍ କରିଛି। ଦଳ ପକ୍ଷରୁ ନଂ-୩ରେ ବ୍ୟାଟିଂ କରିଥିବା ଦେବଦତ୍ତ ପାଡିକଲ ଟେଷ୍ଟ ଜୀବନରେ ପ୍ରଥମ ଶତକ ହାସଲ କରିବା ସହ ସର୍ବାଧିକ ୧୬୭ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନ୍ର ସହାୟତା ଦେଇଛନ୍ତି।

ଅଧିନାୟକ ଶୁଭମନ ଗିଲ୍ ୨ଟି ଚୌକା ସହ ୧୬ ,ବାମହାତି ପନ୍ତ ୩୯,



ଯଶସ୍ୱୀ ଜୟସ୍ୱାଲ ୩୨ ଓ ମାନବ ସୁତାର ୨୪ ରନ୍ର ଉପଯୋଗୀ ସହାୟତା ଦେଇଥିଲେ। ଦେବଦତ୍ତ ପାଡିକଲ ୨୩୦ ବଲ୍ରୁ ଗୋଟିଏ ଛକା ଓ ୧୫ଟି ଚୌକା ସହ ୧୬୭ ରନ୍କରି ଆଉଟ୍ ହୋଇଥିଲେ।। କେ.ଏଲ୍. ରାହୁଲ ଗୋଟିଏ ଛକା ଓ ୧୦ଟି ଚୌକା ସହ ୮୨ ରନ୍କରି ବିଦାୟ ନେଇଥିଲେ। ଧ୍ରୁବ ଜୁରେଲ ଗୋଟିଏ ଛକା ଓ ୪ଟି ଚୌକା ସହ ୫୧ ରନ୍ କରିଥିଲେ। ଶ୍ରୀଲଙ୍କାର ତାରକା ବାମହାତି ସ୍ପିନର ପ୍ରବାଥ ଜୟସୂରିୟା ୪ଟି ଓ ଡେବ୍ୟୁଟାଣ୍ଟ ଅଫ୍ସ୍ପିନର କେଶର ନୁୱାନ୍ତା ୩ଟି ୱିକେଟ୍ ନେଇଛନ୍ତି। ବର୍ଷା ଯୋଗୁଁ ପ୍ରଥମ ଦିନରେ ୭୩ ଓଭର ଖେଳ ହୋଇଥିବା ବେଳେ ୨ୟ ଦିନରେ ମାତ୍ର ୪୩ ଓଭର ଖେଳ ସମ୍ଭବ ହୋଇଛି। ପ୍ରଥମ ଦୁଇ ଦିନ ଖେଳ ଭାରତର ନିୟନ୍ତ୍ରଣରେ ରହିଛି।

## ଅଷ୍ଟ୍ରେଲିଆର ବିଶ୍ୱରେକର୍ଡ ଭାଙ୍ଗିଲା ସ୍ପେନ୍

ମାଦ୍ରିଦ୍,୧୬।୮ (ଏଜେନ୍ସି): ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କ୍ରମାଗତ ସର୍ବାଧିକ ମ୍ୟାଚ୍ ଜିତିବାରେ ସ୍ପେନ୍ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛି। ଟି-୨୦ ବିଶ୍ୱକପ୍ ୟୁରୋପ୍ ସବ୍ ରିଜିଓନାଲ କ୍ୱାଲିଫାୟରରେ ଫିନ୍ଲାଣ୍ଡକୁ ୮ ୱିକେଟରେ ପରାସ୍ତ କରି ସ୍ପେନ୍ କ୍ରମାଗତ ୨୧ତମ ବିଜୟ ହାସଲ କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ନାମରେ ଥିବା କ୍ରମାଗତ ୨୦ତମ ବିଜୟର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ୨୦୨୩ରେ ଅଷ୍ଟ୍ରେଲିଆ ଏହି ରେକର୍ଡ ଅତିକ୍ରମ କରିଥିଲାବେଳେ ଏହିବର୍ଷଠାରୁ ସ୍ପେନ୍ର ଜୟଯାତ୍ରାର ରେକର୍ଡ ଆରମ୍ଭ ହୋଇଥିଲା।

## ଓଡ଼ିଶା ପୁଲିସ୍ ସୁପର କପ୍ ଚାମ୍ପିଅନ




ଭୁବନେଶ୍ୱର,୧୬।୮ (ସମିସ): ଓଡ଼ିଶା ପୁଲିସ୍ ୫-୧ ଗୋଲରେ ୟଙ୍ଗ୍ ଉତ୍କଳ କ୍ଲବ୍କୁ ପରାସ୍ତ କରି ୨୦୨୬ ଏମ୍ଜିଏମ୍ ଫାଓ ସୁପର କପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବାବଦରେ ପୁଲିସ୍ ଟିମ୍କୁ ଟ୍ରଫି ସହ ୧ଲକ୍ଷ ଓ ରନର୍ସ ଅପ୍ ୟଙ୍ଗ୍ ଉତ୍କଳକୁ ଟ୍ରଫି ସହ ୫୦, ୦୦୦ ଟଙ୍କା ପୁରସ୍କାର ମିଳିଛି। ସେହପରି ଫାଓ ଫାଷ୍ଟ ଡିଭିଜନ ଡାଇମଣ୍ଡ ଲିଗ୍ରେ ସନ୍ରାଇଜ୍ କ୍ଲବ୍, ଗୋଲ୍ଡ ଲିଗ୍ରେ ମଙ୍ଗଳା କ୍ଲବ୍, ସିଲଭର ଲିଗ୍ରେ ଇଲେଭେନ୍ ଗନ୍ କ୍ଲବ୍ ଚାମ୍ପିଅନ ହୋଇଛି। ପୁରସ୍କାର ବାବଦରେ ଟ୍ରଫି ସହ ଯଥାକ୍ରମେ ୧ ଲକ୍ଷ, ୭୫ ହଜାର ଓ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏଥିଲାଗି ଆୟୋଜିତ ଉତ୍ସବରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି, କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍ଡି ସୋନାଲି ଚାନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ୩ ଉପସଭାପତି ବିଜୟ ଦାସ, ଦିଲୀପ ସାହୁ ଓ ସହଦେବ ରାଉତଙ୍କ ସହ ଫାଓର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୟୁନମ୍ରେ ତ୍ରିରଙ୍ଗା ଉଡ଼ାଇଲେ ଓଡ଼ିଶାର ମହିଳା ପର୍ବତାରୋହୀ




ଭୁବନେଶ୍ୱର,୧୬।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତରୋହୀ ଦଳ ହିମାଚଳ ପ୍ରଦେଶର ୟୁନମ ପର୍ବତ ଆରୋହଣ କରିବା ସହ ସ୍ୱାଧୀନତା ଦିବସରେ ୮୦ ଫୁଟ୍ର ତ୍ରିରଙ୍ଗା ଉତ୍ତୋଳନ କରି ଇତିହାସ ସୃଷ୍ଟି କରିଛନ୍ତି। ୨୦,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପର୍ବତକୁ ଓଡ଼ିଶାର ୫ଜଣ ପର୍ବତାରୋହୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଫଳତା ଅର୍ଜନ କରିଛନ୍ତି। ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗତ ୭ ତାରିଖରେ ଓଡ଼ିଶାରୁ ଯାତ୍ରା ଆରମ୍ଭ କରିଥିଲା। ଦଳରେ ୮ଜଣ ସଦସ୍ୟ ରହିଥିଲେ ମଧ୍ୟ ୫ଜଣ ୟୁନମ ଆରୋହଣ କରିବାରେ ସଫଳ ହୋଇଥିଲେ। ଅସୁସ୍ଥତା କାରଣରୁ ଅନ୍ୟ ୩ଜଣ ଶିଖରର ନିକଟରେ ପହଞ୍ଚିଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରି ନ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସଙ୍କେତ କମ୍ୟୁନିକେସନର ସହଯୋଗରେ ଏହି ପର୍ବତାରୋହଣ ସମ୍ଭବ ହୋଇଛି। ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶୃତି ପାତ୍ରଙ୍କ ସହ ସୁବର୍ଣ୍ଣପୁରର ସୋନାଲି ଭୋଇ, ସମ୍ବଲପୁରର ପ୍ରୀତି ପୋଡ଼, କଳାହାଣ୍ଡିର ଲିଲି ସାହୁ ପାତ୍ର ୟୁନମ ପର୍ବତ ଆରୋହଣ କରିଥିଲେ।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍

# ଧୃତିମାନ ଦେ' ଚାମ୍ପିଅନ



ଭୁବନେଶ୍ୱର,୧୬।୮ (ସମିସ): ଫ୍ୟୁଚର ଭୁବେନଶ୍ୱର ସ୍କୁଲର ଧୃତିମାନ ଦେ' ୬ଷ୍ଠ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ପବ୍ଲିକ୍ ସ୍କୁଲ୍ରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ଆଇଆଇଏଫ୍ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଉଦ୍ଘାଟନ କରିଥିଲାବେଳେ ଦ୍ୱାରକାମୟୀ ଆସୋସିଏଟସର ଏମ୍ଡି ରମାକାନ୍ତ ଆଚାର୍ଯ୍ୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧୃତିମାନ ୫ ରାଉଣ୍ଡରୁ ସର୍ବାଧିକ ୪ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା କେଟି ଗ୍ଲୋବାଲ ସ୍କୁଲ୍ର ଚନ୍ଦ୍ରକାନ୍ତ ପୁହାଣ ଦ୍ୱିତୀୟ, ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ତୃତୀୟ, ୟୁନିଟ-୮ ଡିଏଭି ସ୍କୁଲ୍ର ଶୁଭମ ଷଡଙ୍ଗୀ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍ର ଓମ୍ ଶତପଥୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏମାନେ ସମସ୍ତେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ମିରାଜ୍ଙ୍କୁ ୫ ୱିକେଟ୍; ଗ୍ରୀନ୍ଙ୍କ ଶତକ ବ୍ୟର୍ଥ

# ଅଷ୍ଟ୍ରେଲିଆରେ ବାଂଲାଦେଶର ଐତିହାସିକ ବିଜୟ

ଡାର୍ୱିନ, ୧୬।୮ (ଏଜେନ୍ସି)

ବିଶ୍ୱର ୧ନଂ ଟେଷ୍ଟ ଦଳ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆ ମାଟିରେ ୯ ୱିକେଟ୍ରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ । ୨୩ ବର୍ଷ ପରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ମାତ୍ର ତୃତୀୟ ମୁକାବିଲାରେ ବାଂଲାଦେଶ ଏହି ଟେଷ୍ଟ ବିଜୟ ହାସଲ କରିବାରେ ସଫଳ ହୋଇଛି। ବିଶେଷ କରି ଟେଷ୍ଟ ମାନ୍ୟତାରେ ୯ମ ସ୍ଥାନରେ ଥିବା ଦଳଠାରୁ ପରାଜିତ ହେବା ଅଷ୍ଟ୍ରେଲିଆ ଲାଗି ଅସମ୍ମାନଜନକ ବୋଲି କୁହାଯାଉଛି। ସେହିପରି ଭାରତ, ପାକିସ୍ତାନ ପରେ ବାଂଲାଦେଶ ତୃତୀୟ ଏସୀୟ ରାଷ୍ଟ୍ର ଭାବେ ବାଂଲାଦେଶ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆରେ ହରାଇବାରେ ସଫଳ ହୋଇଛି।

ଏଠାରେ ଖେଳାଯାଇଥିବା ଏହି ଟେଷ୍ଟର ପ୍ରଥମ ଇନିଂସରେ ବାଂଲାଦେଶ ୪୬୧ ରନ୍ କରି ୨୨୮ ରନ୍ରେ ଆଗୁଆ ରହିଥିଲା।



ଦ୍ୱିତୀୟ ଇନିଂସରେ କାମେରନ ଗ୍ରୀନ୍ଙ୍କ ୧୦୪ ରନ୍ ସତ୍ତ୍ୱେ ଦଳ ୨୮୪ ରନ୍ରେ ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶ ଆରେ ୫୭ ରନ୍ର ବିଜୟ ଲକ୍ଷ୍ୟ ରହିଥିଲା ଓ ଭ୍ରମଣକାରୀ ଦଳ ତାହାକୁ ମାତ୍ର ୧ ୱିକେଟ ହରାଇ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ମେହଦୀ ହାସନ ମିରାଜ ୫ଟି ୱିକେଟ ନେଇଥି ଲେ। କିନ୍ତୁ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ହାସନ ମାମୁଦଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଅଷ୍ଟ୍ରେଲିଆ ମାଟିରେ ବାଂଲାଦେଶ ଖେଳିଥିବା ଯେ କୌଣସି ଫର୍ମାଟରେ ବାଂଲାଦେଶର ଏହା ପ୍ରଥମ ବିଜୟ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ବିଜୟ। ଯେକୌଣସି ଫର୍ମାଟରେ ଏହା ଦଳର ସର୍ବଶ୍ରେଷ୍ଠ ବିଜୟ ବୋଲି ମ୍ୟାଚ୍ ପରେ ବାଂଲାଦେଶ ଅଧିନାୟକ ନଜ୍ମୁଲ ହୋସେନ୍ ଶାନ୍ତ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS